

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net


email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୨୭ ଅକ୍ଟୋବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 27 October 2026

Vol.No. 36 ■ No.280 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଛି ପୂଜାସଂଖ୍ୟା ସାଗରିକା


ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...



ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ଦସକ୍ଷାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net

୨.୧୨ ଲକ୍ଷ କୋଟିର ପ୍ରତିରକ୍ଷା ଡିଲ୍: ଶତ୍ରୁର ନିଦ ହଜାଇବ ଭାରତର ନୂଆ ଡ୍ରୋନ୍



ନୂଆଦିଲ୍ଲୀ,୨୬/୧୦ : ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଆହୁରି ମଜଭୁତ କରିବା ଦିଗରେ ଏକ ବଡ଼ ପଦକ୍ଷେପ ନିଆଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅକ୍ଟୋବର ୨୬ ତାରିଖରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ବୈଠକରେ ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିରେ ଆଧୁନିକ ତୋପ ପ୍ରଣାଳୀ, ହେଲିକପ୍ଟର, ଏୟାର ଡିଫେନ୍ସ ସିଷ୍ଟମ୍, ନିରୀକ୍ଷଣ ଉପକରଣ ଏବଂ ଦୂରଗାମୀ ଆକ୍ରମଣକାରୀ ଡ୍ରୋନ୍ ସାମିଲ ରହିଛି। ଏହି ଉପକରଣଗୁଡ଼ିକ ଦ୍ୱାରା ଭାରତୀୟ ସ୍ଥଳସେନା, ନୌସେନା ଓ ବାୟୁସେନାର ଯୁଦ୍ଧ କ୍ଷମତା, ନିରୀକ୍ଷଣ ବ୍ୟବସ୍ଥା ଏବଂ ଆକାଶମାର୍ଗରୁ ଆସୁଥିବା ବିପଦର ମୁକାବିଲା କରିବାର ଶକ୍ତି ବୃଦ୍ଧି ପାଇବ। ସବୁଠାରୁ ବଡ଼ କଥା ହେଉଛି, ମୋଟ ମଞ୍ଜୁରୀପ୍ରାପ୍ତ ପ୍ରସ୍ତାବର ପ୍ରାୟ ୮୨ ପ୍ରତିଶତ କ୍ରୟ ଭାରତୀୟ ଶିଳ୍ପସଂସ୍ଥାଗୁଡ଼ିକଠାରୁ କରାଯିବ। ଭାରତୀୟ ସ୍ଥଳସେନା ପାଇଁ ହାଇ ମୋବିଲିଟି ଭେହିକିଲ୍, ସେଲ୍ଫ ପ୍ରୋପେଲ୍ଡ ଟ୍ରାକ୍ଡ ଗନ୍ ସିଷ୍ଟମ୍, ଗନ୍ ସଟ୍ ରେସ୍ପନ୍ସ ସିଷ୍ଟମ୍, ଲାଇଟ୍ ମଲ୍ଟି-ରୋଲ୍ ହେଲିକପ୍ଟର, ଭେରି ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ୍ ଏବଂ ଡ୍ରୋନ୍ ବିରୋଧୀ ପ୍ରଣାଳୀ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହାବ୍ୟତୀତ ଦୂରଗାମୀ ମାନବବିହୀନ ବିମାନ ପ୍ରଣାଳୀ, ନିରୀକ୍ଷଣ ଡ୍ରୋନ୍, ସମନ୍ୱିତ ନିରୀକ୍ଷଣ ଓ ଆକ୍ରମଣ ପ୍ରଣାଳୀ ସହ ଦୂରଗାମୀ କାମିକାଜେ ଡ୍ରୋନ୍ କ୍ରୟକୁ ମଧ୍ୟ ଅନୁମତି ମିଳିଛି। ଏହି ଉପକରଣଗୁଡ଼ିକ ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା, ଲକ୍ଷ୍ୟ ଚିହ୍ନଟ କରିବା ଏବଂ ଆକାଶମାର୍ଗରୁ ଆସୁଥିବା ବିପଦର ମୁକାବିଲା କରିବାରେ ସହାୟକ ହେବ। ନୂଆ ହାଇ ମୋବିଲିଟି ଭେହିକିଲ୍ ଦୁର୍ଗମ ଅଞ୍ଚଳରେ ସେନାର ଯାତାୟାତ ଏବଂ ସାମରିକ ସାମଗ୍ରୀ ପରିବହନକୁ ସହଜ କରିବ। ସେହିପରି ସେଲ୍ଫ ପ୍ରୋପେଲ୍ଡ ଟ୍ରାକ୍ଡ ଗନ୍ ସିଷ୍ଟମ୍ ସାମରିକ ୟୁନିଟ୍‌ଗୁଡ଼ିକୁ ଦ୍ରୁତ ଗତିରେ ଗତିଶୀଳ ହେବା ସହ ଆକ୍ରମଣ କରିବାର କ୍ଷମତା ପ୍ରଦାନ କରିବ। ଗନ୍ ସଟ୍ ରେସ୍ପନ୍ସ ସିଷ୍ଟମ୍ ସେନାକୁ ଯୁଦ୍ଧକ୍ଷେତ୍ରରେ ତୁରନ୍ତ ସୂଚନା ଯୋଗାଇବା ସହ ପରିସ୍ଥିତିର ଆକଳନ କରିବାରେ ସହାୟତା କରିବ। ଏହାଦ୍ୱାରା ସେନାର କାର୍ଯ୍ୟକ୍ଷମତା ଓ ନିଷ୍ପତ୍ତି ନେବାର ଦକ୍ଷତା ବୃଦ୍ଧି ପାଇବ। ଲାଇଟ୍ ମଲ୍ଟି-ରୋଲ୍ ହେଲିକପ୍ଟରକୁ ଭାରତୀୟ ◆◆ପୃଷ୍ଠା ୭

୪୮ ଘଣ୍ଟାରେ ଆନ୍ଧ୍ର ଉପକୂଳ ଛୁଇଁପାରେ ବାତ୍ୟା ଅର୍ଣ୍ଣବ, ଓଡ଼ିଶାରେ ଛନକା



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ବଙ୍ଗୋପସାଗରରେ ବଢ଼ୁଛି ବାତ୍ୟାର ବଳ। ଆଉ ଘନଉଛି ବିପଦର କଳାବାଦଲ । ବାତ୍ୟା ଅର୍ଣ୍ଣବର ଦେଖାଗଲାଣି ଆଖି। କ୍ରମଶଃ ଘନୀଭୂତ ହୋଇ ଏହା ଅତି ଭୀଷଣ ବାତ୍ୟାର ରୂପ ନେବାକୁ ଯାଉଛି। ପଶ୍ଚିମ ଦିଗକୁ ଗତି କରୁଛି ସାମୁଦ୍ରିକ ଝଡ଼। ଘଣ୍ଟାପ୍ରତି ବେଗ ୧୩ କିଲୋମିଟର। ଗୋପାଳପୁରଠାରୁ ପ୍ରାୟ ୫ଶହ କିଲୋମିଟର । ବିଶାଖାପାଟଣାଠାରୁ ପ୍ରାୟ ୫୨୦ କିଲୋମିଟର ଦୂରରେ ରହିଛି ଭୀଷଣ ବାତ୍ୟା। ପାଣିପାଗ ବିଭାଗର ଆକଳନ ଅନୁସାରେ, ୨୮ ତାରିଖ ପୂର୍ବାହ୍ନରେ ବାପଟଲା ଓ ବିଶାଖାପାଟଣା ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ ଅର୍ଣ୍ଣବ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିପାରେ। ଝଟକା ପବନ ୧୪୦ କିଲୋମିଟର ଛୁଇଁବାର ଆଶଙ୍କା। ଆନ୍ଧ୍ର ଉପକୂଳରେ ବାତ୍ୟା ଲ୍ୟାଣ୍ଡଫଲ୍ କଲେ ବି ତା'ର ପ୍ରଭାବରୁ ମୁକ୍ତ ନୁହେଁ ଓଡ଼ିଶା। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବଡ଼ ବର୍ଷା ଓ ପବନର ଆଶଙ୍କା ଥିବାରୁ ବଢ଼ିଛି ଚିନ୍ତା। ବାତ୍ୟାର ଗତିପଥ ଉପରେ ରହିଛି ତୀକ୍ଷ୍ଣ ନଜର। ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ ଆକ୍ସନ୍ ମୋଡ୍‌ରେ ସରକାର । ବାତ୍ୟା ମୁକାବିଲାର ରଣନୀତି ନେଇ ମାନସମନ୍ଥନ। ମୁଖ୍ୟମନ୍ତ୍ରୀ, ◆◆ପୃଷ୍ଠା ୭

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା: ପୁଲିସର ଭୂମିକା ନେଇ ପ୍ରଶ୍ନ, ଏସ୍‌ପିଙ୍କୁ ରିପୋର୍ଟ ତଲବ

ଜଳେଶ୍ୱର, ୨୬/୧୦ (ନି.ପ୍ର): ଜଳେଶ୍ୱରର ଜହ୍ଲାଦ ! ଉଠୁଛି ପଡ଼ୁଛି ଓଡ଼ିଶା । ସରକାରଙ୍କୁ ବଦନାମ କଲା କି ବାଲେଶ୍ୱର ପୁଲିସ ? ଜଳେଶ୍ୱରରେ ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ଆକ୍ସନ ମୋଡ୍‌ରେ ଶିଶୁ ସୁରକ୍ଷା ଆୟୋଗ ଓ ବାଲେଶ୍ୱର ଏସ୍‌ପି ଓ ସମ୍ପୃକ୍ତ ସିଡିପିଓଙ୍କୁ ରିପୋର୍ଟ ତଲବ । ତଦନ୍ତ କେତେ ଆଗେଇଛି ? ମୃତଦେହରେ ପୋଡ଼ା ଚିହ୍ନ ଥିବାରୁ ସାଇଣ୍ଟିଫିକ୍ ତଦନ୍ତ କରାଯାଇଛି କି? ପ୍ରମାଣ ସଂଗ୍ରହ ଓ ଫରେନ୍‌ସିକ୍ ଯାଞ୍ଚର ସ୍ଥିତି କ'ଣ? ପୀଡ଼ିତାଙ୍କ ପରିବାରକୁ କିଭଳି ସୁରକ୍ଷା ଦିଆଯାଉଛି? ଏସବୁ ପ୍ରଶ୍ନର ଉତ୍ତର ଖୋଜିଛନ୍ତି ଆୟୋଗ । ପୁଲିସ ପକ୍ସୋ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତ ବୟାନ ବଦଳାଉଥିବାରୁ ରହସ୍ୟ ବଢ଼ୁଛି । ଯାଜପୁରର ପିହୁ ହେଉ କି ଆହୁରି ସେଭଳି ଅନେକ । ଚିନ୍ତା ବଢ଼ାଇଛି ରାଜ୍ୟରେ ନିଖୋଜ ଶିଶୁଙ୍କ ତଥ୍ୟ । ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁସାରେ, ୨୦୨୪ରେ ୬ ହଜାର ୮୩୮ ଶିଶୁ ନିଖୋଜ ହୋଇଥିଲେ । ୫ ହଜାର ୯୪୨ ଜଣଙ୍କୁ ଠାବ କରାଯାଇଥିଲା । ୨୦୨୫ରେ ୮ ହଜାର ୨୦୬ ନିଖୋଜଙ୍କ ମଧ୍ୟରୁ ୬ ହଜାର ୩୬ ଜଣ ଠାବ ହୋଇଥିଲେ । ବିଧାନସଭାରେ ଉପସ୍ଥାପିତ ଅନ୍ୟ ଏକ ତଥ୍ୟ ଅନୁସାରେ, ୨୦୨୪ରୁ ୨୦୨୫ ନଭେମ୍ବର ପର୍ଯ୍ୟନ୍ତ ଶିଶୁ ହେଲ୍ପଲାଇନ୍‌ରେ ୧୧ ହଜାର ୩୩୭ଟି ନିଖୋଜ ଶିଶୁଙ୍କ ରିପୋର୍ଟ ଆସିଥିଲା। ସେଥିରୁ ୨ ହଜାର ୯୭୫ ଜଣଙ୍କ ପତ୍ତା ମିଳିନଥିଲା । ନାବାଳିକାଙ୍କୁ ନ୍ୟାୟ କେବେ? ଜଳେଶ୍ୱର ଘଟଣାରେ ତଦନ୍ତକୁ ଖାମଖିଆଲ ଭାବେ କାହିଁକି ନେଲା ପୁଲିସ? ପ୍ରଥମ ଦିନରୁ ହିଁ ନାବାଳିକା ନିଖୋଜ ନେଇ ରିପୋର୍ଟ ଦେଇଥିଲେ ବି ପୁଲିସ ଚୁପ୍ ବସିଥିଲା କାହିଁକି? ଅଭିଯୁକ୍ତକୁ ବାରମ୍ବାର ଜେରା କରି ଛାଡ଼ି ଦେବା ପଛରେ କ'ଣ ଥିଲା ଉଦ୍ଦେଶ୍ୟ? ପୁଲିସ ପ୍ରଥମରୁ ତତ୍ପର ହୋଇଥିଲେ, ହୁଏତ ଝିଅଟି ରକ୍ଷା ପାଇଯାଆନ୍ତା ।

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଜୋରଦାର ପ୍ରସ୍ତୁତି: ଘର ଘର ବୁଲି ଭୋଟର ତାଲିକା ଯାଞ୍ଚ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): ପଂଚାୟତ ଓ ପୌର ନିର୍ବାଚନ ପାଇଁ ସାରାରାଜ୍ୟରେ ଆରମ୍ଭ ହୋଇଛି ସର୍ଭେ। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ଘର ଘର ବୁଲି ସର୍ଭେ କରୁଛନ୍ତି ବୁଥ୍ ଲେବୁଲ ଅଧିକାରୀ। ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକା ଅନୁସାରେ ସର୍ଭେ କରୁଛନ୍ତି। ବିଏଲଓ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସୁପର ଭାଇଜର ମିଶି ଲୋକଙ୍କୁ, ତାଲିକା ଥିବା ଭୋଟରଙ୍କ ସମ୍ପର୍କରେ ପଚାରି ବୁଝୁଛନ୍ତି। ଘର କାନ୍ଥରେ ନମ୍ବର ଲେଖୁଛନ୍ତି। ନୂଆ ଭୋଟରଙ୍କ ନାଁ ଯୋଡ଼ିବା ସହ ମୃତକଙ୍କ ନାଁକୁ ତାଲିକାରେ ବାଦ ଦେଉଛନ୍ତି । ସର୍ଭେ ଶେଷ ହେବା ପରେ ପ୍ରସ୍ତୁତ ହେବ ଡ୍ରାଫ୍ଟ ତାଲିକା। ୨୦୨୭ ଜାନୁୟାରୀ ୧ ତାରିଖରେ ଡ୍ରାଫ୍ଟ ତାଲିକା ପ୍ରକାଶ ପାଇବ । ଜାନୁୟାରୀ ୨୫ତାରିଖ ଯାଏଁ ଆପତ୍ତି ଅଭିଯୋଗ ଶୁଣିବେ ରାଜ୍ୟ ନିର୍ବାଚନ କମିସନ। ୨୦୨୭ ଫେବୃଆରି ୯ ତାରିଖରେ ପ୍ରକାଶ ପାଇବ ଚୂଡ଼ାନ୍ତ ଭୋଟର ତାଲିକା। ଗୋଟିଏ ପରିବାରର ଭୋଟରଙ୍କୁ ଗୋଟିଏ ବୁଥ୍। ଏବଂ ପ୍ରତି ୱାର୍ଡର ଭୋଟରଙ୍କୁ ନିଜ ୱାର୍ଡ ମଧ୍ୟରେ ସୀମିତ ରଖିବାକୁ ଏହି ତାଲିକା ପ୍ରସ୍ତୁତ କରାଯାଉଛି । ପଂଚାୟତ ଓ ପୌର ନିର୍ବାଚନ ପାଇଁ କମିସନ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ସରକାରଙ୍କ ତରଫରୁ ସୀମା ପୁନଃ ନିର୍ଦ୍ଧାରଣ, ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ନିର୍ବାଚନ ନେଇ ବିଜ୍ଞପ୍ତି ଜାରି କରିବେ ରାଜ୍ୟ ନିର୍ବାଚନ ଆୟୋଗ।

ଟେରର ଫଣ୍ଡିଂ ମାମଲାରେ ଝାଡ଼ଖଣ୍ଡ ହାଇକୋର୍ଟରୁ ଜାମିନ ପାଇଲେ ସୁଭାନ୍ ମିଆଁ

ରାଂଚି, ୨୬ ଅକ୍ଟୋବର (ହି.ସ.)- ଝାଡ଼ଖଣ୍ଡର ଚତରା ଜିଲ୍ଲାର ଟଣ୍ଡୱା ସ୍ଥିତ ମଗଧ ଏବଂ ଆମ୍ରପାଲି କୋଇଲା ପ୍ରକଳ୍ପ ସହ ଜଡିତ ଆତଙ୍କବାଦୀ ପାଣ୍ଠି ମାମଲାରେ ଦଣ୍ଡ ଭୋଗୁଥିବା ସୁଭାନ୍ ମିଆଁଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ସୁଭାନ୍ ମିଆଁଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଅନ୍ତରୀଣ ଆବେଦନ (ଆଇଏ) ର ଶୁଣାଣି କରି ଜଷ୍ଟିସ୍ ରଙ୍ଗନ ମୁଖୋପାଧ୍ୟାୟଙ୍କ ଅଦାଲତ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ସୁଭାନ୍ ମିଆଁ ସାଢ଼େ ଛଅ ବର୍ଷରୁ ଅଧିକ ସମୟ ଜେଲରେ ବିତାଇଥିବା ଦର୍ଶାଇ ଜାମିନ ଆବେଦନ କରିଥିଲେ। ଶୁଣାଣି ସମୟରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ବରିଷ୍ଠ ଓକିଲ ଅମିତ କୁମାର ଦାସ ଏବଂ ଓକିଲ ସୌରଭ କୁମାର ପକ୍ଷ ରଖିଥିଲେ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ କୋର୍ଟ ସୁଭାନ ମିଆଁଙ୍କୁ ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ◆◆ପୃଷ୍ଠା ୭

ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ତେଜିଲା ରାଜନୀତି: ଭୁବନେଶ୍ୱରରେ ବିଜେପିର ରଣହୁଙ୍କାର




ଭୁବନେଶ୍ୱର, ୨୬/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ କଥିତ ଅପମାନଜନକ ମନ୍ତବ୍ୟକୁ ନେଇ ତେଜିଛି ରାଜନୀତି। ଏହାର ପ୍ରତିବାଦରେ ଆଜି ଓଡ଼ିଶାରେ ବିଜେପି ପକ୍ଷରୁ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ତାଙ୍କୁ ନିଃସର୍ତ୍ତ କ୍ଷମା ମାଗିବାକୁ ଦାବି କରିଛି ଦଳ। ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ରାଜନୀତିରେ ଉଷ୍ମତା ବଢ଼ିଥିବା ବେଳେ ବିଜେପି କର୍ମୀଙ୍କ ପ୍ରତିବାଦରେ କମ୍ପିଛି ରାଜଧାନୀ ଭୁବନେଶ୍ୱର। ବିଜେପିର ରାଜ୍ୟ କାର୍ଯ୍ୟାଳୟରୁ ଏକ ବିଶାଳ ପ୍ରତିବାଦ ରାଲି ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ଅଭିମୁଖେ ଯାଇଥିଲା। ଏହି ରାଲିରେ ବିଜେପି ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା ସମେତ ଦଳର ବିଭିନ୍ନ ସଂଗଠନର କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ବ୍ୟକ୍ତିଗତ ଆକ୍ଷେପ ଓ ଅପମାନଜନକ ମନ୍ତବ୍ୟକୁ ଦଳ ଆଦୌ ଗ୍ରହଣ କରିବ ନାହିଁ ବୋଲି ପ୍ରତିବାଦକାରୀମାନେ କହିଥିଲେ। ବିକ୍ଷୋଭକାରୀମାନେ 'ପ୍ରଧାନ ମନ୍ତ୍ରୀଙ୍କ ପ୍ରତି ଅପମାନ ସହିବ ନାହିଁ ହିନ୍ଦୁସ୍ତାନ' ଭଳି ସ୍ଲୋଗାନ ଦେଇ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ। ଖଡ଼ଗେ ନିଜ ମନ୍ତବ୍ୟ ପାଇଁ ଦେଶବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମା ମାଗନ୍ତୁ ବୋଲି ବିଜେପି ଦାବି କରିଛି। ଅନ୍ୟପଟେ, ରାଲିଟି ମାଷ୍ଟର କ୍ୟାଣ୍ଟିନ ଛକରେ ପହଞ୍ଚିବା ପରେ କଂଗ୍ରେସ ଭବନ ଘେରାଉ କରିବାକୁ ଯିବା ସମୟରେ ପୋଲିସ ସହ ବିଜେପି କର୍ମୀଙ୍କ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ◆◆ପୃଷ୍ଠା ୭

ଲୋକ ଭବନରେ ସାଧୁତାର ଶପଥ ପାଠ ଅନୁଷ୍ଠିତ

ଭୁବନେଶ୍ୱର, ୨୬/୧୦ (ନି.ପ୍ର): କେନ୍ଦ୍ରିୟ ସତର୍କତା ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ୨୬ ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ସୋମବାର ଦିନ ଲୋକଭବନର ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ପାଠ କରିଛନ୍ତି । ଏହି ଉପଲକ୍ଷେ ଅଭିଷେକ ହଲଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଡ଼ଃ ଲଲାଟେନ୍ଦୁ ସାହୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

ଏସଆଇଆର ନିଷ୍ପତ୍ତିକୁ ନେଇ ନିର୍ବାଚନ ଆୟୋଗର ସଫେଇ: 'ସର୍ବସମ୍ମତିରେ ହୋଇଥିଲା ନିଷ୍ପତ୍ତି'



ନୂଆଦିଲ୍ଲୀ,୨୬/୧୦ : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନକୁ ନେଇ ଜାରି ରହିଛି ବିବାଦ। ଏହାରି ମଧ୍ୟରେ ସୁପ୍ରିମକୋର୍ଟରେ ନିଜ ପକ୍ଷ ରଖିଛନ୍ତି ନିର୍ବାଚନ ଆୟୋଗ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏକାକୀ ନିଷ୍ପତ୍ତି ନେଉଥିବା ନେଇ ଉଠିଥିବା ଅଭିଯୋଗକୁ ଖାରଜ କରିଛି ଆୟୋଗ। ଏନେଇ ସୁପ୍ରିମକୋର୍ଟରେ ◆◆ପୃଷ୍ଠା ୭

ରାହୁଲଙ୍କୁ କୋର୍ଟରୁ ଆଶ୍ୱସ୍ତି, ତଥାପି ଥମିନି ମାନହାନି ଲଢ଼େଇ: ରାୟକୁ ଚ୍ୟାଲେଞ୍ଜ କରିବେ ଅଭିଯୋଗକାରୀ



ନୂଆଦିଲ୍ଲୀ,୨୬/୧୦ : ଉତ୍ତରପ୍ରଦେଶର ସୁଲତାନପୁର ଏମପି-ଏମଏଲଏ କୋର୍ଟରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ବିଜେପିର ତତ୍କାଳୀନ ଜାତୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ନେଇ ଦେଇଥିବା କଥିତ ଆପତ୍ତିଜନକ ମନ୍ତବ୍ୟ ସମ୍ପର୍କିତ ମାନହାନି ମାମଲାରେ ରାହୁଲଙ୍କୁ ଅଦାଲତ ଦୋଷମୁକ୍ତ କରିଛନ୍ତି। ତେବେ କୋର୍ଟଙ୍କ ଏହି ରାୟକୁ ଉପର ଅଦାଲତରେ ଚ୍ୟାଲେଞ୍ଜ କରିବାକୁ ଅଭିଯୋଗକାରୀ ପକ୍ଷ ପ୍ରସ୍ତୁତ ହେଉଛି। ଏହାକୁ ନେଇ ମାମଲାରେ ପୁଣି ଆଇନଗତ ଲଢ଼େଇ ଆରମ୍ଭ ହେବାର ସମ୍ଭାବନା ରହିଛି। ଅଭିଯୋଗକାରୀ ପକ୍ଷର ଓକିଲ ସନ୍ତୋଷ ପାଣ୍ଡେଙ୍କ କହିବା ଅନୁସାରେ, ଅଦାଲତଙ୍କ ରାୟର ନକଲ ସଂଗ୍ରହ କରି ତାହାର ଅଧ୍ୟୟନ କରାଯିବ। ଏହାପରେ ଅପିଲେଟ୍ କୋର୍ଟରେ ଆବେଦନ ଦାଖଲ କରାଯିବ। ଏହି ମାମଲାରେ ରାହୁଲ ଗାନ୍ଧୀଙ୍କ ବକ୍ତବ୍ୟର ସିଡିର ପ୍ରାମାଣିକତା, ବକ୍ତବ୍ୟକୁ ମାନହାନିକାରକ ବୋଲି ବିବେଚନା କରାଯାଇପାରିବ କି ନାହିଁ ଏବଂ ଅଭିଯୋଗ ଦାଖଲ କରିବାର ଅଧିକାରକୁ ନେଇ ପ୍ରଶ୍ନ ଉଠିଥିଲା। ଓକିଲଙ୍କ ଦାବି ଅନୁଯାୟୀ, କୋର୍ଟ ବକ୍ତବ୍ୟର ସିଡିକୁ ପ୍ରାମାଣିକ ବୋଲି ଗ୍ରହଣ କରିଥିଲେ ମଧ୍ୟ ଏହାକୁ ମାନହାନିକାରକ ବୋଲି ମାନିନାହାନ୍ତି। ଏଥିସହ ଅଭିଯୋଗକାରୀଙ୍କ ଅଭିଯୋଗ ଦାଖଲ କରିବାର ◆◆ପୃଷ୍ଠା ୭

ଅରୁଣାଚଳ ପ୍ରଦେଶର ହିଂସା ପ୍ରଭାବିତ ପାସିଘାଟରେ ଆରଏଫ୍ ମୁତୟନ

ନୂଆଦିଲ୍ଲୀ,୨୬/୧୦ : ଅରୁଣାଚଳ ପ୍ରଦେଶର 'ସିୟାଙ୍ଗ ଅପର ମଲ୍ଟିପର୍ପଜ୍ ପ୍ରୋଜେକ୍ଟ'କୁ ବିରୋଧ କରି ପୂର୍ବ ସିୟାଙ୍ଗ ଜିଲ୍ଲାର ଯୁବକମାନେ ପାସିଘାଟରେ ବ୍ୟାପକ ହିଂସାକାଣ୍ଡ ଘଟାଇବା ପରେ, ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ସେଠାରେ ରାପିଡ୍ ଆକ୍ସନ୍ ଫୋର୍ସ (ଆରଏଫ୍) ଏବଂ ସିଆରପିଏଫ୍ର ଦୁଇଟି କମ୍ପାନୀ ମୁତୟନ କରିଛନ୍ତି। ରିପୋର୍ଟ ଅନୁଯାୟୀ, ରବିବାର ସନ୍ଧ୍ୟାରୁ ହିଁ ଆରଏଫ୍ର ମୁତୟନ ଆରମ୍ଭ ହୋଇଯାଇଛି। ପ୍ରାୟ ୨୫୦ ଜଣ ଆରଏଫ୍ ଯବାନ ପାସିଘାଟରେ ପହଂଚିଥିଲେ। ସେମାନଙ୍କୁ ଭାରତୀୟ ବାୟୁସେନାର ବିମାନ ଯୋଗେ ସେଠାକୁ ନିଆଯାଇଥିଲା। ସୂତ୍ର ଅନୁଯାୟୀ, ଶନିବାର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ନିର୍ଦ୍ଦେଶ ପରେ ପ୍ରାୟ ୨୫୦ ଜଣ ଯବାନଙ୍କୁ ନେଇ ଗଠିତ ଆରଏଫ୍ର ଦୁଇଟି କମ୍ପାନୀକୁ ନଭି ମୁମ୍ବାଇରୁ ଭାରତୀୟ ବାୟୁସେନାର ଏକ ପରିବହନ ବିମାନ ମାଧ୍ୟମରେ ଏୟାରଲିଫ୍ଟ କରାଯାଇଥିଲା। ଏହି ଦଳଗୁଡ଼ିକ ରବିବାର ହିଁ ପାସିଘାଟରେ ପହଂଚିଥିଲେ। ସେମାନଙ୍କୁ ସେଠାରେ ମୁତୟନ କରାଯାଇଛି। ଅରୁଣାଚଳ ପ୍ରଦେଶର ସିୟାଙ୍ଗ ଅଂଚଳରେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ରାପିଡ୍ ଆକ୍ସନ୍ ଫୋର୍ସକୁ ପାସିଘାଟ ପଠାଯାଇଛି।

୪୯ ନଂ ଜାତୀୟ ରାଜପଥର ଦୁର୍ଦ୍ଦଶା : ଦୋହରୀକରଣ ବିଳମ୍ବ ହେଲେ ଆନ୍ଦୋଳନ

ଝାରସୁଗୁଡ଼ା,୨୬/୧୦ (ନି.ପ୍ର): ମରଣଯନ୍ତା ପାଲଟିଛି ୪୯ ନଂ ଜାତୀୟ ରାଜପଥ। ଝାରସୁଗୁଡ଼ାର ପ୍ରସନ୍ନ ପଣ୍ଡା ଛକରୁ ଛତିଶଗଡ଼ ସୀମାନ୍ତ କନକତୋରା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ରାସ୍ତାରୁ ପିଚୁ ଉଠିଯିବା ସହ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଏହି ରାଜପଥରେ ଯାତାୟାତ କରିବା ଯାତ୍ରୀଙ୍କ ପାଇଁ ବିପଦପୂର୍ଣ୍ଣ ହୋଇପଡ଼ିଛି। ରାସ୍ତାର ତୁରନ୍ତ ମରାମତି ଓ ଦୋହରୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗାମୀ ଦିନରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଏହି ଜାତୀୟ ରାଜପଥ ଦେଇ ପ୍ରତିଦିନ ହଜାର ହଜାର ଭାରୀଯାନ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟର କଳକାରଖାନାକୁ କଂଚାମାଲ ପରିବହନ କରୁଛନ୍ତି। ଭାରୀଯାନର ଦ୍ରୁତଗତି, ଓଭରଲୋଡିଂ ଏବଂ ରାସ୍ତାରେ ଧୂଳି, ପାଉଁଶ ଓ କୋଇଲା ଗୁଣ୍ଡ ଉଡ଼ିବା ଯୋଗୁଁ ସ୍ଥାନୀୟ ଲୋକେ ଅତିଷ୍ଠ ହୋଇପଡ଼ିଛନ୍ତି। ରାସ୍ତାର ଖାଲଖମା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚାଳକଙ୍କ ପାଇଁ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ଏଭଳି ସ୍ଥିତିରେ ଜାତୀୟ ରାଜପଥର ରକ୍ଷଣାବେକ୍ଷଣ ଓ ମରାମତିକୁ ନେଇ ଏନ୍‌ଏଚ୍‌ଏଆଇର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି।

ଅନ୍ୟପକ୍ଷରେ, ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ୪୯ ନଂ ଜାତୀୟ ରାଜପଥର ଦୋହରୀକରଣ ପାଇଁ କେନ୍ଦ୍ର ସରକାରଙ୍କ ଅର୍ଥ ମଞ୍ଜୁରୀ ଓ ଗେଜେଟ୍ ବିଜ୍ଞପ୍ତିକୁ ସ୍ୱାଗତ କରାଯାଇଛି। ତେବେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ୩ରୁ ୪ ବର୍ଷ ଲାଗିପାରେ। ତେଣୁ ଦୋହରୀକରଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ଯାତ୍ରୀଙ୍କ ସୁରକ୍ଷାକୁ ଅଣଦେଖା ନକରିବାକୁ ଦାବି ହୋଇଛି। ରାସ୍ତାର ତୁରନ୍ତ ମରାମତି, ଓଭରଲୋଡିଂ ଓ ବେପରୁଆ ଗାଡ଼ି ଚାଳନା ଉପରେ ନିୟନ୍ତ୍ରଣ, ଯାନବାହନର ଫିଟ୍‌ନେସ୍ ଯାଂଚ୍, ବିପଦପୂର୍ଣ୍ଣ ଛକ ଓ ବୁଲାଣିରେ ସତର୍କ ସୂଚନାଫଳକ ସହ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଅଂଚଳବାସୀ ଦାବି କରିଛନ୍ତି। ସେହିପରି ଧୂଳି ଓ ପାଉଁଶ ନିୟନ୍ତ୍ରଣ ପାଇଁ ନିୟମିତ ଜଳ ସିଂଚନ, ମାଲବାହୀ ଗାଡ଼ିରେ ତାରପୋଲିନ୍ ବ୍ୟବହାର ଏବଂ ଦୁର୍ଘଟଣାପ୍ରବଣ ଅଂଚଳରେ ତ୍ୱରିତ ଚିକିତ୍ସା ସେବା ଯୋଗାଇବା ଉପରେ ଗୁରୁତ୍ୱ ଦିଆଯାଇଛି।

ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ, ପରିବହନ ବିଭାଗ ଓ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ମଧ୍ୟରେ ମିଳିତ ବୈଠକ ଡାକି ଠୋସ୍ ପଦକ୍ଷେପ ନେବାକୁ ଦାବି ହୋଇଛି। ଜନସାଧାରଣଙ୍କ ଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇ ରାସ୍ତା ମରାମତି ଓ ଦୋହରୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରାନଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।

ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ଓ ଅବପାତର ପ୍ରଭାବରେ ହେବାକୁ ଥିବା କ୍ଷୟକ୍ଷତି ସମ୍ପର୍କରେ ବ୍ୟବସ୍ଥା

ବଲାଙ୍ଗୀର,୨୬/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ' ଓ ଅବପାତର ପ୍ରଭାବରେ ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ବଲାଙ୍ଗୀର ଜିଲ୍ଲାରେ ଏହାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି ପରାମର୍ଶ ଜାରି କରାଯାଇଛି। ପରାମର୍ଶ ଅନୁଯାୟୀ, ୮୦ରୁ ୮୫ ପ୍ରତିଶତ ପାଚିଯାଇଥିବା ଧାନକୁ ବର୍ଷା ପୂର୍ବରୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ ଚାଷୀଙ୍କୁ କୁହାଯାଇଛି। ଅମଳ ଧାନକୁ ସ୍ଥାନାନ୍ତର କରିବା ସମ୍ଭବ ନହେଲେ ପଲିଥିନ୍‌ରେ ଘୋଡ଼ାଇ ରଖିବା ସହ ଜମିରୁ ଜଳ ନିଷ୍କାସନ ପାଇଁ ନାଳୀ କରିବାକୁ ପରାମର୍ଶ ଦିଆଯାଇଛି। ବର୍ଷା ସମୟରେ ସାର ପ୍ରୟୋଗ ଓ କୀଟନାଶକ ସିଂଚନ ସାମୟିକ ଭାବେ ବନ୍ଦ ରଖିବାକୁ ମଧ୍ୟ କୁହାଯାଇଛି।

ସେହିପରି, ମକା, ମାଣ୍ଡିଆ, ମୁଗ ଓ ବିରି ଭଳି ଅମଳ ଉପଯୋଗୀ ଫସଲ ସମେତ ପନିପରିବାକୁ ବର୍ଷା ପୂର୍ବରୁ ଅମଳ କରିନେବାକୁ ପରାମର୍ଶ ଦିଆଯାଇଛି। ଆଖୁ ଗଛ ଉପୁଡ଼ିବା କିମ୍ବା ଭାଙ୍ଗିପଡ଼ିବା ଆଶଙ୍କା ଏଡ଼ାଇବା ପାଇଁ ଗଛଗୁଡ଼ିକୁ ବାନ୍ଧି ରଖିବା ସହ କଦଳୀ ଓ ଅମୃତଭଣ୍ଡା ଗଛକୁ ବାଡ଼ି କିମ୍ବା ବାଉଁଶ ସାହାଯ୍ୟରେ ଆଧାର ଦେବାକୁ କୁହାଯାଇଛି। ପନିପରିବା ଜମିରେ ଜଳ ଜମି ରହିଲେ ତୁରନ୍ତ ନିଷ୍କାସନ ବ୍ୟବସ୍ଥା କରିବା ସହ ଫସଲକୁ ରୋଗପୋକ ଦାଉରୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବର୍ଷା ଓ ବାତ୍ୟାର ମୁକାବିଲା ପାଇଁ ଜଳ ବିଭାଜିକା ପ୍ରକଳ୍ପ, ଚେକ୍‌ଡ୍ୟାମ୍, ମାଟିବନ୍ଧ ଓ କ୍ଷେତ ପୋଖରୀଗୁଡ଼ିକର ସ୍ଥିତି ଯାଂଚ କରିବା ସହ ଆବଶ୍ୟକ ମରାମତି କରାଯିବ। ଜଳ ନିଷ୍କାସନ ନାଳୀ ସଫା କରିବା, ଜଳ ପ୍ରବାହରେ ବାଧା ସୃଷ୍ଟି କରୁଥିବା ଆବର୍ଜନା ହଟାଇବା ଏବଂ ବିପଦପ୍ରବଣ ସ୍ଥାନଗୁଡ଼ିକ ଉପରେ ନଜର ରଖିବା ସହ ଆବଶ୍ୟକ ସ୍ଥଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚିତ ପଦକ୍ଷେପ ନିଆଯିବ।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ଚାଷୀଙ୍କ ବିଜ୍ଞାପିତ ଫସଲର କ୍ଷତି ହେଲେ, ୭୨ ଘଂଟା ମଧ୍ୟରେ ୧୪୪୪୭ ଟୋଲ୍-ଫ୍ରି ନମ୍ବର ଯୋଗାଯୋଗ କିମ୍ବା ୭୦୬୫୫୧୪୪୪୭ ହ୍ୱାଟ୍ସଆପ୍ ଚାଟ୍‌ବଟ୍ ମାଧ୍ୟମରେ ସୂଚନା ଦେବାକୁ ଚାଷୀଙ୍କୁ ଅନୁରୋଧ କରାଯାଇଛି। ଚାଷୀଙ୍କ ସମସ୍ୟାର ସମାଧାନ ଓ କୃଷି ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି। ଚାଷୀମାନେ ସକାଳ ୮ଟାରୁ ରାତି ୮ଟା ମଧ୍ୟରେ ୧୫୫୩୩୩ ଟୋଲ୍-ଫ୍ରି ନମ୍ବରରେ ଯୋଗାଯୋଗ କରି ଆବଶ୍ୟକ ପରାମର୍ଶ ଓ ସହାୟତା ନେଇପାରିବେ। ଚାଷୀମାନେ ପାଣିପାଗର ସ୍ଥିତି ଉପରେ ନଜର ରଖିବା ସହ ନିଜ ଫସଲ ଓ ଅମଳ ହୋଇଥିବା ଶସ୍ୟର ସୁରକ୍ଷା ପାଇଁ ଆଗୁଆ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

କାଣୀ ନଦୀ ମୁହାଣ ବନ୍ଦକୁ ବିରୋଧ, ପ୍ରତିବାଦ ସଭା, ମୁଖ୍ୟମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର; ବଡ଼ ଆନ୍ଦୋଳନ ପାଇଁ ନିଷ୍ପତି

ଭଦ୍ରକ,୨୬/୧୦ (ନି.ପ୍ର): ଯାଜପୁର ଜିଲ୍ଲାରେ ବନ୍ୟା ନିୟନ୍ତ୍ରଣ ନାମରେ କାଣୀ ନଦୀର ମୁହାଣରେ ପଥର ବନ୍ଧ କରାଯାଉଥିବାକୁ ନେଇ ଭଦ୍ରକ ଜିଲ୍ଲାର ଧାମନଗର ଅଂଚଳରେ ଅସନ୍ତୋଷ ତୀବ୍ର ହୋଇଛି। ଏହାର ପ୍ରତିବାଦରେ ରବିବାର ଦୋବଲ କାଳୀପଡ଼ିଆରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ବୈତରଣୀ ନଦୀକୂଳରେ ବସବାସ କରୁଥିବା ଅଂଚଳବାସୀ ଏଥିରେ ଯୋଗଦେଇ କାଣୀ ନଦୀର ମୁହାଣକୁ ପୂର୍ବଭଳି ରଖିବା ସହ ଚାଲିଥିବା ପଥର ବନ୍ଧ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଏବଂ ଜଳସମ୍ପଦ ବିଭାଗକୁ ଅଭିଯୋଗପତ୍ର ପ୍ରଦାନ କରିବାକୁ ଶତାଧିକ ଦସ୍ତଖତ ସଂଗ୍ରହ କରି ଅଭିଯୋଗ ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା। ଧାମନଗରର ହିତ ପାଇଁ କାଣୀ ନଦୀର ମୁହାଣରେ ପଥର ପ୍ୟାକିଂ କାର୍ଯ୍ୟ ବନ୍ଦ କରିବା ସହ ନଦୀର ପ୍ରାକୃତିକ ଜଳପ୍ରବାହ ଯେପରି ବାଧାପ୍ରାପ୍ତ ନହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ସମାବେଶରେ ଯୋଗଦେଇଥିବା ଲୋକଙ୍କ ମତରେ, କାଣୀ ନଦୀ ବୈତରଣୀର ଅତିରିକ୍ତ ବନ୍ୟାଜଳ ନିଷ୍କାସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହାର ମୁହାଣକୁ ପଥର ବନ୍ଧ ଦ୍ୱାରା ଅବରୋଧ କରାଗଲେ ଧାମନଗର ଓ ଚାନ୍ଦବାଲି ଅଂଚଳରେ ବନ୍ୟା ବିପଦ ବଢ଼ିବା ସହ ଚାଷଜମି ଓ ଜନବସତି କ୍ଷତିଗ୍ରସ୍ତ ହେବ। ତେଣୁ ଯାଜପୁର ଅଂଚଳକୁ ବନ୍ୟାରୁ ସୁରକ୍ଷା ଦେବା ପାଇଁ ଭଦ୍ରକ ଜିଲ୍ଲାର ଧାମନଗର ଅଂଚଳର ଲୋକଙ୍କୁ ବିପଦ ମଧ୍ୟକୁ ଠେଲି ଦିଆ ନଯାଉ ବୋଲି ଦାବି ଉଠିଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଂଚଳବାସୀଙ୍କୁ ଏକଜୁଟ କରି ବ୍ୟାପକ ଜନଆନ୍ଦୋଳନ କରିବାକୁ ସମାବେଶରେ ନିଷ୍ପତି ହୋଇଛି। ଦଳମତ ନିର୍ବିଶେଷରେ ଧାମନଗର ଓ ଚାନ୍ଦବାଲି ଅଂଚଳର ବନ୍ୟା ସୁରକ୍ଷା ପ୍ରସଙ୍ଗରେ ସମସ୍ତେ ଏକାଠି ହୋଇ ଦାବି ଉପସ୍ଥାପନ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ପ୍ରତିବାଦ ସଭାରେ ଗାନ୍ଧୀ ଜନ କଲ୍ୟାଣ ସମିତି ଆନୁକୂଲ୍ୟରେ ସଞ୍ଜୟ କୁମାର ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ଦାଶ, ପ୍ରମୋଦ ନାୟକ, ପ୍ରଭାତ ପଣ୍ଡା, ମାନସ ମହାପାତ୍ର, ପ୍ରମୋଦ ସ୍ୱାଇଁ, ରଜତ ପଣ୍ଡା, ମହେଶ୍ୱର ରାଉତ, ସେକ ମୁସ୍ତାକ, ସୁଶାନ୍ତ ପଣ୍ଡା, ଚିନ୍ତାମଣି ବାରିକ, ତାରିଖ ହୋସେନ, ଗୋଲାମ ବାବୁ, ସୁଧାଂଶୁ ନାୟକ, ଦିଲୀପ ବେହେରା, ବୀରେନ୍ଦ୍ର ଦାଶ ଓ ଜାକେଶ ଦାଶ ସମେତ ଉପସ୍ଥିତ ଥିଲେ।

ଜୟପୁର ମୁଖ୍ୟ ଡାକଘର ସ୍ଥାନାନ୍ତର ପ୍ରସ୍ତାବକୁ ନାଗରିକ କମିଟିର ବିରୋଧ

ଜୟପୁର,୨୬/୧୦ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ବାଣିଜ୍ୟକ ଓ ବ୍ୟବସାୟିକ ପ୍ରାଣକେନ୍ଦ୍ର ଜୟପୁର ସହରରୁ ବହୁ ପୁରାତନ ମୁଖ୍ୟ ଡାକଘର ଓ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଡାକ ବିଭାଗ ପକ୍ଷରୁ ଚାଲିଥିବା ପ୍ରକ୍ରିୟାକୁ ନାଗରିକ କମିଟି ବିରୋଧ କରିଛି । ଜୟପୁର ଠାରେ ନାଗରିକ କମିଟି ଏକ ସାମ୍ବାଦିକ ସମ୍ମିଳନୀ କରି ଉଦବେଗ ପ୍ରକାଶ କରିଛନ୍ତି ସଭାପତି ବିନୋଦିନୀ ସନ୍ତାପତ୍ର କ୍ଷ ପ୍ରଶାସନିକ ସୁବିଧା ପାଇଁ ନୂତନ ନବରଙ୍ଗପୁର ଡାକ ଡିଭିଜନ ଗଠନକୁ ସ୍ୱାଗତ କରାଯାଉଥିଲେ ହେଁ, ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରମୁଖ ସହର ଜୟପୁରରୁ ପୁରୁଣା ଓ ପ୍ରତିଷ୍ଠିତ ଡାକ ସେବା କେନ୍ଦ୍ରଗୁଡ଼ିକୁ ଛଡ଼ାଇ ନେବା ଅତ୍ୟନ୍ତ ଅନ୍ୟାୟପୂର୍ଣ୍ଣ ଏବଂ ସହରର ଗୌରବ ଉପରେ ଚରମ ଆଘାତ ବୋଲି 'ଜୟପୁର ନାଗରିକ କମିଟି' ଅଭିଯୋଗ କରିଛି। ଏହି ନିଷ୍ପତ୍ତିର ତୁରନ୍ତ ପୁନର୍ବିଚାର ପାଇଁ ନୂଆଦିଲ୍ଲୀସ୍ଥିତ ଭାରତୀୟ ଡାକ ବିଭାଗର ମହାନିର୍ଦ୍ଦେଶକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଓଡ଼ିଶା ଡାକ ସର୍କଲ ପ୍ରଶାସନ ପକ୍ଷରୁ ଆସନ୍ତା ନଭେମ୍ବର ୧ ତାରିଖରୁ ନୂଆ ନବରଙ୍ଗପୁର ଡାକ ଡିଭିଜନ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଏହି ଯୋଜନା ଅନୁଯାୟୀ, ବର୍ତ୍ତମାନ କୋରାପୁଟ ଡିଭିଜନ ଅଧୀନରେ ଥିବା ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନ ଅଧୀନକୁ ନିଆଯିବା ସହ ଜୟପୁରରେ ଥିବା କୋରାପୁଟ ପୋଷ୍ଟାଲ୍ ଡିଭିଜନାଲ୍ ଅଫିସକୁ କୋରାପୁଟକୁ ସ୍ଥାନାନ୍ତର କରାଯିବ। ଏହା ବ୍ୟତୀତ ଜୟପୁର ପୌରାଞ୍ଚଳର ଶ୍ରୀରାମ ନଗର, ବି.ଡି. ପୁର ଏବଂ ସିଭିଲ୍ କୋର୍ଟ ଭଳି ତିନୋଟି ଗୁରୁତ୍ୱପୂର୍ଣ୍ଣ ଉପ-ଡାକଘରକୁ ମଧ୍ୟ ନବରଙ୍ଗପୁର ଡିଭିଜନ ଅଧୀନରେ ସାମିଲ କରାଯିବାକୁ ପ୍ରସ୍ତାବ ରହିଛି। ଏହା ଦ୍ୱାରା ସହର ତଥା ଗ୍ରାମାଞ୍ଚଳର ବରିଷ୍ଠ ନାଗରିକ, ପେନସନ ଭୋଗୀ, ବ୍ୟବସାୟୀ ଏବଂ ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି କମିଟି ଅଭିଯୋଗ କରିଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଜୟପୁର ସହର କ୍ରମାଗତ ଭାବେ ନିଜର ଗାରିମା ଓ ସରକାରୀ ପ୍ରତିଷ୍ଠାନଗୁଡ଼ିକୁ ହରାଇବାକୁ ବସିଛି। ପୂର୍ବରୁ ଜୟପୁର ଆକାଶବାଣୀ କେନ୍ଦ୍ରର ମର୍ଯ୍ୟାଦା ହ୍ରାସ କରାଯାଇଛି ଏବଂ ଅନେକ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରି ସହରର ଗୁରୁତ୍ୱକୁ କ୍ଷୁଣ୍ଣ କରାଯାଉଛି। ରେଳ ଷ୍ଟେସନରେ ଥିବା ଆର୍ଏମ୍ଏସ୍ ସେବାକୁ ସହର ଭିତରକୁ ଆଣିବା, ଟାଉନ୍ ବସ୍ ଚଳାଚଳ ତଥା ମ୍ୟୁନିସିପାଲିଟି ଅଧୀନରେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କାର୍ଯ୍ୟାଳୟ ଫେରାଇ ଆଣିବା ଭଳି ଜନହିତକର ଦାବି ପ୍ରତି ପ୍ରଶାସନ କର୍ଣ୍ଣପାତ କରୁନାହିଁ ବୋଲି ଅଭିଯୋଗ କରିଛି । ଡାକ ବିଭାଗ ନିକଟରେ ଉପସ୍ଥାପିତ ମୁଖ୍ୟ ୩ଟି ଦାବି ଅନୁଯାୟୀ, ଜୟପୁର ମୁଖ୍ୟ ଡାକଘରକୁ ନବରଙ୍ଗପୁର ଡିଭିଜନରେ ସାମିଲ ନକରି ପୂର୍ବଭଳି ଜୟପୁରରେ ହିଁ କୋରାପୁଟ ଡିଭିଜନ ଅଧୀନରେ ରଖାଯାଉ। ଜୟପୁରରେ କାର୍ଯ୍ୟରତ ଡାକ ଡିଭିଜନାଲ୍ କାର୍ଯ୍ୟାଳୟକୁ କୋରାପୁଟ ସ୍ଥାନାନ୍ତର ନକରି ଜୟପୁରରେ ହିଁ ଅକ୍ଷୁଣ୍ଣ ରଖାଯାଉ। ଜୟପୁର ସହରର ତିନୋଟି ଯାକ ଉପ-ଡାକଘର ଶ୍ରୀରାମ ନଗର, ବି.ଡି. ପୁର ଓ ସିଭିଲ୍ କୋର୍ଟ କେବଳ କୋରାପୁଟ ଡିଭିଜନ ଅଧୀନରେ କାର୍ଯ୍ୟ କରିବାକୁ ଦାବି କରାଯାଇଛି । ଏହି ପ୍ରସଙ୍ଗରେ କୋରାପୁଟ ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଛି। ଜୟପୁର ସହରବାସୀଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଭାଗ ଏହି ନିଷ୍ପତ୍ତିର ପୁନର୍ବିଚାର ନକଲେ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ି ତୋଳିବାକୁ କମିଟି ଚେତାବନୀ ଦେଇଛି।

ଭାଲୁ ଆକ୍ରମଣରେ ମହିଳା ଗୁରୁତର

ମୁଖୀଗୁଡା,୨୬/୧୦ (ନି.ପ୍ର): ଦୁଇଟି ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଉଛନ୍ତି ଜୟପାଟଣା ଥାନା ଅନ୍ତର୍ଗତ ତୁଟିଗୁଡ଼ା ଗାଁର ରେମତି ପୂଝାରୀ(୪୨) ।ସୂଚନା ଅନୁଯାୟୀ, ଗତକାଲି ସେ ଗାଁ ନିକଟସ୍ଥ କେନାଲ ପାଖରେ ଛେଳି ଚରାଉଥିବା ସମୟରେ ଏକ ଆମ୍ବ ଗଛ ମୂଳରେ ବସିଥିଲେ। ଏହି ସମୟରେ ପଛପଟୁ ଦୁଇଟି ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି ।

ପଂଚାୟତ ନିର୍ବାଚନ ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନେଲେ କଂଗ୍ରେସ ନେତା

ଭୁବନେଶ୍ୱର,୨୬/୧୦ (ନି.ପ୍ର): ବିଜେପିର ଡବଲ-ଇଂଜିନ ସରକାରର ମଳିନ ଛବି, ରାହୁଲ ଗାନ୍ଧିଙ୍କ କ୍ରମବର୍ଦ୍ଧିଷ୍ଣୁ ଜନପ୍ରିୟତା ତଥା କଂଗ୍ରେସ ନେତାକର୍ମୀଙ୍କ ଅଦମ୍ୟ ଉତ୍ସାହ ବଳରେ ଆସନ୍ତା ପଂଚାୟତ ନିର୍ବାଚନରେ କଂଗ୍ରେସ ଉଭୟ ବିଜେପି ଓ ବିଜେଡିକୁ ପଛରେ ପକାଇ ସବୁଠୁ ଅଧିକ ସଫଳତା ପାଇବ। ଏମିତିରେ ମଧ୍ୟ ବିଜେପି ପ୍ରତିଦିନ ହରାଇଚାଲିଥିବା ଜନାଦେଶକୁ ସାଧାରଣରେ କଂଗ୍ରେସ ସପକ୍ଷରେ ସ୍ଥାନାନ୍ତରିତ ହେବା ସମସ୍ତେ ଲକ୍ଷ୍ୟ କରୁଛନ୍ତି ବୋଲି ରବିବାର ମଧ୍ୟାହ୍ନରେ ପିସିସିର ରାଜନୈତିକ ବ୍ୟାପାର କମିଟି (ପିଏସି) ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ରାଜ୍ୟ ପ୍ରଭାରୀ ଲାଲଜୀ ଦେଶାଇ ମତବ୍ୟକ୍ତ କରିଛନ୍ତି। ନିଜ ଦଳର ନେତା ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ କଂଗ୍ରେସକୁ ଓଡ଼ିଶାରେ କେହି ରୋକିପାରିବେ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ନିଜ ରାଜ୍ୟ ଗୁଜରାଟରେ ଦଳ ୩୭ ପ୍ରତିଶତ ଭୋଟ ହାତେଇଥିବା ବେଳେ ୫ ହଜାର ଲୋକଙ୍କର ସମାବେଶଟିଏ ଆୟୋଜନ କରିବା କଷ୍ଟକର ହେଉଥାଏ। ତେବେ ଓଡ଼ିଶାରେ ମାତ୍ର ସାଢ଼େ ୧୩ ପ୍ରତିଶତ ଭୋଟ ହାତେଇ ମଧ୍ୟ ଦଳର ନେତାମାନେ ଅନାୟାସରେ ୫-୭ ହଜାର ଲୋକଙ୍କ ସମାବେଶ କରିଦେଇପାରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ସଂଗଠିତ ଭାବେ ପରିଶ୍ରମ କଲେ ଦଳ ବିଜୟୀ ହେବା ସୁନିଶ୍ଚିତ। ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ରାଜ୍ୟ ସଂଗଠନ କିପରି ତୃଣମୂଳ ସ୍ତର ଯାଏ ପହଂଚିବା ଉପରେ ତା'ର ସୂଚନା ଦେବା ସହ ପଂଚାୟତ ନିର୍ବାଚନରେ ଦଳର ବଡ଼ ନେତାମାନେ ନିଜନିଜ ଜିଲ୍ଲାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ।

ଉପସ୍ଥିତ ବରିଷ୍ଠ ନେତାମାନେ ବିଭିନ୍ନ ପ୍ରସ୍ତାବ ଦେବାପରେ ସର୍ବସମ୍ମତ କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଂଚାୟତ ନିର୍ବାଚନ ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନେଇଥିଲେ ଉପସ୍ଥିତ କଂଗ୍ରେସ ନେତା। ଏହି ନିର୍ବାଚନରେ ଓବିସି ସଂରକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ଏମ୍‌ଏମ୍‌ଡିଆର ଓ ଏସଆଇଆର ପ୍ରସଙ୍ଗକୁ ଓଡ଼ିଶାର ଘରେଘରେ ପହଂଚାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସଂକଳ୍ପ ନିଆଯାଇଥିଲା। ଏହି ଦୁଇ ପ୍ରସଙ୍ଗ କ'ଣ, ତାହା ରାଜ୍ୟବାସୀଙ୍କୁ ସହଜରେ ବୁଝାଇବାକୁ ଆଇନଜୀବୀମାନଙ୍କୁ ଦଳ ପକ୍ଷରୁ ତୃଣମୂଳ ସ୍ତରକୁ ପଠାଯିବାକୁ ନରସିଂହ ମିଶ୍ର ପ୍ରସ୍ତାବ ଦେଇଥିଲେ। ଓଡ଼ିଶାବାସୀଙ୍କ ପାଇଁ ନୁହେଁ, ପୁଂଜିପତି ବନ୍ଧୁଙ୍କ ସ୍ୱାର୍ଥ ପାଇଁ ମୋଦୀ ଜନବିରୋଧୀ ଡାଟା ସେଂଟର ନେଇ ଓଡ଼ିଶା ଆସୁଛନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମତବ୍ୟକ୍ତ କରିବା ସହ ଏହା ହେଲେ ଓଡ଼ିଶା କିପରି ଜଳ ଓ ବିଦ୍ୟୁତ ସଂକଟର ସମ୍ମୁଖୀନ ହେବ, ତା'ର ବିବରଣୀ ଦେଇଥିଲେ। ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ହଜାରହଜାର ସଂଖ୍ୟାରେ କିପରି ଯୋଗଦେବେ କଂଗ୍ରେସ ନେତା ଓ କର୍ମୀ, ତା'ର ଏକ ରୂପରେଖ ଚୂଡ଼ାନ୍ତ ହୋଇଥିଲା। ଦଳ ପକ୍ଷରୁ ପୂର୍ବପରି 'କଂଗ୍ରେସ ବାର୍ତ୍ତା' ପ୍ରକାଶନ ସପକ୍ଷରେ ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଓ ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନଗୋ ମତପ୍ରକାଶ କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଡ.ଗିରିଧର ଗମାଙ୍ଗ କେନ୍ଦ୍ରରେ ଖଣିମନ୍ତ୍ରୀ ବେଳର ଅଭିଜ୍ଞତା ବର୍ଣ୍ଣନା କରି ଏମଏମଡିଆର ସଂଶୋଧିତ ଅଧିନିୟମ କିପରି ଆଦିବାସୀଙ୍କ ସ୍ୱାର୍ଥର ପରିପନ୍ଥୀ, ତା'ର ଅବତାରଣା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟର ଦୁଇ ସହ-ପ୍ରଭାରୀ ଜେଟି କୁସୁମ କୁମାର ଓ ମୟୂରା ଜୟକୁମାର, ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂହ ସାଲୁଜା, ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା ଓ ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ଓ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ନଗେନ୍ଦ୍ରନାଥ ପ୍ରଧାନ ଓ ଅମରନାଥ ପ୍ରଧାନ, ପୂର୍ବତନ ସାଂସଦ ଅନନ୍ତ ସେଠୀ ଓ ଡ.ରାମଚନ୍ଦ୍ର ଖୁଣ୍ଟିଆ, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଶରତ ରାଉତ, ପିସିସି ଉପସଭାପତି ସସ୍ମିତା ବେହେରା, ବରିଷ୍ଠ ନେତା ଶିବାନନ୍ଦ ରାୟ, ସେବାଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି ଓ ଛାତ୍ରକଂଗ୍ରେସ ରାଜ୍ୟ ସଭାପତି ବିଭୁତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ।

ସୁନାବେଡା ବନ୍ୟପ୍ରାଣୀ ବିଭାଗର ଡିଏଫଓ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଗିରଫ

ଜୟପୁର,୨୬/୧୦ (ନି.ପ୍ର): ଦୁର୍ନୀତି ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଆଜି ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ନୂଆପଡ଼ା ସ୍ଥିତ ସୁନାବେଡା ବନ୍ୟପ୍ରାଣୀ ବିଭାଗର ଡିଏଫଓ କାର୍ଯ୍ୟାଳୟର ବରିଷ୍ଠ ସହାୟକ ତଥା 'ଏଷ୍ଟାବ୍ଲିସମେଣ୍ଟ ସେକ୍ସନ୍' ର ଦାୟିତ୍ୱରେ ଥିବା ବାବୁଲୁ ସୁନାଙ୍କୁ ଗିରଫ କରାଯାଇଛି। ଅଭିଯୋଗ ଅନୁଯାୟୀ, ସେ ୨୦୨୩ ମସିହାରୁ ଏମଏସିପି/ଆରଏସିପି ଯୋଜନା ଅଧୀନରେ ନକଲି ବିଲ୍ ପ୍ରସ୍ତୁତ କରି ୨.୬୦ କୋଟି ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର କରିଛନ୍ତି। ତାଙ୍କୁ ଭବାନୀପାଟଣା ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ଅଦାଲତରେ ହାଜର କରାଯାଉଛି। ଗତ ଛଅ ମାସ ଧରି ଫେରାର ଥିବା ଶ୍ରୀ ସୁନାଙ୍କୁ ଗତକାଲି ରାତିରେ ବଲାଙ୍ଗୀରରୁ ଓଡ଼ିଶା ଭିଜିଲାନ୍ସ ଧରିବାରେ ସକ୍ଷମ ହୋଇଥିଲା। ୨.୬୦ କୋଟି ଟଙ୍କାରୁ ଅଧିକ ସରକାରୀ ଅର୍ଥ ହେରଫେର ହୋଇଥିବା ନେଇ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ଓଡ଼ିଶା ଭିଜିଲାନ୍ସ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ବିସ୍ତୃତ ତଦନ୍ତରୁ ଜଣାପଡ଼ିଛି ଯେ, ଶ୍ରୀ ସୁନା 'ଏଷ୍ଟାବ୍ଲିସମେଣ୍ଟ ସେକ୍ସନ୍'ର ଦାୟିତ୍ୱରେ ଥିବା ନିଜ ପଦବୀର ଅପବ୍ୟବହାର କରି ଏହି ଜାଲିଆତି କରିଥିଲେ। ସେ 'ମୋଡିଫାଏଡ୍ ଆସ୍ୟୁର୍ଡ କ୍ୟାରିୟର୍ ପ୍ରୋଗ୍ରେସନ୍' (ଏମଏସିପି) ଏବଂ 'ରିଭାଇଜଡ୍ ଆସ୍ୟୁର୍ଡ କ୍ୟାରିୟର୍ ପ୍ରୋଗ୍ରେସନ୍' (ଆରଏସିପି) ଯୋଜନା ଅଧୀନରେ ମିଥ୍ୟା 'ଏରିୟର' (ବକେୟା ପ୍ରାପ୍ୟ) ବିଲ୍ ପ୍ରସ୍ତୁତ କରିଥିଲେ। ସେ ସୁନାବେଡା ବନ୍ୟପ୍ରାଣୀ ବିଭାଗର ପୂର୍ବତନ, ଅବସରପ୍ରାପ୍ତ ଏବଂ ମୃତ କର୍ମଚାରୀଙ୍କ ପରିଚୟ ଓ ତଥ୍ୟ ବ୍ୟବହାର କରି ଏହି ଜାଲିଆତି ବିଲ୍ ଗୁଡ଼ିକୁ ପ୍ରସ୍ତୁତ କରିଥିଲେ। ଏହି ଉପାୟରେ ସେ ସରକାରୀ ଅର୍ଥକୁ ନିଜ ପରିବାର ସଦସ୍ୟ (ଯଥା- ପତ୍ନୀ, ଭାଇ, ଭଉଣୀ ଏବଂ ୨ ଜଣ ଘନିଷ୍ଠ ମୋଟ ଉପରେ, ସେ ୨,୬୦,୨୧,୩୦୬ ଟଙ୍କା ଆତ୍ମସାତ୍ କରିଥିବା ଜଣାପଡ଼ିଛି ।ଏହି ଘଟଣାରେ, ଅଭିଯୁକ୍ତ ବାବୁଲୁ ସୁନାଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ ଥାନାରେ 'ଦୁର୍ନୀତି ନିବାରଣ ଆଇନ' ଏବଂ 'ଭାରତୀୟ ନ୍ୟାୟ ସଂହିତା' (ବିଏନଏସ) ର ସମ୍ବନ୍ଧିତ ଧାରା ଅଧୀନରେ ମାମଲା ନମ୍ବର ୨୪ ଓ ୨୫/୨୦୨୬ ରୁଜୁ କରାଯାଇଛି।

ଭୋଟ ଅଧିକାର ଗଣତାନ୍ତ୍ରିକ ଅଧିକାର ଓ ଶ୍ରମିକ ଅଧିକାର ପାଇଁ ମିଳିତ ସଂଗ୍ରାମ ଆବଶ୍ୟକ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଭାରତ ବର୍ଷର ଶ୍ରମିକ ଓ ମାନବିକ ଅଧିକାର, ଗଣତାନ୍ତ୍ରିକ ଅଧିକାର ଓ ଭୋଟ ଅଧିକାର ପାଇଁ ରାଜନୈତିକ ଦଳ ଶ୍ରମିକ, କୃଷକ ସଂଗଠନ ଯୁବ, ଛାତ୍ର ସଂଗଠନ ଦଳିତ ବର୍ଗଙ୍କର ମିଳିତ ସଂଗ୍ରାମ ଆବଶ୍ୟକ ବୋଲି ହାଇଦ୍ରାବାଦରେ ଲେମନ ଟ୍ରି ପ୍ରିମିୟମ ହୋଟେଲରେ ଟ୍ରେଡ ୟୁନିୟନ ସିଭିଲ ସୋସାଇଟର ରାଜନୈତିକ ଦଳ ମିଳିତ ଅନୁଷ୍ଠିତ ଅଧ୍ୟକ୍ଷତା କରି ପୂର୍ବତନ ସାଂସଦ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଡ. ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଏହି ସମ୍ମିଳନୀରେ ତେଲେଙ୍ଗାନାରେ ଶ୍ରମ ଶିଳ୍ପ ଓ ଖଣିମନ୍ତ୍ରି ଡ. ବିବେକାନନ୍ଦ ଭେଙ୍କେଟେସ୍ୱାମୀ ଜାତୀ ଓ ଦେଶ ଗଠନରେ ଶ୍ରମିକ କର୍ମଚାରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ଏବଂ ତାଙ୍କର ସଂଖ୍ୟା ଯଥେଷ୍ଟ ବେଶୀ। ଏଣୁ ଶ୍ରମିକ ଓ କର୍ମଚାରୀଙ୍କୁ ବାଦ ଦେଇ କୌଣସି ଦେଶର ଉନ୍ନତ ସମ୍ଭବ ନୁହେଁ। ଶ୍ରମିକ ସଂଗଠନର ସହଯୋଗ ରାଜନୈତିକ ଦଳକୁ ଅଧିକ ଶକ୍ତିଶାଳୀକରିବ। ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ତେଲେଙ୍ଗନାର କଂଗ୍ରେସ ସାଂସଦ ଡ. ଚମଲା କିରଣ ରେଡ୍ଡି ଶ୍ରମିକ କର୍ମଚାରୀଙ୍କର ଦାବୀ ସମର୍ଥନ କରିବା ସଂଗେ ସଂଗେ ବିଜେପି ସରକାରଙ୍କ ଦ୍ୱାରା ପ୍ରଣିତ ୪ଟି ଲେବର କୋଡକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡିକର ଦାବୀକୁ ଦୃଢ଼ ସମର୍ଥନ କରିଥିଲେ। ଏହି ସମ୍ମିଳନୀର ଉଦ୍‌ଯାପନ ଦିବସରେ ତେଲେଙ୍ଗାନାର ମନ୍ତ୍ରୀ ଶ୍ରୀମତୀ ସୀତାକା ଉଦ୍‌ବୋଧନ ଦେଇ ଶ୍ରମିକ, ରାଜନୈତିକ ପ୍ରଶାସନ ମହିଳାମାନଙ୍କୁ ଅଧିକ ଗୁରୁତ୍ୱ ଦେବା ଏବଂ ସଂସଦରେ ଏକ ତୃତୀୟାଂଶ ମହିଳାଙ୍କୁ ସ୍ଥାନ ସଂରକ୍ଷଣ କରିବା ଦାବୀକୁ ସମର୍ଥନ କରିଥିଲେ। ଅଖିଳ ଭାରତ କଂଗ୍ରେସ କମିଟିର ସ୍ଥାୟୀ ନିମନ୍ତ୍ରୀତ ସଭ୍ୟ ଶ୍ରୀ ଗୁରୁଜିତ ସଂ ସରପାଲ ଉଦ୍‌ବୋଧନ ଦେଇ ବିଜେପି ଓ ମୋଦୀ ସରକାରଙ୍କର ତୀବ୍ର ସମାଲୋଚନା କରିଥିଲେ।

ମନ୍ କି ବାତ୍ ଦେଶବ୍ୟାପୀ ଜନ ଆନ୍ଦୋଳନରେ ପରିଣତ ହୋଇଛି: ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର,୨୬/୧୦ (ନି.ପ୍ର): ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଆଜି ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୩୯ତମ ସଂସ୍କରଣ ଶୁଣିଛନ୍ତି।

ସୋସିଆଲ ମିଡିଆରେ ନିଜର ମତ ପ୍ରକାଶ କରି ମନ୍ତ୍ରୀ କହିଛନ୍ତି ଯେ, ୧୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ପ୍ରେରଣାଦାୟୀ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ବିଭିନ୍ନ ଅଂଚଳର ପାରମ୍ପରିକ କଳା ଓ କାରିଗରୀ କୌଶଳ, ପ୍ରକୃତି ପ୍ରତି ସମ୍ମାନ, ସ୍ୱଚ୍ଛ ଭାରତ, 'ଭୋକାଲ୍ ଫର୍ ଲୋକାଲ୍' ଏବଂ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଭଳି ବିଷୟ ଉପରେ ଆଲୋକପାତ କରିଛନ୍ତି। ଏହା ସହିତ 'ଇ-ସଞ୍ଜୀବନୀ' ଯୋଜନା ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଲୋକଙ୍କ ଜୀବନକୁ କିପରି ସରଳ କରାଯାଇପାରିବ, ସେ ସମ୍ପର୍କରେ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଛନ୍ତି ବୋଲି ଡା. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଓ 'ରାଷ୍ଟ୍ରୀୟ ଏକତା ଦିବସ', ମହର୍ଷି ବାଲ୍ମୀକିଙ୍କ ଜୟନ୍ତୀ ଏବଂ ବାଲ୍ମୀକି ରାମାୟଣରେ ପ୍ରଭୁ ଶ୍ରୀରାମଙ୍କ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ମହାନ ଭାବନା ଭଳି ପ୍ରେରଣାଦାୟୀ ବାର୍ତ୍ତା ସ୍ଥାନ ପାଇଥିବା ସେ କହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ସଚେତନତା ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ଏହି ମାର୍ଗଦର୍ଶନ ଆଜି ସମଗ୍ର ଦେଶରେ ଏକ ଜନଆନ୍ଦୋଳନର ରୂପ ନେଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

କିସମିସ୍ ପାଣି ପିଇଲେ ହ୍ରାସପାଏ ଓଜନ ?

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

ବାସ୍ତବରେ କିସମିସ ପାଣିରେ ଉପକାରୀ ଗୁଣ ରହିଛି, କିନ୍ତୁ ବେଳେବେଳେ ଏହା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ। କିସମିସ୍ ପାଣିରି କି କି ଉପକାରୀ ଓ ଅପକାରୀ ଗୁଣ ରହିଛି, ଜାଣନ୍ତୁ...



କିସମିସ୍ ପାଣିର ଉପକାରିତା:

ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।

ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର ହୋଇଥାଏ।

କିସମିସ୍ ପାଣିର ଅପକାରିତା:

ଅତ୍ୟଧିକ କ୍ୟାଲୋରୀ: କିସମିସରେ ଶର୍କରା ସହିତ ଅଧିକ ପରିମାଣର କ୍ୟାଲୋରୀ ଥାଏ। ତେଣୁ ଆବଶ୍ୟକତାଠାରୁ ଅଧିକ କିସମିସ୍ ପାଣି ପିଇଲେ କ୍ୟାଲୋରୀ ସ୍ତର ବୃଦ୍ଧି ପାଇପାରେ। ଯାହା ଫଳରେ ମେଦବହୁଳତା ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ।

ଉଚ୍ଚ ଗ୍ଲାଇସେମିକ୍ ଇଣ୍ଡେକ୍ସ: କିସମିସ୍ ପାଣିରେ ଅଧିକ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଛି, ଯାହା ମଧୁମେହ ରୋଗୀଙ୍କ ପାଇଁ ପରିଚାଳନା କରିବା କଷ୍ଟକର ହୋଇପାରେ। ତେଣୁ ମଧୁମେହ ରୋଗୀ କିସମିସ୍ ପାଣି ପିଇବାରେ ସତର୍କତା ଅବଲମ୍ବନ କରିବା ଉଚିତ୍।

ରକ୍ତଦାନ ବେଳେ ଭୁଲ୍ 'ବ୍ଲଡ୍ ଗ୍ରୁପ୍' ଦେଲେ କ'ଣ ହୁଏ ? ଜାଣନ୍ତୁ ଏହାର ଭୟଙ୍କର ପରିଣତି



ଡାକ୍ତରଖାନାରେ ରୋଗୀକୁ ରକ୍ତ ଦେବା ପୂର୍ବରୁ ତାର ବ୍ଲଡ୍ ଗ୍ରୁପ୍ କିମ୍ବା ରକ୍ତର ଯୁଗ୍ମତା ଯାଞ୍ଚ କରିବା ଅତ୍ୟନ୍ତ ଜରୁରୀ । କିନ୍ତୁ ଯଦି ଅସାବଧାନତା ବଶତଃ ଜଣେ ରୋଗୀକୁ ଭୁଲ୍ ବ୍ଲଡ୍ ଗ୍ରୁପ୍‌ର ରକ୍ତ ଦିଆଯାଏ, ତେବେ ଏହା ଜୀବନପ୍ରତି ବିପଦ ସୃଷ୍ଟି କରିପାରେ। ଡାକ୍ତରୀ ଭାଷାରେ ଏହି ପରିସ୍ଥିତିକୁ 'ହେମୋଲିଟିକ୍ ଟ୍ରାନ୍ସଫ୍ୟୁଜନ ରିଆକ୍ସନ' କୁହାଯାଏ। ଭୁଲ୍ ରକ୍ତ ଦେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ସେହି ବାହ୍ୟ ରକ୍ତର ଲାଲ୍ ରକ୍ତ କୋଷିକା ଉପରେ ଆକ୍ରମଣ କରିବାକୁ ଲାଗେ। ଏହାର ପ୍ରଭାବରେ ଲାଲ୍ ରକ୍ତ କୋଷଗୁଡ଼ିକ ଭାଙ୍ଗିବାକୁ ଲାଗେ, ଯାହାଫଳରେ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥାଆନ୍ତି। ଭୁଲ୍ ରକ୍ତ ଚଢ଼ାଇବାର କିଛି ସମୟ ମଧ୍ୟରେ ରୋଗୀଙ୍କ ଶରୀରରେ ବିଭିନ୍ନ ପ୍ରକାରର ଲକ୍ଷଣ ଦେଖାଯିବାକୁ ଲାଗେ। ଯେପରିକି, ପ୍ରଚଣ୍ଡ ଜ୍ୱର ସହିତ ଶୀତ ଲାଗିଥାଏ, ଛାତି କିମ୍ବା ପିଠିରେ ପ୍ରବଳ ଯନ୍ତ୍ରଣା ହୁଏ । ନିଶ୍ୱାସ ନେବାରେ କଷ୍ଟ ସହ ହୃଦ୍‌ସ୍ପନ୍ଦନ ଦ୍ରୁତ ହୋଇଯିବା ଏବଂ ରକ୍ତଚାପ ହଠାତ୍ କମିଯାଏ। ଏହାବ୍ୟତୀତ ଶରୀରରେ ରକ୍ତ ଜମାଟ ବାନ୍ଧିବା, ଆଭ୍ୟନ୍ତରୀଣ ରକ୍ତସ୍ରାବ ଏବଂ ଶରୀରର ମୁଖ୍ୟ ଅଙ୍ଗଗୁଡ଼ିକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ନ ମିଳିବା ଭଳି ଜଟିଳ ପରିସ୍ଥିତି ଉପୁଜିଥାଏ। ଏଭଳି ପରିସ୍ଥିତିରେ ତୁରନ୍ତ ଡାକ୍ତରୀ ହସ୍ତକ୍ଷେପ ଆବଶ୍ୟକ ହୋଇଥାଏ। ରୋଗୀକୁ ଆଇସିୟୁରେ ରଖି ତରଳ ପଦାର୍ଥ ଦିଆଯିବା ସହ ଡାଏଲିସିସ୍ କିମ୍ବା ଅନ୍ୟାନ୍ୟ ଜରୁରୀ ଚିକିତ୍ସା କରାଯାଇଥାଏ। ଡାକ୍ତରମାନଙ୍କ ମତରେ, ରକ୍ତ ଦେବା ପୂର୍ବରୁ ରୋଗୀର ପରିଚୟ, ବ୍ଲଡ୍ ଗ୍ରୁପ୍ ଏବଂ କ୍ରସ୍-ମ୍ୟାଚିଂ ସଠିକ୍ ଭାବେ ଯାଞ୍ଚ କରିବା ଉଚିତ୍। ରକ୍ତ ଦେବା ସମୟରେ ଯଦି ରୋଗୀର ଶରୀରରେ କୌଣସି ଅସ୍ୱାଭାବିକତା, ଯନ୍ତ୍ରଣା କିମ୍ବା ଶ୍ୱାସଜନିତ ସମସ୍ୟା ଦେଖାଯାଏ, ତେବେ ତୁରନ୍ତ ଡାକ୍ତର କିମ୍ବା ନର୍ସଙ୍କୁ ଅବଗତ କରାଇବା ଆବଶ୍ୟକ।


ଦେଶୀ ନା ନାଲି ? କେଉଁ ପିଆଜ ଦେହ ପାଇଁ ଭଲ ?



ଭାରତୀୟ ଖାଦ୍ୟରେ ପିଆଜର ବହୁଳ ବ୍ୟବହାର ହୋଇଥାଏ । ଏମିତିକି ପିଆଜର ପେଣ୍ଠସ୍ଥଳୀ ବୋଲି ମଧ୍ୟ ମହାରାଷ୍ଟ୍ରର ନାସିକକୁ କୁହାଯାଏ । ତେବେ ଖାଲି ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ ପିଆଜ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଲାଭଦାୟକ । ଆୟୁର୍ବେଦ ଅନୁସାରେ ପିଆଜ ଔଷଧୀୟ ଗୁଣରେ ଭରପୂର ଏବଂ ଏହାକୁ ଖାଇବା ଦ୍ୱାରା ଶରୀରକୁ ଅଗଣିତ ଲାଭ ମିଳିଥାଏ । ବଜାରରେ ଦେଶୀ ପିଆଜ ଏବଂ ଲାଲ ପିଆଜ ବହୁଳ ଭାବରେ ବିକ୍ରି ହୁଏ । ଦେଶୀ ପିଆଜ ହାଲୁକା ରଙ୍ଗର ହୋଇଥିବା ବେଳେ ଲାଲ ପିଆଜ ଗାଢ଼ ରଙ୍ଗର ହୋଇଥାଏ । ଉଭୟ ପିଆଜ ଖାଦ୍ୟରେ ବ୍ୟବହାର ହୋଇଥାଏ । କିଛି ଲୋକ ଦେଶୀ ପିଆଜକୁ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ବୋଲି ଭାବୁଥିବା ବେଳେ ଅନ୍ୟ କିଛି ଖାଉଟି ନାଲି ପିଆଜକୁ ଅଧିକ ଲାଭଦାୟକ ବୋଲି ମାନନ୍ତି । ତେବେ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଏହି ଦୁଇଟି ପିଆଜ ମଧ୍ୟରୁ କେଉଁଟି ସ୍ୱାସ୍ଥ୍ୟ ପାଇଁ ପ୍ରକୃତରେ ଭଲ ?

ତେବେ ପିଆଜରେ ଥିବା ପ୍ରାକୃତିକ କ୍ୱେରସେଟିନ୍, ଫ୍ଲାଭୋନଏଡ୍ସ ଏବଂ ଫେନୋଲିକ୍ ଏସିଡ୍ ଶରୀରର ଆଭ୍ୟନ୍ତରକୁ ସଫା ରଖେ । ଥକ୍କାପଣ, ପାଚନ ସମସ୍ୟା ଏବଂ ପୁରୁଣା ଯନ୍ତ୍ରଣାକୁ କମାଇଥାଏ ପିଆଜ । ଅନେକ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ପିଆଜ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିବାରେ ସାହାଯ୍ୟ କରେ । ଦେଶୀ ଏବଂ ନାଲି ପିଆଜ ଉଭୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଯଦି ଏହାକୁ ଠିକ୍ ଉପାୟରେ ସେବନ କରାଯାଏ । ତେବେ ଦେଶୀ ପିଆଜ ଆକାରରେ ଛୋଟ, ରଙ୍ଗରେ ଗୋଲାପୀ ଏବଂ ତୀବ୍ର ଗନ୍ଧର ହୋଇଥାଏ । ଏଥିରେ ସଲଫର, କ୍ୱେର୍ସେଟିନ୍ ଏବଂ ଆନ୍ଥୋସାୟାନିନ୍ ପ୍ରଚୁର ପରିମାଣରେ ଥାଏ, ଯାହା ଏହାର ତୀବ୍ର ଗନ୍ଧ ଏବଂ ଔଷଧୀୟ ଗୁଣର ସଂକେତ ଦେଇଥାଏ । ଦେଶୀ ପିଆଜ ଆଭ୍ୟନ୍ତରର ଯନ୍ତ୍ରଣା କମାଇବା ସହ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରେ ଏବଂ ଶରୀରର ପ୍ରାକୃତିକ ଡିଟକ୍ସ ପ୍ରକ୍ରିୟାକୁ ସପୋର୍ଟ କରିବାରେ ସାହାଯ୍ୟ କରେ । ଆୟୁର୍ବେଦରେ ଦେଶୀ ପିଆଜକୁ କାଶ ପାଇଁ ଏକ ଘରୋଇ ଉପଚାର ଭାବରେ ମଧ୍ୟ ବ୍ୟବହାର କରାଯାଏ । ଦେଶୀ ପିଆଜ ରସ ଏବଂ ମହୁ ମିଶାଇ ପିଇବା ଦ୍ୱାରା କାଶରୁ ମୁକ୍ତି ମିଳିଥାଏ । ନାଲି ପିଆଜ କଥା ଯଦି କହିବା ଏହା ଆକାରରେ ବଡ଼ ଏବଂ ଏହାର ସ୍ୱାଦ ସାମାନ୍ୟ ମିଠା । ଏହି ପିଆଜର ବେଷ୍ଟ୍ କ୍ୱାଲିଟି ହେଉଛି ଏହାକୁ କଞ୍ଚା ଖାଇବା ଦ୍ୱାରା ଶରୀରକୁ ଅଧିକ ଲାଭ ମିଳିଥାଏ । କଞ୍ଚା ନାଲି ପିଆଜ ଆଣ୍ଟିଅକ୍ସିଡାଣ୍ଟ ବଜାୟ ରଖେ । ଏହି ପିଆଜରେ କ୍ୱେରସେଟିନ୍ ଏବଂ ଆନ୍ଥୋସାୟାନିନ୍ ମଧ୍ୟ ଭରପୂର, ଯାହା ଯନ୍ତ୍ରଣାକୁ କମ୍ କରେ ଏବଂ ଏହା ହୃଦୟ ପାଇଁ ମଧ୍ୟ ବହୁତ ଲାଭଦାୟକ । ନାଲି ପିଆଜକୁ ରାଇତା, ସାଲାଡ କିମ୍ବା ଚଟଣିରେ ମିଶାଇ ଖାଇହେବ । ତେବେ ଯଦି ଆପଣ ଭାବୁଛନ୍ତି ଯେ ଖାଦ୍ୟରେ ଦେଶୀ ପିଆଜ ବାଛିବା ଉଚିତ କି ନାଲି, ତେବେ ଏହାର ଉତ୍ତର ହେଉଛି ଉଭୟ । ଉଭୟର ସନ୍ତୁଳିତ ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଦେଶୀ ପିଆଜ ରୋଗ ପ୍ରତିରୋଧକ ଶକ୍ତି ପାଇଁ ଭଲ ଥିବା ବେଳେ ନାଲି ପିଆଜ ହଜମ ପ୍ରକ୍ରିୟାକୁ ଉନ୍ନତ କରେ ।

ପରିସ୍ରା ରୋକିବା ଭାରି ଭୟଙ୍କର : ଡାକିଆଣିବ ଘାତକ ରୋଗ , ସତର୍କ କରାଇଲେ ଡାକ୍ତର




ପରିସ୍ରା ଲାଗୁଥିବ କିନ୍ତୁ ରୋକିକରି ବସିଥିବେ ଏମିତି କେବେ ପରିସ୍ଥିତି ଉପୁଜିଛି କି ? ଏ ପ୍ରଶ୍ନରେ ବୋଧହୁଏ ଆପଣ ଭାବୁଥିବେ ଏ ତ ନିତିଦିନିଆ କଥା , କାମରେ ବ୍ୟସ୍ତ ରହିଗଲେ ବେଳେବେଳେ ବିଳମ୍ବ ହେଇଯାଏ । କର୍ମବ୍ୟସ୍ତତା ଯୋଗୁ ହେଉ କିମ୍ବା ଯାତ୍ରାକାଳରେ ସୁବିଧାର ଅଭାବ ହେଲେ ପରିସ୍ରା ରୋକିବା ଭଳି କାମ ପ୍ରାୟତଃ ସମସ୍ତେ କରନ୍ତି । କିନ୍ତୁ ଏହି ଛୋଟ କାମଟି ଯେ ଆପଣଙ୍କୁ କେତେ ବଡ଼ ଗମ୍ଭୀର ରୋଗ ଆଡ଼କୁ ଟାଣି ନେଉଛି କେବେ ଭାବିଛନ୍ତି କି ? ଏଥିରେ ବ୍ଲାଡର୍ ଲିକେଜ୍ ସମସ୍ୟାରୁ ଆରମ୍ଭ କରି ସଂପୂର୍ଣ୍ଣ ଶରୀର ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ । ତେବେ ଆସନ୍ତୁ ଜାଣିବା ଅଧିକ ସମୟ ଧରି ପରିଶ୍ରା ରୋକିଲେ ସ୍ୱାସ୍ଥ୍ୟ ଉପରେ ଏହାର କ'ଣ ପ୍ରଭାବ ପଡ଼ିଥାଏ ।

ବର୍ତ୍ତମାନ ସମୟରେ ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଏକ ଗମ୍ଭୀର ସମସ୍ୟା ହେଉଛି ୟୁଟିଆଇ । ଯାହାକୁ ସାଧାରଣତଃ ୟୁରିନ୍ ଇନଫେକ୍ସନ୍ ବୋଲି କୁହାଯାଏ । ଅନେକ କାରଣରୁ ଏହି ସମସ୍ୟା ଦେଖାଯାଏ । କିନ୍ତୁ ଅଧିକ ସମୟ ଧରି ପରିସ୍ରା ରୋକିବା ଏହାର ଏକ ବଡ଼ କାରଣ ହୋଇଥାଏ । ପରିସ୍ରା ଆସୁଥିବା ସମୟରେ ଏହାକୁ ରୋକିଲେ ବ୍ୟାକ୍ଟେରିଆ ବଢ଼ିଥାଏ , ଯାହା ବ୍ଲାଡରର ଭିତର ପର୍ଯ୍ୟନ୍ତ ପହଂଚିଥାଏ । ସଂକ୍ରମଣ ବଢିବା ପରେ ଏହା ଅନେକ ଗମ୍ଭୀର ରୋଗକୁ ଜନ୍ମ ଦିଏ । ଏଭଳି ସ୍ଥିତିରେ ପରିସ୍ରା ଆସିବା ମାତ୍ରେ ଏହାକୁ ପାସ୍ କରନ୍ତୁ ନଚେତ୍ ୟୁଟିଆଇର ସମସ୍ୟା ଗମ୍ଭୀରତା ଆଡ଼କୁ ଗତି କରିବ । ପର୍ଯ୍ୟାପ୍ତ ମାତ୍ରାରେ ପାଣି ଏବଂ ତରଳ ପଦାର୍ଥ ପିଅନ୍ତୁ । ୟୁରିନ୍ ଲିକେଜ୍ ସମସ୍ୟା ସାଧାରଣତଃ ବୟସ୍କ ବ୍ୟକ୍ତିଙ୍କ କ୍ଷେତ୍ରରେ ଦେଖାଯାଏ । ପରିସ୍ରା ଉପରେ ନିୟନ୍ତ୍ରଣ ନ ରଖିପାରି ଏଭଳି ସମସ୍ୟାର ସମ୍ମୁଖିନ ହୁଅନ୍ତି ବୟୋଜ୍ୟେଷ୍ଠ । କିନ୍ତୁ ଯଦି ଆପଣ ଅଧିକ ସମୟ ଧରି ପରିସ୍ରା ରୋକୁଛନ୍ତି ତାହେଲେ ଆପଣଙ୍କ ପେଲଭିକ୍ ଫ୍ଲୋର୍ ଏବଂ ବ୍ଲାଡର୍ ଦୁର୍ବଳ ହୋଇଯାଏ ଏବଂ କମ୍ ବୟସରୁ ହିଁ ୟୁରିନ୍ ଲିକେଜ୍ ସମସ୍ୟା ଦେଖାଯାଏ । ପରିସ୍ରାରେ ୟୁରିକ୍ ଏସିଡ୍ ଏବଂ କ୍ୟାଲସିୟମ୍ ଆକ୍ସଲେଟ୍ ନାମକ ମିନେରାଲ୍ ମହଜୁଦ୍ ଥାଏ । ଏହି ମିନେରାଲକୁ ଯଦି ଅଧିକ ସମୟ ଧରି ରୋକାଯାଏ ତା'ହେଲେ କିଡନି ଷ୍ଟୋନ୍ ସମସ୍ୟା ମଧ୍ୟ ହୋଇପାରେ ।

ଲଗାତାର ପରିସ୍ରା ରୋକିବା ଦ୍ୱାରା ବ୍ଲାଡରର ମାଂସପେଶୀ ଦୁର୍ବଳ ହେବା ସହ ଟାଣିଥାଏ । ଏହାଦ୍ୱାରା ସମୟ ବଢ଼ିଲେ ବ୍ଲାଡର୍ ଫାଟିବା ଭଳି ଗମ୍ଭୀର ସମସ୍ୟା ମଧ୍ୟ ଦେଖାଯାଏ । ପରିସ୍ରା ରୋକିବା ଦ୍ୱାରା କିଡନି ଉପରେ ଏହାର ପ୍ରେସର୍ ପଡ଼ିଥାଏ ଯାହା ଭବିଷ୍ୟତରେ କିଡନି ସମ୍ବନ୍ଧୀୟ ରୋଗକୁ ଜନ୍ମ ଦିଏ । ଏହାଛଡ଼ା ଲମ୍ବା ସମୟ ଧରି ପରିସ୍ରା ରୋକିବାର ଅଭ୍ୟାସ କିଡନି ଏବଂ ବ୍ଲାଡରରେ ପୀଡ଼ାର କାରଣ ପାଲଟିଥାଏ । ୟୁରିନରୀ ରିଟେସନ୍ ସମସ୍ୟା ଉତ୍ପନ୍ନ ହୋଇଥାଏ ଯାହାଦ୍ୱାରା ମୂତ୍ରାଶୟ ସଂପୂର୍ଣ୍ଣ ରୂପରେ ଖାଲି ହୋଇ ନ ପାରି ପରିସ୍ରା କଲାବେଳେ ଅସୁବିଧା ଉପୁଜିଥାଏ ।

ଖାଦ୍ୟ ରଖିବା ପାଇଁ ଖବରକାଗଜ ବ୍ୟବହାର କରୁଛନ୍ତି କି ? ସ୍ୱାସ୍ଥ୍ୟ ପାଇଁ ହୋଇପାରେ କ୍ଷତିକାରକ



ଅନେକ ଘରେ ଗରମ ଖାଦ୍ୟ ରଖିବା ପାଇଁ ଖବରକାଗଜ ବ୍ୟବହାର କରାଯାଏ। କେହି ଖାଦ୍ୟକୁ ଖବରକାଗଜରେ ଗୁଡ଼ାଇ ରଖନ୍ତି ତ, ଆଉ କେହି ଖବରକାଗଜ ବିଛାଇ ତା' ଉପରେ ଖାଦ୍ୟ ରଖିଦିଅନ୍ତି। କିନ୍ତୁ ଏପରି କରିବା ସ୍ୱାସ୍ଥ୍ୟ ପାଇଁ ଠିକ୍ ନୁହେଁ। ଖବରକାଗଜ ଛପିବା ସମୟରେ ବ୍ୟବହୃତ କାଳିରେ ଥିବା କେତେକ ରାସାୟନିକ ପଦାର୍ଥ ଖାଦ୍ୟରେ ମିଶିପାରେ। ତେଣୁ ଗରମ ଖାଦ୍ୟକୁ ଖବରକାଗଜରେ ରଖିବାଠାରୁ ଦୂରେଇ ରହିବା ଉଚିତ।

ଖାଦ୍ୟରେ ମିଶିପାରେ କାଳିର ରାସାୟନିକ ପଦାର୍ଥ। ଖବରକାଗଜ ଛପିବା ସମୟରେ ବ୍ୟବହୃତ କାଳିରେ ବିଭିନ୍ନ ପ୍ରକାରର ରାସାୟନିକ ପଦାର୍ଥ ରହିପାରେ। ଯେତେବେଳେ ଗରମ ଖାଦ୍ୟ ସିଧାସଳଖ ଖବରକାଗଜ ସଂସ୍ପର୍ଶରେ ଆସେ, ସେତେବେଳେ କାଳିର କିଛି ଉପାଦାନ ଖାଦ୍ୟରେ ମିଶିପାରେ।ଏପରି ରାସାୟନିକ ପଦାର୍ଥ ମିଶିଥିବା ଖାଦ୍ୟକୁ ବାରମ୍ବାର ଖାଇଲେ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପଡ଼ିପାରେ। ଏହି କାରଣରୁ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ମଧ୍ୟ ଖାଦ୍ୟକୁ ଖବରକାଗଜରେ ଗୁଡ଼ାଇବା କିମ୍ବା ଏଥିରେ ପରଷିବାଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥାଏ। ପେଟ ସମସ୍ୟା ଓ ଅପରିଷ୍କାର ହେବାର ଆଶଙ୍କା। ଖବରକାଗଜ ଛପା ହେବାଠାରୁ ଆରମ୍ଭ କରି ଘରେ ପହଞ୍ଚିବା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ଦେଇ ଆସିଥାଏ। ଏହି ସମୟରେ ଏଥିରେ ଧୂଳି ଓ ମଇଳା ଲାଗିପାରେ। ଯେତେବେଳେ ସେହି ଖବରକାଗଜରେ ଖାଦ୍ୟ ରଖାଯାଏ, ଖାଦ୍ୟର ପରିଷ୍କାର ପରିଚ୍ଛନ୍ନତା ପ୍ରଭାବିତ ହୋଇପାରେ। ଏହା ସହିତ କାଳିରେ ଥିବା କେତେକ କ୍ଷତିକାରକ ରାସାୟନିକ ପଦାର୍ଥ ମଧ୍ୟ ଖାଦ୍ୟ ସଂସ୍ପର୍ଶରେ ଆସିପାରେ। ତେଣୁ ଖାଦ୍ୟକୁ ଖବରକାଗଜରେ ନ ରଖିବା ଭଲ। ବିଶେଷକରି ପିଲାମାନଙ୍କ ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ସମୟରେ ପରିଷ୍କାର ପରିଚ୍ଛନ୍ନତା ପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ।

ଖାଦ୍ୟ ରଖିବା ପାଇଁ କ'ଣ ବ୍ୟବହାର କରିବେ ?

ଖାଦ୍ୟ ରଖିବା ପାଇଁ ନିମ୍ନଲିଖିତ ସାମଗ୍ରୀ ବ୍ୟବହାର କରିପାରିବେ।

ସଫା ସୂତା କପଡ଼ା: ଖାଦ୍ୟକୁ ଏକ ସଫା ସୂତା କପଡ଼ାରେ ଗୁଡ଼ାଇ ରଖନ୍ତୁ।

ଷ୍ଟିଲ୍ ଡବା: ଖାଦ୍ୟ ରଖିବା ପାଇଁ ସଫା ଷ୍ଟିଲ୍ ଡବା ବ୍ୟବହାର କରନ୍ତୁ।

କାଚ ପାତ୍ର :ସଫା କାଚ ପାତ୍ରରେ ମଧ୍ୟ ଖାଦ୍ୟ ରଖିପାରିବେ।

ଖାଦ୍ୟ ପାଇଁ ସୁରକ୍ଷିତ କାଗଜ: କାଗଜ ବ୍ୟବହାର କରିବାକୁ ଚାହୁଁଥିଲେ, ଖାଦ୍ୟ ରଖିବା ପାଇଁ ଉପଯୁକ୍ତ କାଗଜ ବାଛନ୍ତୁ।

ଏହି ସାମଗ୍ରୀଗୁଡ଼ିକ ବ୍ୟବହାର କଲେ ଖାଦ୍ୟକୁ ଘୋଡ଼ାଇ ରଖିହେବ ଏବଂ ଖବରକାଗଜ ସହ ସିଧାସଳଖ ସଂସ୍ପର୍ଶର ଆବଶ୍ୟକତା ପଡ଼ିବ ନାହିଁ। ତେବେ ଖାଦ୍ୟ ରଖୁଥିବା କପଡ଼ା ଓ ପାତ୍ର ମଧ୍ୟ ସଫା ରହିବା ଜରୁରୀ।



ରାଜନୈତିକ ସମୀକରଣ ଓ ସରକାରୀ ଉପହାର

ସାମ୍ପ୍ରତିକ ରାଜନୈତିକ ପ୍ରେକ୍ଷାପଟରେ ଗୁଜରାଟ ସରକାର ଏବଂ ବଡୋଦରା ମହାନଗର ନିଗମ ପକ୍ଷରୁ ପୂର୍ବତନ ଭାରତୀୟ କ୍ରିକେଟର ତଥା ପୂର୍ବତନ ସାଂସଦ ୟୁସୁଫ୍ ପଠାନଙ୍କୁ ଏକ ବହୁମୂଲ୍ୟ ପ୍ଲଟ୍ 'ଉପହାର' ସ୍ୱରୂପ ପ୍ରଦାନ କରାଯିବା ନିଷ୍ପତ୍ତି ସମଗ୍ର ଦେଶରେ ଏକ ତୀବ୍ର ବିତର୍କର ସୂତ୍ରପାତ କରିଛି । ଗତ ଅକ୍ଟୋବର ୨୩ ତାରିଖ ଶୁକ୍ରବାର ସନ୍ଧ୍ୟାରେ ବଡୋଦରା ମହାନଗର ନିଗମର ସର୍ବୋଚ୍ଚ କାର୍ଯ୍ୟନିର୍ବାହୀ ସଂସ୍ଥା ଷ୍ଟାଣ୍ଡିଂ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଠାନଙ୍କୁ ୯୭୮ ବର୍ଗ ମିଟରର ଏକ ପ୍ଲଟ୍ ଆବଣ୍ଟନ କରିବା ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଛି । ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମାତ୍ର ଦୁଇ ବର୍ଷ ପୂର୍ବେ ଠିକ୍ ଏହି ସମାନ ଜମିକୁ ବେଆଇନ ଭାବେ ଜବରଦଖଲ କରିଥିବା ଅଭିଯୋଗରେ ମହାନଗର ନିଗମ ପକ୍ଷରୁ ତାଙ୍କୁ ଉଚ୍ଛେଦ ନୋଟିସ୍ ଜାରି କରାଯାଇଥିଲା । ଷ୍ଟାଣ୍ଡିଂ କମିଟିର ସମସ୍ତ ୧୨ ଜଣ ସଦସ୍ୟ ଶାସକ ଭାରତୀୟ ଜନତା ପାର୍ଟିର କର୍ପୋରେଟର ହୋଇଥିବା ବେଳେ ବିନା କୌଣସି ବିରୋଧରେ ଏହି ପ୍ରସ୍ତାବଟି ଗୃହୀତ ହୋଇଛି ଏବଂ ଏବେ ଏହାକୁ ଚୂଡ଼ାନ୍ତ ମୋହର ମାରିବା ପାଇଁ ନିଗମର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା ଜେନେରାଲ୍ ବୋର୍ଡ ନିକଟରେ ଆଗତ କରାଯିବ । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ସମୟକାଳକୁ ନେଇ ମଧ୍ୟ ସାଧାରଣରେ ଅନେକ ସନ୍ଦେହ ଉପୁଜିବା ସ୍ୱାଭାବିକ ଅଟେ । କାରଣ, ୨୦୨୪ ମସିହାରେ ତୃଣମୂଳ କଂଗ୍ରେସ ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିବା ପଠାନ, ଚଳିତ ବର୍ଷ ମେ ମାସରେ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ କ୍ଷମତାଚ୍ୟୁତ ହେବା ଏବଂ ରାଜ୍ୟରେ ଏକ ନୂତନ ବିଜେପି ସରକାର ଗଠନ ହେବା ପରେ ଦଳରୁ ଇସ୍ତଫା ଦେଇଥିଲେ ଏବଂ ତାଙ୍କ ଇସ୍ତଫାର ମାତ୍ର ଦୁଇ ମାସ ପରେ ଗୁଜରାଟ ସରକାରଙ୍କ ପକ୍ଷରୁ ଏହି ତ୍ୱରିତ ତଥା ଅନୁକମ୍ପାମୂଳକ ନିଷ୍ପତ୍ତି ନିଆଯାଇଛି ।

ବଡୋଦରାର ଟାଉନ୍ ପ୍ଲାନିଂ ସ୍କିମ୍ ୨୨, ଫାଇନାଲ୍ ପ୍ଲଟ୍ ୯୦ରେ ଅବସ୍ଥିତ ଏହି ୯୭୮ ବର୍ଗ ମିଟର ଜମିଟି ପଠାନଙ୍କ ବର୍ତ୍ତମାନର ବାସଭବନ ସଂଲଗ୍ନ ଅଟେ । ନୂତନ ପ୍ରସ୍ତାବ ଅନୁଯାୟୀ, ଏହି ସମୁଦାୟ ଜମିରୁ ୫୦୦ ବର୍ଗ ମିଟର ଜମିକୁ ପଠାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଉପହାର ଭାବରେ ପ୍ରଦାନ କରାଯିବ ଏବଂ ଅବଶିଷ୍ଟ ୪୭୮ ବର୍ଗ ମିଟର ଜମିକୁ ବଡୋଦରା ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟର ଏକ ରିହାତି ଦରରେ ତାଙ୍କୁ ଦିଆଯିବ । ସରକାରଙ୍କ ପକ୍ଷରୁ ଏହି ପ୍ରସ୍ତାବରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ଏହି ଆବଣ୍ଟନ ଏକ ସ୍ୱତନ୍ତ୍ର ବ୍ୟତିକ୍ରମ ଏବଂ ଏହାକୁ ଭବିଷ୍ୟତରେ କୌଣସି ପୂର୍ବ ଦୃଷ୍ଟାନ୍ତ ବା ନଜିର ଭାବରେ ଗ୍ରହଣ କରାଯାଇପାରିବ ନାହିଁ । କିନ୍ତୁ ଏହି ସର୍ତ୍ତ ହିଁ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ଯେ, ଏହି ଆବଣ୍ଟନକୁ ଏକ ବ୍ୟତିକ୍ରମ ଭାବରେ ଗ୍ରହଣ କରିବା ପାଇଁ ସରକାରଙ୍କ ପାଖରେ କେଉଁ ଆଇନଗତ ଆଧାର ରହିଛି ଏବଂ ସାଧାରଣ ଲୋକଙ୍କ ସମାନ ଧରଣର ଦାବିଠାରୁ ଏହାକୁ କିପରି ଅଲଗା କରାଯାଇପାରିବ । ଏକ ନିର୍ବାଚିତ ପୌର ସଂସ୍ଥା ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପରିବର୍ତ୍ତେ ଜଣେ ପ୍ରଭାବଶାଳୀ ତଥା ସ୍ୱଚ୍ଛଳ ବ୍ୟକ୍ତିଙ୍କୁ ଏତେ ବଡ଼ ଆର୍ଥିକ ରିହାତି କାହିଁକି ଦେଉଛି, ତାହା ସାଧାରଣ ପ୍ରଶାସନିକ ସ୍ୱଚ୍ଛତା ଉପରେ ଏକ ଗଭୀର ଆଞ୍ଚ ଆଣିଦେଇଛି ।

ସରକାରୀ ଜମିକୁ କୌଣସି ବ୍ୟକ୍ତିବିଶେଷଙ୍କୁ ମାଗଣାରେ ଉପହାର ଦେବାର ଆଇନଗତ ବ୍ୟବସ୍ଥାକୁ ଟିକିନିଖି ଅନୁଧ୍ୟାନ କଲେ ଅନେକ ତ୍ରୁଟି ପରିଲକ୍ଷିତ ହୁଏ । ଗୁଜରାଟ ସରକାରଙ୍କ ଦ୍ୱାରା ସେପ୍ଟେମ୍ବର ୧୭, ୨୦୦୨ ମସିହାରେ ବିଜ୍ଞାପିତ ହୋଇଥିବା ସହରାଞ୍ଚଳ କିମ୍ବା ଅଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ ଜମି ଏବଂ ଅନ୍ୟାନ୍ୟ ସମ୍ପତ୍ତି ହସ୍ତାନ୍ତର ନିୟମାବଳୀ ଅନୁଯାୟୀ ହିଁ ଏଭଳି ଜମି ଆବଣ୍ଟନ କରାଯାଇଥାଏ । ଏହି ନିୟମାବଳୀର ନିୟମ ୩(୧)ରେ ଜମି ହସ୍ତାନ୍ତରର ପ୍ରଣାଳୀ ସମ୍ପର୍କରେ ସ୍ପଷ୍ଟ ଉଲ୍ଲେଖ ରହିଛି । ଏହି ନିୟମ ଅନୁଯାୟୀ, କର୍ତ୍ତୃପକ୍ଷ କେବଳ ତିନୋଟି ଉପାୟରେ ଜମି ବା ସମ୍ପତ୍ତି ହସ୍ତାନ୍ତର କରିପାରିବେ । ସେଗୁଡ଼ିକ ହେଲା ସିଧାସଳଖ ବିକ୍ରୟ, ସର୍ବାଧିକ ୯୯ ବର୍ଷ ପାଇଁ ଲିଜ୍ କିମ୍ବା ଉନ୍ନୟନ ଅଧିକାର ପ୍ରଦାନ । ଏହା ବ୍ୟତୀତ ନିୟମ ୩(୨)ରେ ଜମି ହସ୍ତାନ୍ତର ପାଇଁ ଉନ୍ମୁକ୍ତ ନିଲାମ, ସାର୍ବଜନୀନ ବିଜ୍ଞାପନ ମାଧ୍ୟମରେ ଟେଣ୍ଡର ଆହ୍ୱାନ ଏବଂ ସରକାରୀ ସଂସ୍ଥାଗୁଡ଼ିକୁ ଆବଣ୍ଟନ ଆଦି ସ୍ୱଚ୍ଛ ପ୍ରକ୍ରିୟାର ବ୍ୟବସ୍ଥା ରହିଛି । ଏହି ୨୦୦୨ ନିୟମାବଳୀର କୌଣସି ସ୍ଥାନରେ ସରକାରୀ ଜମିକୁ ମାଗଣାରେ କାହାକୁ ଉପହାର ଦେବାର ବ୍ୟବସ୍ଥା ନାହିଁ କିମ୍ବା ବିନା ମୂଲ୍ୟରେ ବ୍ୟକ୍ତିଗତ ମାଲିକାନା ହସ୍ତାନ୍ତର କରିବାର ପ୍ରାବଧାନ ମଧ୍ୟ ନାହିଁ । ଏହି କାରଣରୁ ସରକାରୀ ଅଧିକାରୀମାନେ ମଧ୍ୟ ସ୍ୱୀକାର କରିଛନ୍ତି ଯେ ପଠାନଙ୍କୁ ଜମି ଉପହାର ଦେବା ଏକ ବ୍ୟତିକ୍ରମ ଏବଂ ଏଥିପାଇଁ ରାଜ୍ୟ ସରକାର ନିଜର ସ୍ୱେଚ୍ଛାଧୀନ କ୍ଷମତାର ପ୍ରୟୋଗ କରିଛନ୍ତି ।

ଏହି ଆଇନଗତ ପ୍ରତିବନ୍ଧକକୁ ଏଡ଼ାଇବା ପାଇଁ ବଡୋଦରା ମହାନଗର ନିଗମ ନିଜ ପ୍ରସ୍ତାବରେ ନିୟମ ୧୩ର ଆଶ୍ରୟ ନେଇଛି । ନିୟମ ୧୩ କେବଳ ସ୍ୱତନ୍ତ୍ର କ୍ଷେତ୍ର ପାଇଁ ଜମି ଆବଣ୍ଟନର ବ୍ୟବସ୍ଥା କରିଥାଏ । ଏହି ନିୟମ ଅନୁଯାୟୀ ଶିକ୍ଷାନୁଷ୍ଠାନ, ଗବେଷଣା ପ୍ରତିଷ୍ଠାନ, ଦାତବ୍ୟ ଟ୍ରଷ୍ଟ, ଧାର୍ମିକ ସଂସ୍ଥା, କ୍ରୀଡ଼ା କମ୍ପ୍ଲେକ୍ସ ଏବଂ ମୂକ, ବଧିର ତଥା ଦୃଷ୍ଟିହୀନ ବ୍ୟକ୍ତିମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଅନୁଷ୍ଠାନଗୁଡ଼ିକୁ ଜମି ଆବଣ୍ଟନ କରାଯାଇପାରିବ, ଯାହାକି ସାଧାରଣ ଜନତା ଏବଂ ସମାଜର ବୃହତ୍ତର ସ୍ୱାର୍ଥରେ ବିନିଯୋଗ ହେବ । ଏହି ପ୍ରକ୍ରିୟାରେ କର୍ତ୍ତୃପକ୍ଷ ସରକାରଙ୍କ ନିକଟରେ ଅନୁମୋଦନ ପାଇଁ ସୁପାରିଶ ସହ ଆବେଦନ କରିଥାନ୍ତି ଏବଂ ସରକାରଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହୋଇଥାଏ । ମାତ୍ର ବିଡ଼ମ୍ବନାର ବିଷୟ ହେଉଛି, ଏହି ନିୟମରେ କୌଣସି ବ୍ୟକ୍ତିଗତ କ୍ରୀଡ଼ାବିତ୍‌ଙ୍କୁ ତାଙ୍କର ବ୍ୟକ୍ତିଗତ ବ୍ୟବହାର ପାଇଁ ଜମି ଉପହାର ଦେବାର କୌଣସି ପ୍ରାବଧାନ ନାହିଁ । ସରକାରୀ ଅଧିକାରୀଙ୍କ ମତରେ ବଡୋଦରା ମହାନଗର ନିଗମ ଇତିହାସରେ ଏହା ହେଉଛି ପ୍ରଥମ ଘଟଣା ଯେଉଁଠାରେ ଜଣେ ବ୍ୟକ୍ତିବିଶେଷଙ୍କୁ ପ୍ଲଟ୍ ଉପହାର ଦିଆଯାଇଛି । ତେଣୁ ନିୟମ ୧୩ର ଦୁହାଇ ଦେଇ ଏଭଳି ଏକ ବେଆଇନ କାର୍ଯ୍ୟକୁ ବୈଧତା ପ୍ରଦାନ କରିବା ସରକାରୀ ବ୍ୟବସ୍ଥାର ସ୍ୱଚ୍ଛତା ଏବଂ ନିରପେକ୍ଷତା ଉପରେ ଏକ ବିରାଟ ପ୍ରଶ୍ନଚିହ୍ନ ଲଗାଉଛି ।

ଏହି ନିଷ୍ପତ୍ତିକୁ ତୀବ୍ର ବିରୋଧ କରି ବିଶ୍ୱାମିତ୍ରୀ ବଞ୍ଚାଅ ସମିତି ନାମକ ଏକ ନାଗରିକ ସଂଗଠନ ଅକ୍ଟୋବର ୨୨ ତାରିଖରେ ବଡୋଦରା ମହାନଗର ନିଗମକୁ ଏକ ସ୍ମାରକପତ୍ର ପ୍ରଦାନ କରିଛି । ଏହି ସ୍ମାରକପତ୍ରରେ ଉଠାଯାଇଥିବା ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଯୁକ୍ତିଯୁକ୍ତ ଏବଂ ଆଇନସମ୍ମତ ଅଟେ । ଘଟଣାର ଐତିହାସିକ ପୃଷ୍ଠଭୂମିକୁ ଦେଖିଲେ ଜଣାପଡ଼େ ଯେ, ୟୁସୁଫ୍ ପଠାନ ପ୍ରଥମେ ମାର୍ଚ୍ଚ ୩, ୨୦୧୨ ମସିହାରେ ଏହି ଜମି ପାଇଁ ଆବେଦନ କରିଥିଲେ । ସେତେବେଳେ ମଧ୍ୟ ସେ ଜଣେ ବିଶ୍ୱସ୍ତରୀୟ କ୍ରିକେଟର ଥିଲେ ଏବଂ ୨୦୦୭ ଟି-ଟ୍ୱେଣ୍ଟି ବିଶ୍ୱକପ୍ ତଥା ୨୦୧୧ ଦିନିକିଆ ବିଶ୍ୱକପ୍ ବିଜେତା ଭାରତୀୟ ଦଳର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ । ତଥାପି, ବ୍ୟାପକ ବିଚାରବିମର୍ଶ ପରେ ଜୁନ୍ ୯, ୨୦୧୪ ମସିହାରେ ଗୁଜରାଟ ସରକାର ତାଙ୍କର ଏହି ପ୍ରସ୍ତାବକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଥିଲେ । ଏବେ ସମିତି ପ୍ରଶ୍ନ କରିଛି ଯେ, ୧୪ ବର୍ଷ ପୂର୍ବେ ଖାରଜ ହୋଇସାରିଥିବା ଏକ ଆବେଦନକୁ ହଠାତ୍ କିପରି ଏବଂ କେଉଁ ଆଧାରରେ ପୁନର୍ଜୀବିତ କରାଗଲା ତାହା ସ୍ପଷ୍ଟ ହେବା ଦରକାର । ଆଇନଗତ ଦୃଷ୍ଟିକୋଣରୁ ଏହା ଲ ଅଫ୍ ଲିମିଟେସନ୍‌ର ସିଧାସଳଖ ଉଲ୍ଲଂଘନ ଅଟେ । ଏହାଛଡ଼ା, ଅନ୍ୟ ଜବରଦଖଲକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ମହାନଗର ନିଗମ ବର୍ଷ ବର୍ଷ ଧରି ଏହି ପ୍ଲଟ୍ ଉପରେ ପଠାନଙ୍କ କଥିତ ବେଆଇନ ଦଖଲକୁ କାହିଁକି ସହ୍ୟ କରୁଥିଲା, ତାହା ମଧ୍ୟ ଏକ ବଡ଼ ରହସ୍ୟ ହୋଇ ରହିଛି ।

ଏହି ଆବଣ୍ଟନ ପ୍ରକ୍ରିୟା ଭାରତୀୟ ସମ୍ବିଧାନ ପ୍ରଦତ୍ତ ସମାନତାର ଅଧିକାରକୁ ମଧ୍ୟ ବହୁଳ ଭାବରେ କ୍ଷୁଣ୍ଣ କରୁଛି । ସମିତିର ପ୍ରତିନିଧିତ୍ୱ କରୁଥିବା ଆଇନଜୀବୀ ଶୈଳେଶ ଅମିନ ଅତ୍ୟନ୍ତ ସଠିକ୍ ଭାବରେ ଦର୍ଶାଇଛନ୍ତି ଯେ, ଏହି ନିଷ୍ପତ୍ତି ପଠାନଙ୍କୁ ଅନ୍ୟ ଆନ୍ତର୍ଜାତୀୟ କ୍ରୀଡ଼ାବିତ୍‌ମାନଙ୍କଠାରୁ ଭିନ୍ନ ଶ୍ରେଣୀଭୁକ୍ତ କରୁଛି । ବଡୋଦରା ସହରରୁ ଅନେକ କ୍ରୀଡ଼ାବିତ୍ ଆନ୍ତର୍ଜାତୀୟ ସ୍ତରରେ ଦେଶର ପ୍ରତିନିଧିତ୍ୱ କରିଛନ୍ତି ଏବଂ ଏହି ସହରରେ ଚାରି ଜଣ ଅର୍ଜୁନ ପୁରସ୍କାର ବିଜେତା ମଧ୍ୟ ଅଛନ୍ତି । ଯଦି ୟୁସୁଫ୍ ପଠାନଙ୍କୁ ତାଙ୍କ କ୍ରୀଡ଼ା ଅବଦାନ ପାଇଁ ଏତେ ବଡ଼ ଉପହାର ଦିଆଯାଇପାରୁଛି, ତେବେ ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଭାରତୀୟ ମହିଳା କ୍ରିକେଟ୍ ଦଳର ତାରକା ଖେଳାଳି ଯଷ୍ଟିକା ଭାଟିଆଙ୍କ ଭଳି ଅନ୍ୟ ଆନ୍ତର୍ଜାତୀୟ ଖେଳାଳିମାନଙ୍କୁ ସରକାର ସମାନ ଉପହାର ଦେବେ କି ନାହିଁ ତାହା ସରକାର ସ୍ପଷ୍ଟ କରିବା ଉଚିତ୍ । ଯଦିଓ ପଠାନ ୨୦୧୨ ମସିହାରେ ଭାରତ ପାଇଁ ତାଙ୍କର ଶେଷ ଦିନିକିଆ ଏବଂ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିଥିଲେ, ତଥାପି ସେ ୨୦୧୯ ମସିହା ପର୍ଯ୍ୟନ୍ତ ଇଣ୍ଡିଆନ୍ ପ୍ରିମିୟର ଲିଗ୍ ବା ଆଇପିଏଲ୍‌ରେ କୋଲକାତା ନାଇଟ୍ ରାଇଡର୍ସ, ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ ଭଳି ଦଳ ପାଇଁ ଖେଳି ବିପୁଳ ଅର୍ଥ ଉପାର୍ଜନ କରିଛନ୍ତି । ତେଣୁ ଜଣେ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ବ୍ୟକ୍ତିଙ୍କୁ କୋଟି କୋଟି ଟଙ୍କାର ସରକାରୀ ସମ୍ପତ୍ତି ରିହାତିରେ ଦେବା ଆଦୌ ଗ୍ରହଣୀୟ ନୁହେଁ । ସରକାର ଏହି ନିଷ୍ପତ୍ତିକୁ ଏକ ବ୍ୟତିକ୍ରମ ବୋଲି ଦର୍ଶାଇ ଭବିଷ୍ୟତରେ ଅନ୍ୟମାନଙ୍କ ଦାବିକୁ ଏଡ଼ାଇଦେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ସମ୍ପୂର୍ଣ୍ଣ ଭାବରେ ପକ୍ଷପାତପୂର୍ଣ୍ଣ ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ପରିପନ୍ଥୀ ଅଟେ ।

ଏହି ପ୍ରସ୍ତାବରେ ଥିବା ଆଉ ଏକ ସର୍ତ୍ତ ଅନୁଯାୟୀ, ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ଦ୍ୱାରା ବଡୋଦରା ମହାନଗର ନିଗମକୁ ଏହି ହସ୍ତାନ୍ତରିତ ଜମିର ସମାନ ମୂଲ୍ୟର ଅନ୍ୟ ଏକ ଜମି କ୍ଷତିପୂରଣ ସ୍ୱରୂପ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । କିନ୍ତୁ କେବଳ ଏକ ପ୍ରତିଶ୍ରୁତି ଆଧାରରେ ମହାନଗର ନିଗମ ନିଜର ଏକ ମୂଲ୍ୟବାନ ସମ୍ପତ୍ତିକୁ ହାତଛଡ଼ା କରିବା ନିଗମର ଆର୍ଥିକ ସ୍ୱାର୍ଥ ବିରୋଧୀ ଅଟେ । ସହରାଞ୍ଚଳ ବିକାଶ ବିଭାଗର ନିୟମ ଅନୁଯାୟୀ, ମହାନଗର ନିଗମର ସମ୍ପତ୍ତିକୁ ସର୍ବୋଚ୍ଚ ରାଜସ୍ୱ ଆଦାୟ ପାଇଁ ଉନ୍ମୁକ୍ତ ନିଲାମ ମାଧ୍ୟମରେ ବିକ୍ରି କରାଯିବା ଉଚିତ୍, ଯାହାଦ୍ୱାରା ସେହି ଅର୍ଥକୁ ସହରର ଉନ୍ନୟନମୂଳକ କାର୍ଯ୍ୟରେ ଲଗାଯାଇପାରିବ । କିନ୍ତୁ ଏଠାରେ ଜନସାଧାରଣଙ୍କ ସମ୍ପତ୍ତିକୁ କୌଣସି ନିଲାମ ବିନା, ନିଜର ସ୍ୱେଚ୍ଛାଧୀନ କ୍ଷମତା ବଳରେ ହସ୍ତାନ୍ତର କରାଯାଉଛି, ଯାହାକି ପବ୍ଲିକ୍ ଟ୍ରଷ୍ଟ ଡକ୍ଟ୍ରିନ୍ ବା ସାର୍ବଜନୀନ ନ୍ୟାସ ନୀତିର ଖୋଲାଖୋଲି ଉଲ୍ଲଂଘନ ଅଟେ ।

ସାମଗ୍ରିକ ଭାବରେ ବିଶ୍ଳେଷଣ କଲେ ଜଣାଯାଏ ଯେ, ୟୁସୁଫ୍ ପଠାନଙ୍କୁ ଜମି ଆବଣ୍ଟନ ପ୍ରକ୍ରିୟା କେବଳ ଏକ ସାଧାରଣ ପ୍ରଶାସନିକ ନିଷ୍ପତ୍ତି ନୁହେଁ, ବରଂ ଏହା କ୍ଷମତାର ଅପବ୍ୟବହାରର ଏକ ସ୍ପଷ୍ଟ ଉଦାହରଣ ଅଟେ । ରାଜନୈତିକ ଆନୁଗତ୍ୟ ପରିବର୍ତ୍ତନ ହେବା ମାତ୍ରେ କିପରି ଆଇନର କଠୋରତା କୋହଳ ହୋଇଯାଏ ଏବଂ ବର୍ଷ ବର୍ଷ ଧରି ଖାରଜ ହୋଇପଡ଼ିଥିବା ଆବେଦନ ରାତାରାତି ଅନୁମୋଦନ ଲାଭ କରେ, ଏହା ତାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ । ଜନସାଧାରଣଙ୍କ ଟିକସ ଅର୍ଥରେ ଗଠିତ ସରକାରୀ ସମ୍ପତ୍ତିକୁ କୌଣସି ବ୍ୟକ୍ତିବିଶେଷଙ୍କ ରାଜନୈତିକ ଥଇଥାନ କିମ୍ବା ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରାଯିବା ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ । ସରକାରୀ ବ୍ୟବସ୍ଥାରେ ସ୍ୱେଚ୍ଛାଧୀନ କ୍ଷମତାର ଏଭଳି ଅବାଧ ପ୍ରୟୋଗ ସର୍ବଦା ଦୁର୍ନୀତି ଏବଂ ପକ୍ଷପାତକୁ ପ୍ରଶ୍ରୟ ଦେଇଥାଏ, ଯାହାକି ଏକ ସ୍ୱଚ୍ଛ ଏବଂ ସମାନତାଭିତ୍ତିକ ସମାଜ ଗଠନ ଦିଗରେ ସବୁଠାରୁ ବଡ଼ ଅନ୍ତରାୟ ଅଟେ । ତେଣୁ ଗୁଜରାଟ ସରକାର ଏବଂ ବଡୋଦରା ମହାନଗର ନିଗମ ନିଜର ଏହି ବିବାଦୀୟ ନିଷ୍ପତ୍ତିର ତୁରନ୍ତ ପୁନର୍ବିଚାର କରିବା ସହିତ ସରକାରୀ ସମ୍ପତ୍ତିର ସୁରକ୍ଷା ତଥା ଆଇନର ସମାନତା ବଜାୟ ରଖିବା ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ଏକାନ୍ତ ଆବଶ୍ୟକ ଅଟେ ।

ଅଷ୍ଟଲକ୍ଷ୍ମୀ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ସୌନ୍ଦର୍ଯ୍ୟ, ଧନ ଓ ଉତ୍ପାଦନର ଦେବୀ ଲକ୍ଷ୍ମୀଙ୍କର ଅନେକ ରୂପ ଅଛି । ଯେମିତି ମା'ଦୁର୍ଗାଙ୍କର ନ'ଟି ରୂପ, ସେମିତି ମା'ଲକ୍ଷ୍ମୀଙ୍କର ଆଠଟି ରୂପ। ସେମାନଙ୍କୁ ଅଷ୍ଟଲକ୍ଷ୍ମୀ କୁହାଯାଏ । ପୁରାଣରେ ବର୍ଣ୍ଣନା ଅଛି ମା'ଲକ୍ଷ୍ମୀ ପ୍ରଦାନ କରୁଥିବା ଧନ ଷୋଳ ପ୍ରକାରର । ଏହି ଷୋଡ଼ଶ ଧନ ହେଉଛି - ଜ୍ଞାନ, ବୁଦ୍ଧିମତା, ଶକ୍ତି, ବୀରତ୍ୱ, ସୌନ୍ଦର୍ଯ୍ୟ, ପରାକ୍ରମ, ଖ୍ୟାତି, ଅଭିଳାଷା, ନୈତିକତା, ସ୍ୱର୍ଣ୍ଣ, ଶସ୍ୟ, ଖୁସି, ପରମାନନ୍ଦ, ସ୍ୱାସ୍ଥ୍ୟ, ଆୟୁଷ ଓ ପରାକ୍ରମୀ ସନ୍ତାନ । ଲକ୍ଷ୍ମୀଙ୍କର ଅଷ୍ଟସ୍ୱରୂପ ମନୁଷ୍ୟ ନିମନ୍ତେ ଆବଶ୍ୟକ ଏହି ଷୋଡ଼ଶ ଧନର ଆବଶ୍ୟକତା ପୂରଣ କରନ୍ତି । ମା'ଲକ୍ଷ୍ମୀଙ୍କର ଏହି ଆଠ ରୂପ ହେଉଛି - ଆଦି ଲକ୍ଷ୍ମୀ ବା ମହାଲକ୍ଷ୍ମୀ, ଧନ ଲକ୍ଷ୍ମୀ ବା ଐଶ୍ୱର୍ଯ୍ୟ ଲକ୍ଷ୍ମୀ, ଧାନ୍ୟ ଲକ୍ଷ୍ମୀ, ରଜ ଲକ୍ଷ୍ମୀ, ସନ୍ତାନ ଲକ୍ଷ୍ମୀ, ବୀରଲକ୍ଷ୍ମୀ ବା ଧୈର୍ଯ୍ୟ ଲକ୍ଷ୍ମୀ, ବିଦ୍ୟା ଲକ୍ଷ୍ମୀ, ବିଜୟଲକ୍ଷ୍ମୀ ବା ଜୟଲକ୍ଷ୍ମୀ ।

ପରମ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କୌଣସି ଦେବତାଙ୍କୁ କେବଳ ମନ୍ଦିରର ପ୍ରତିମା ହିସାବରେ ଦେଖନ୍ତି ନାହିଁ। ଦେବ ବା ଦେବୀଙ୍କର ଭାବମୂର୍ତ୍ତିକୁ ଆମ୍ଭମାନଙ୍କ ଭିତରେ ଜୀବନ୍ତ କରି ଉଠାଇବା ପାଇଁ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଗୁରୁତ୍ୱ ପ୍ରଦାନ କରିଛନ୍ତି। କୁଳମାଲିକ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କୁ ପୂଜା କରିବା ଅର୍ଥ ତାଙ୍କର ଇଛା ବୁଝି ଓ ଜାଣି ସେହି ପ୍ରକାର ଚଳିବା ଯାହାଫଳରେ ମହାଲକ୍ଷ୍ମୀ ପ୍ରୀତ ହୁଅନ୍ତି। ମହାଲକ୍ଷ୍ମୀ ଯେଭଳି ଧନଧାନ୍ୟର ଅଧିଷ୍ଠାତ୍ରୀ ସେହିଭଳି ସୌନ୍ଦର୍ଯ୍ୟର ମଧ ଦେବୀ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମହାଲକ୍ଷ୍ମୀଙ୍କର ବୀଜମନ୍ତ୍ର ହେଉଛି - ଶ୍ରୀଂ ଅର୍ଥାତ୍ ମହାଲକ୍ଷ୍ମୀ ଶ୍ରୀ-ସ୍ୱରୂପିଣୀ। ଯେଉଁ ଗୃହରେ ଅନାଚାର, କଦାଚାର ଓ ବ୍ୟଭିଚାର ଘଟେ ସେଠାରେ ମହାଲକ୍ଷ୍ମୀ ଅନ୍ତର୍ହିତ ହୁଅନ୍ତି। ହୀନସ୍ୱାର୍ଥପରତା, ଅର୍ଥଲୋଭ, କଳହ, ଖିଟିମିଟିଆ ସ୍ୱଭାବ, ଅସହିଷ୍ଣୁତା, ହିଂସା, ସ୍ୱେଚ୍ଛାଚାରୀ ଚଳନ, ଗୁରୁଜନ ମାନଙ୍କୁ ଅଶ୍ରଦ୍ଧା, ଅହଂମତ୍ତତା, ଅନ୍ୟକୁ ଦବାଇବାର ବୁଦ୍ଧି, ଅଭିମାନ ଓ ଆଧିପତ୍ୟ ଯେଉଁଠାରେ ଦେଖାଯାଏ ସେଠାରେ ମହାଲକ୍ଷ୍ମୀ ହଜି ଯାଆନ୍ତି। ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି - ମନୁଷ୍ୟ ନିଜର ଟଙ୍କା ପର, ଯେତେ ପାରିବ ମନୁଷ୍ୟ ଧର। ପୁଣି ଦୟାଳ ଠାକୁର କହିଛନ୍ତି ମା'ମାନଙ୍କର ଲକ୍ଷ୍ମୀ ପୂଜା କରିବା ଅର୍ଥ ବ୍ୟକ୍ତିଗତ ଭାବେ ସେମାନେ ଜଣେ ଜଣେ ଲକ୍ଷ୍ମୀ ହୋଇ ଉଠିବେ। ଲକ୍ଷ୍ମୀ ଆସିଛି 'ଲକ୍ଷ' ଧାତୁ ଠାରୁ - ଅର୍ଥ ଅଙ୍କନ, ଚିହ୍ନିତକରଣ, ଜ୍ଞାନ, ଦର୍ଶନ ଓ ଆଲୋଚନା। ଏହାର ଅର୍ଥ - ଯିଏ ଦେଖନ୍ତି, ଆଲୋଚନା କରନ୍ତି, ଗୁଣାଗୁଣ ବିଚାର କରନ୍ତି, ଯେଉଁଠାରେ ଯେଭଳି ଭାବେ ପ୍ରୟୋଜନ ତାହାକୁ ଚିହ୍ନିତ କରନ୍ତି - ଏହା ହିଁ ଲକ୍ଷ୍ମୀ ସ୍ୱଭାବ।

ଆଦି ଲକ୍ଷ୍ମୀ : ଆଦି ଲକ୍ଷ୍ମୀ ଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ । ସେ ମହର୍ଷି ଭୃଗୁଙ୍କ ଝିଅ ଓ ପ୍ରଭୁ ନାରାୟଣଙ୍କ ପତ୍ନୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ନାରାୟଣଙ୍କ ସହ ବୈକୁଣ୍ଠରେ ରୁହନ୍ତି । ସେ ନାରାୟଣଙ୍କ ତାଙ୍କୁ ଆଦର କରିବା ଦର୍ଶାଏ ଏ ଜଗତ ତାଙ୍କର ସେବାରେ ତତ୍ପର । ଆଦିଲକ୍ଷ୍ମୀଙ୍କର ଚାରୋଟି ହାତ । ଗୋଟିଏ ହାତରେ ପଦ୍ମପୁଷ୍ପ ଓ ଅନ୍ୟ ହାତରେ ପତାକା ଧରିଥାନ୍ତି। ଗୋଟିଏ ହାତ ଅଭୟ ମୁଦ୍ରାରେ ଥିବାବେଳେ ଅନ୍ୟ ହାତ ବରଦ ମୁଦ୍ରାରେ ଥାଏ । ତାଙ୍କୁ ଆନନ୍ଦ ପ୍ରଦାନ କାରିଣୀ ରମା ବୋଲି କୁହାଯାଏ। ତାଙ୍କର ଅନ୍ୟନାମ ଇନ୍ଦିରା। ପଦ୍ମକୁ ହୃଦୟ ସହ ସଂଯୁକ୍ତ କରିଥିବାରୁ ସେ ଶୁଦ୍ଧତାର ପ୍ରତୀକ । ଅଷ୍ଟଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀଙ୍କର ପ୍ରଥମ ସ୍ୱରୂପ ଆଦିଲକ୍ଷ୍ମୀ ।

ଧନଲକ୍ଷ୍ମୀ : ଧନ ଅର୍ଥ ସୁନା ବା ଅର୍ଥ ଭାବରେ ବୈଭବ । ଆଧାତ୍ମିକ ଅର୍ଥରେ ଏହା ବଳ, ଇଛାଶକ୍ତି, ପ୍ରତିଭା, ବୀରତ୍ୱ ଓ ଚରିତ୍ରକୁ ବୁଝାଏ । ଧନଲକ୍ଷ୍ମୀ ମନୁଷ୍ୟ ଜଗତର ଏହି କ୍ଷେତ୍ରକୁ ପ୍ରତିନିଧିତ୍ୱ କରନ୍ତି। ତାଙ୍କର ଦୟାରେ ଆମେ ଆବଶ୍ୟକ ପରିମାଣର ଧନ ଓ ସମୃଦ୍ଧି ପାଇପାରିବା । ଏହି ଲକ୍ଷ୍ମୀ ସ୍ୱରୂପାଙ୍କର ୬ଟି ହସ୍ତ ଅଛି । ସେ ଲାଲ ଶାଢ଼ି ପରିଧାନ କରନ୍ତି । ପାଞ୍ଚଟି ହାତରେ ଯଥାକ୍ରମେ ଚକ୍ର, ଶଙ୍ଖ, ପବିତ୍ର କଳସ, ଧନୁତୀର ଓ ପଦ୍ମ ଧାରଣ କରିଥାନ୍ତି।

ଧାନ୍ୟ ଲକ୍ଷ୍ମୀ : ଲକ୍ଷ୍ମୀଙ୍କର ତୃତୀୟ ସ୍ୱରୂପ ଖାଦ୍ୟଶସ୍ୟର ଦେବୀ ଧାନ୍ୟ ଲକ୍ଷ୍ମୀ । ଶରୀର ଓ ମନର ପୋଷଣ ଆବଶ୍ୟକତା ପରିପୂର୍ଣ୍ଣ କରନ୍ତି ଏହି ଲକ୍ଷ୍ମୀ। ସେ ମନୁଷ୍ୟକୁ କୃଷିଜାତ ଧନ ସହ ଶରୀରର ସମସ୍ତ ଆବଶ୍ୟକତା ପୂରଣ ପାଇଁ ପୋଷଣ ପ୍ରଦାନ କରନ୍ତି । ତାଙ୍କର ଦୟା ଥିଲେ କେବେ ଖାଦ୍ୟରେ ଅଭାବ ହୁଏନି । ଧାନ୍ୟଲକ୍ଷ୍ମୀ ସବୁଜ ବସ୍ତ୍ର ପରିହିତା, ଅଷ୍ଟଭୂଜା ବିଶିଷ୍ଟ । ସେ ଦୁଇ ହାତରେ ପଦ୍ମ ଧରିଥାନ୍ତି ।

ଗଜଲକ୍ଷ୍ମୀ : ହିନ୍ଦୁ ପୁରାଣ ଅନୁଯାୟୀ କ୍ଷୀର ସମୁଦ୍ର ମନ୍ଥନରୁ ଲକ୍ଷ୍ମୀ ଏହି ସ୍ୱରୂପରେ ଉଦ୍ଭବ ହୋଇଥିଲେ । ସେ ଜଳର ଈଶ୍ୱର ବରୁଣଙ୍କ ପୁତ୍ରୀ । ସମୁଦ୍ର ଗର୍ଭରେ ବିଭିନ୍ନ ହୋଇଯାଇଥିବା ଇନ୍ଦ୍ରଙ୍କର ସମ୍ପତ୍ତି ସବୁକୁ ଗଜଲକ୍ଷ୍ମୀ ପୁଣି ତାଙ୍କୁ ଫେରାଇ ଦେଇଥିଲେ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ଧନ, ସମୃଦ୍ଧି, ସୁଖ ପ୍ରାଚୁର୍ଯ୍ୟ ଓ ରାଜକୀୟତାର ପ୍ରଦାୟିନୀ ତଥା ସୁରକ୍ଷାକାରିଣୀ । ଲକ୍ଷ୍ମୀଙ୍କର ଏହି ସ୍ୱରୂପ ସବୁଠାରୁ ସୁନ୍ଦର।

ସନ୍ତାନ ଲକ୍ଷ୍ମୀ : ମା' ଲକ୍ଷ୍ମୀଙ୍କର ଏହି ପଞ୍ଚମ ସ୍ୱରୂପ ପାରିବାରିକ ଜୀବନର ଧନ ସନ୍ତାନର ଦେବୀ । ତାଙ୍କ ଦୟାରେ ଦମ୍ପତି ସ୍ୱାସ୍ଥ୍ୟବାନ, ଦୀର୍ଘାୟୁ ସୁସନ୍ତାନ ପ୍ରାପ୍ତ ହୁଅନ୍ତି । ଏହି ଲକ୍ଷ୍ମୀ ଷଡ଼ଭୂଜା । ଦୁଇ ହାତରେ କଳସ ଧାରଣ କରିଥାନ୍ତି। ଗୋଟିଏ ହାତରେ ଖଡ଼୍‌ଗ ଓ ଅନ୍ୟଟିରେ ଢ଼ାଲଥାଏ । ଶେଷ ଦୁଇହାତ ଅଭୟ ଓ ବରଦ ମୁଦ୍ରାରେ ଥାନ୍ତି ।

ବୀରଲକ୍ଷ୍ମୀ : ଲକ୍ଷ୍ମୀଙ୍କର ଏହି ଷଷ୍ଠ ସ୍ୱରୂପ ସାହାସ, ଶକ୍ତି, କ୍ଷମତା ପ୍ରଦାନକାରିଣୀ । ଯୁଦ୍ଧରେ ବା ଜୀବନ ଯୁଦ୍ଧରେ ଆସୁଥିବା ବିପଦ ଓ ପ୍ରତିବନ୍ଧକକୁ ଅତିକ୍ରମ କରିବା ନିମନ୍ତେ ବଳ ପରାକ୍ରମ ଲାଭ ନିମନ୍ତେ ବୀରଲକ୍ଷ୍ମୀଙ୍କୁ ପୂଜା କରାଯାଏ। ଜୀବନରେ ସ୍ଥିରତା ପାଇଁ ମଧ ତାଙ୍କୁ ଆରଧନା କରାଯାଏ । ବୀରଲକ୍ଷ୍ମୀ ଅଷ୍ଟଭୂଜା ବିଶିଷ୍ଟ । ସେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି । ତାଙ୍କ ହାତରେ ଚକ୍ର ଶଙ୍ଖ, ଧନୁତୀର, ତ୍ରିଶୂଳ ବା ଖଡ଼୍‌ଗ, ସ୍ୱର୍ଣ୍ଣଖଣ୍ଡ ବା ପୁସ୍ତକ ଶୋଭାପାଏ। ବିଦ୍ୟାଲକ୍ଷ୍ମୀ : ବିଦ୍ୟାର ଅର୍ଥ ଜ୍ଞାନ ଓ ଶିକ୍ଷା, ଏହା କେବଳ କଲେଜ ଓ ୟୁନିଭର୍ସିଟିର ସାର୍ଟିଫିକେଟ ନୁହେଁ ବରଂ ବାସ୍ତବିକ ଜ୍ଞାନ । ତେଣୁ ଲକ୍ଷ୍ମୀଙ୍କର ଏହି ସ୍ୱରୂପ କଳା ଓ ବିଜ୍ଞାନର ଜ୍ଞାନ ଦାନ କରନ୍ତି। ଜ୍ଞାନର ଦେବୀ ସରସ୍ୱତୀଙ୍କ ପରି ବିଦ୍ୟାଲକ୍ଷ୍ମୀ ଶୁଭ୍ରବସନା, ପଦ୍ମାସନା, ଚାରିଭୁଜା ଧାରିଣୀ । ତାଙ୍କର ଦୁଇଟି ହାତରେ ପଦ୍ମଫୁଲ ଶୋଭାପାଏ । ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ଥାଏ।

ବିଜୟ ଲକ୍ଷ୍ମୀ : ବିଜୟ ଅର୍ଥ ଜୟ କରିବା । ତେଣୁ ଏହି ସ୍ୱରୂପା ଲକ୍ଷ୍ମୀ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ବିଜୟର ପ୍ରତୀକ । କେବଳ ଯୁଦ୍ଧ ନୁହେଁ ପ୍ରତ୍ୟେକ ସଂଘର୍ଷ ଓ ଜୀବନ ଯୁଦ୍ଧରେ ବିଜୟରେ ପ୍ରତୀକ ବିଜୟ ଲକ୍ଷ୍ମୀ । ଜୀବନର ପ୍ରତ୍ୟେକ କ୍ଷେତ୍ରକୁ ଜୟ କରିବା ପାଇଁ ବିଜୟଲକ୍ଷ୍ମୀଙ୍କ ଆରାଧନା କରାଯାଏ। ଦେବୀଙ୍କ ଏହି ସ୍ୱରୂପ ଅଷ୍ଟଭୂଜା ଧାରିଣୀ। ସେ ଲାଲ୍ ଶାଢ଼ି ପିନ୍ଧି ପଦ୍ମ ଉପରେ ଆସୀନ ହୋଇଥାନ୍ତି । ବାସିତା ବାଦ୍ୟନୁତେ କନକଧାରାସ୍ତୁତି ବୈଭବ ବନ୍ଦିତା ଶଙ୍କରା ହେ ମଧୁସୂଦନ କାମିନୀ ବିଜୟଲକ୍ଷ୍ମୀ ପାଳୟମାମ୍ । ସ୍ତୋତ୍ରରେ ବିଜୟଲକ୍ଷ୍ମୀଙ୍କୁ ଆରାଧନା କରାଯାଏ ।

+ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ
ମୋ : ୯୪୩୭୦୫୧୯୫୭

ଗଣକବିଙ୍କ ଜୀବନୀ :ଏକ ସ୍ୱୟଂ ସଂପୂର୍ଣ୍ଣ ସାହିତ୍ୟ



ଅବନୀ ଚନ୍ଦ୍ର ଦାସ

ଓଡ଼ିଶା ଯାତ୍ରା ସାହିତ୍ୟର ପିତାମହ, ଗଣକବି ବୈଷ୍ଣବ ପାଣିଙ୍କ ଜୀବନୀ ସ୍ୱୟଂ ଏକ ମହାକାବ୍ୟ, ସ୍ୱୟଂ ସମ୍ପୂର୍ଣ୍ଣ ସାହିତ୍ୟ। ଆଜି ତାଙ୍କ ଜୟନ୍ତୀ ଅବକାଶ ରେ ସ୍ମରଣ କଲାବେଳେ ତାଙ୍କ ଜୀବନ ସାହିତ୍ୟକୁ ଅନୁଧ୍ୟାନ ନକରି ରହି ହେଉନାହିଁ ।

୧୮୮୨ ମସିହା କୁଆଁର ପୁନେଇଁ ରାତିରେ କଟକ ଜିଲ୍ଲା ମହାଙ୍ଗା ବ୍ଲକ କୋଠପଦା ଗ୍ରାମରେ ଏକ ଗରିବ ବ୍ରାହ୍ମଣ ପରିବାରରେ ଜନ୍ମ। ପିତା ଥିଲେ ସୁଦର୍ଶନ ପାଣି, ଆଉ ମାତା ଚାନ୍ଦଦେବୀ। ଶୈଶବରେ ପ୍ରଥମ ନାମ ଥିଲା ଶତ୍ରୁଘ୍ନ। ବାଲ୍ୟ କାଳରୁ ନାନା ରୋଗରେ ପୀଡିତ। ଚିକିତ୍ସା ପାଇଁ ଅର୍ଥ ନ ଥିବାରୁ ପିତାମାତା ପୁରୀ ବଡଛତା ମଠ ବରଗଛ ମୂଳେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରି ନାମ ଦେଇଥିଲେ - ବୈଷ୍ଣବ। ସେଇ ଦିନଠାରୁ ସବୁ ଦିନ ପାଇଁ 'ବୈଷ୍ଣବ ପାଣି' ନାମରେ ପରିଚିତ ହୋଇଗଲେ ସେ ।

ଦାରିଦ୍ର୍ୟ ପାଇଁ ପଞ୍ଚମ/ ୬ଷ୍ଠ ଶ୍ରେଣୀରୁ ପାଠ ଛାଡିବାକୁ ପଡିଲା। ଗାଁ ଲୋକଙ୍କ ସାହାଯ୍ୟରେ କିଛି ପଢିଲେ, ଓଡ଼ିଆ ଓ ସଂସ୍କୃତରେ ପ୍ରଗାଢ ଜ୍ଞାନ ଅର୍ଜନ କଲେ। ଜୀବନର ସବୁଠୁ ବଡ ବିଦ୍ରୋହ ର ସାମ୍ନା କରିଥିଲେ - ଜାତି ପ୍ରଥାକୁ ଅମାନ୍ୟ କରି ଜଣେ ରଜକ ପରିବାରର ଝିଅ (ହର)କୁ ଅସବର୍ଣ୍ଣ ବିବାହ କରି ଚର୍ଚ୍ଚିତ ହୋଇଥିଲେ ବୈଷ୍ଣବ ପାଣି। ଏଥିପାଇଁ ନିଜ ପରିବାର ଓ ଉଚ୍ଚ ବର୍ଣ୍ଣର ଲୋକଙ୍କ ଦ୍ୱାରା ବାସନ୍ଦ ହେଲେ, ସମାଜରୁ ବହିଷ୍କୃତ ହେଲେ। ବିରୂପା କୂଳରେ ଏକ କୁଡ଼ିଆ ଘରେ କରି ସାହିତ୍ୟ ସାଧନାରେ ମଜ୍ଜି ଗଲେ ।

ଭାଗ୍ୟକୁ କୋଠପଦା ମଠର ମହନ୍ତ ତାଙ୍କୁ ଫୁଲ ତୋଳା, ଗୋଚାରଣ କାର୍ଯ୍ୟ ରେ ନିୟୋଜିତ କରିଥିଲେ। ପରେ ପିଲାଟିର ପ୍ରତିଭା ଦେଖି ନିଜ ଥିଏଟର ଦଳରେ ନେଲେ ଗୋଟିପୁଅ ନୃତ୍ୟ କରିବା ପାଇଁ । ସେଠି ବୈଷ୍ଣବ ପାଣି ଅଭିନୟର ପ୍ରଥମ ପାଠ ଶିଖିଲେ। ପ୍ରଥମେ ଗୋପାଳ ଦାସଙ୍କ ପାଖକୁ ନାଟକ ମାଗିବାକୁ ଯାଇ ଖାଲି ହାତରେ ଫେରିଲେ, ଆଉ ନିଜେ ଲେଖିବାକୁ ସ୍ଥିର କଲେ। ଏହା ସେ ନିଜ ଆତ୍ମ କଥାରେ ଲେଖିଛନ୍ତି ।

ମାହାଙ୍ଗାର ପ୍ରସିଦ୍ଧ ଶ୍ରୀ ବିନୋଦ ବିହାରୀ ଜାଉଙ୍କ ଚରଣରେ ଶରଣ ଗଲେ । ଅଧିଆ ପଡ଼ି ଗୁହାରି କରିଥିଲେ। ଲେଖନୀ ଧରିଲେ, ଆଉ ୨୧ ବର୍ଷ ବୟସରେ ୧୯୦୩ରେ ନିଜର ପ୍ରଥମ କୃତି 'ମେଘନାଦ ବଧ' ରଚନା କରି ଶ୍ରୀ ବିନୋଦ ବିହାରୀଙ୍କୁ ସମର୍ପିତ କଲେ। ତା'ପରେ ଆଉ ପଛକୁ ଫେରି ନାହାଁନ୍ତି। ପ୍ରାୟ ୬୦୦ ପୁସ୍ତକ, ଯେଉଁଥିରେ ୧୫୦ ଯାତ୍ରା, ୧୯ ସୁଆଙ୍ଗ /ପ୍ରହସନ, ୬୫ ଗୀତି ସଙ୍କଳନ ଓ ଆହୁରି ଅନେକ ଭଜନ, ଜଣାଣ, ଛାନ୍ଦ, ଚଉପଦୀ, କାବ୍ୟ, କବିତା, ଗଦ୍ୟ - ସାହିତ୍ୟ ସୃଷ୍ଟି କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଦାନ କରି ଯାଇଛନ୍ତି । ତନ୍ମଧରେ ପ୍ରସିଦ୍ଧ ଯାତ୍ରା - ଦ୍ରୋଣାଚାର୍ଯ୍ୟ ବଧ (୧୯୨୮), କର୍ଣ୍ଣ ଅର୍ଜୁନ (୧୯୨୯), ରଙ୍ଗସଭା (୧୯୩୦), ଦକ୍ଷ ଯଜ୍ଞ (୧୯୩୨) ଆଜିର ଇଣ୍ଟରନେଟ ଯୁଗରେ ମଧ ଜନମନରେ ଜୀବନ୍ତ ହୋଇ ରହିଛି। ସେ ଓଡ଼ିଆ ଯାତ୍ରାରେ ପ୍ରଥମ ଥର ପାଇଁ 'ଗୀତିନାଟ୍ୟ' ପ୍ରଚଳନ କଲେ। ଭଜନ, ଜଣାଣ, ଛାନ୍ଦ, ଚଉପଦୀ, ସୁଆଙ୍ଗ, ଗୀତାଭିନୟ ସବୁଥିରେ ସେ ସିଦ୍ଧହସ୍ତ। ନିଜେ ଅଭିନେତା, ନର୍ତ୍ତକ, ଗାୟକ, ବାଦକ ଓ ନିର୍ଦ୍ଦେଶକ। 'ଗଣ' ର କାର୍ଯ୍ୟ ନିଜେ ଏକାକୀ ସମ୍ପନ୍ନ କରି 'ଗଣକବି' ହୋଇଗଲେ ସେ। ମୁଖ୍ୟତଃ ପୌରାଣିକ ବିଷୟବସ୍ତୁକୁ ନେଇ ସେ ଯାତ୍ରା, ନାଟକ, ଗୀତିନାଟ୍ୟ, ସୁଆଙ୍ଗ ଓ ଗୀତାଭିନୟ ରଚନା କରୁଥିଲେ ବି ତହିଁରେ ଭରି ରହିଥିଲା ତତ୍କାଳୀନ ସାମାଜିକ, ଅର୍ଥନୈତିକ, ରାଜନୈତିକ ସମସ୍ୟା, ଦୀନ ଦଳିତ, ଅବହେଳିତ ଜନତାର ଦୁର୍ଦ୍ଦଶା ଓ ନାରୀ ଙ୍କ ଯନ୍ତ୍ରଣାର ସ୍ୱର।

୧୯୫୬ ମେ ୧୦ ତାରିଖ (ବୈଶାଖ ଅମାବାସ୍ୟା ତିଥି)ରେ କଟକ ବଡ଼ ଡାକ୍ତରଖାନାରେ ଶେଷ ନିଃଶ୍ୱାସ ଛାଡି ଇହ ଧାମ ତ୍ୟାଗ କଲାବେଳକୁ ପାଖରେ କେହି ନଥିଲେ । ତାଙ୍କ ଜୀବନ ନାଟକର ନାୟିକା କୁହାଯାଉଥିବା 'ହର' ମଧ୍ୟ ଏକ ବର୍ଷ ପୂର୍ବରୁ ଆରପାରିକୁ ଚାଲି ଯାଇଥିଲା । କୁହାଯାଏ କି, ଦୈନିକ ପ୍ରଜାତନ୍ତ୍ର ର ତତ୍କାଳୀନ ସମ୍ପାଦକ ଜାନକୀ ବଲ୍ଲଭ ପଟ୍ଟନାୟକ ଓ କେତେଜଣ କଟକ ବାସିନ୍ଦା ପାଣିଙ୍କ ଯାତ୍ରା ପ୍ରେମୀ ମାନଙ୍କ ସହାୟତାରେ ଖାନନଗର ମଶାଣିରେ ବୈଷ୍ଣବ ପାଣିଙ୍କ ମରଶରୀର କୁ ସତ୍କାର କରା ଯାଇଥିଲା। ପରେ କାଳେ କଟକର ବର୍ଷୀୟାନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ତାଙ୍କୁ 'ଗଣକବି' ଉପାଧି ଦେଇଥିଲା - ମରଣୋତ୍ତର ସମ୍ମାନ ସ୍ୱରୂପ । କିନ୍ତୁ, ବୈଷ୍ଣବ ପାଣିଙ୍କ ଜୀବଦ୍ଦଶାରେ ଡ଼ଃ ହରେକୃଷ୍ଣ ମହତାବ ଏକଦା କହିଥିଲେ : ବୈଷ୍ଣବ ପାଣିଙ୍କ ଭଳି ମହାନ୍ କବିଙ୍କ ପାଇଁ ମାସ୍ ଚୌକି ଅପେକ୍ଷା କରିଛି । ଅର୍ଥାତ୍ ବୈଷ୍ଣବ ପାଣି ହିଁ 'ଗଣକବି' ଆସନରେ ବସିବାକୁ ଯୋଗ୍ୟ ଅଟନ୍ତି । ଏହି କଥାଟି ତଡିତ୍ ବେଗରେ ପ୍ରଚାରିତ ହୋଇ ଲୋକମୁଖରେ ପାଣି କବିଙ୍କୁ 'ଗଣକବି' ଭାବେ ପରିଚିତ କରାଇ ଥିଲା । ଏକଥା ମଧ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ରେ ଉଲ୍ଲିଖିତ ।



ଆଜି ତାଙ୍କ ନାଁରେ ଶହ ଶହ ଅନୁଷ୍ଠାନ, ତାଙ୍କ ନାଁରେ ପୁଣି ରାଜନୀତି, ପ୍ରତିଯୋଗିତା ଆଉ ପ୍ରତିଦ୍ୱନ୍ଦ୍ୱିତା। ହେଲେ, କୋଠପଦାରେ ତାଙ୍କ ଅମଳର ପୁରୁଣା ଚାଳ ଛପର ଘର ଭଗ୍ନ ଅବସ୍ଥାରେ, ପାଣ୍ଡୁଲିପି କେତେ ଉଇ ଖାଇ ଯାଉଛି। ଜନ୍ମପୀଠ ଓ ଖାନନଗର ମଶାଣିରେ କେବଳ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଠିଆ ହୋଇଛି। ମୁକ୍ତ ମଞ୍ଚ ପରି ଖୋଲା ଆକାଶ ତଳେ ଏଇ ମାଟିରେ ଠିଆ ହୋଇ ଗଣକବି ବୈଷ୍ଣବ ପାଣି ଯେଉଁ ଉଦ୍ ଘୋଷଣା ଜାରି ରଖିଛନ୍ତି ତାହା ହେଲା -

ଦାରିଦ୍ର୍ୟ ସାହିତ୍ୟକୁ ମାରି ପାରେନା, ସମାଜ ବାସନ୍ଦ କରି କେବେ ପ୍ରତିଭାକୁ ପ୍ରତିରୋଧ କରି ପାରେନା। ଯିଏ ନିଜେ ଗାଇ, ନାଚି, ବଜାଇ, ଲେଖି ଗାଁ ଗାଁରେ ଚେତନା ଜଗାଇଲେ, ସେ ଆଜି ମାଟିର ପ୍ରତିମା ହୋଇ ବି ସଭ୍ୟ ଶିକ୍ଷିତ ସମାଜର ଜନଗଣଙ୍କୁ ପଚାରୁଛନ୍ତି - 'ମୋ କଲମର ମର୍ଯ୍ୟାଦା ରଖିଲ ତ ?'

+କୁମୁଡ଼ା ଜୟପୁର (ମାହାଙ୍ଗା), ଜିଲ୍ଲା : କଟକ
ମୋ: ୯୯୩୭୫୩୭୯୭୪





ଯୋଗିନୀ

ପୁସ୍ତମ୍ ଯୁଆଡି

ମୁଁ ଅନ୍ଧାର କୋଳରେ
ରାତିକୁ ଶୁଆଇ ଦେଲାପରେ
ତମେ କବାଟ ଠକ୍‌ଠକ୍ କଲ
ଛାଇ ନିଦରୁ ଉଠି
ରାତି ମତେ ଜବାବ୍ ମାଗେ
କାହାର ଏ ପାଦଶବ୍ଦ
ମୁ କିନ୍ତୁ ନିରୁତ୍ତର !!

ତମେ ଯୋଗିନୀ ହେବା ଆଗରୁ
କେତେବେଳୁ ନିଜକୁ ଯୋଗୀ ଭାବୁଛି
ମତେ ବି ଅଗୋଚର ।

ରାତି ପୁଣି କହିଲା
ଯୋଗୀ ହେବା ଏତେ ସହଜ ନୁହେଁ
ମୁଁ ସ୍ତବ୍ଧ...
ତମେ କିନ୍ତୁ ଯୋଗିନୀ ବେଶରେ
ବେଶ୍,ଆରାମରେ
ଅନ୍ଧାର କୋଳରେ ଯୋଗ ସାଧୁଥିଲ।

+ଭୁତିବାହାଲ
ଗାଇସିଲାଟ,ବରଗଡ
ମୋ: ୯୫୫୬୩୨୬୯୪୩

କି ସୁନ୍ଦର ହେମନ୍ତ କାଳ

ସନ୍ତୋଷ କୁମାର ଅଦାବର

ଆଶ୍ୱିନ ଗଲେ ଶରତ ସରେ
ଆସେ ହେମନ୍ତ କାଳ
ଏ ଋତୁ ପାଇଁ ମାସ ଦୁଇଟି
କାର୍ତ୍ତିକ,ମାର୍ଗଶିର ।।
ପ୍ରକୃତିରାଣୀ କି ମନୋହର
ଦିଶେ ଆହା ଏ କାଳେ
ନିର୍ମଳ ନୀଳ ଆକାଶ ସତେ
ମନରେ ଖୁସି ଭରେ ।।
ଘାସ ଉପରେ କାକର ଟୋପା
ଚମକେ ମୋତି ଭଳି
ଧାନ କ୍ଷେତରେ ପାଚଇ ଧାନ
ଦିଶେ ସୁବର୍ଣ୍ଣ ପରି ।।
ନାନା ରକମ ଫୁଲରେ ସତେ
ମହକେ ଚତୁର୍ଦ୍ଦିଗ
ଗଛ ଲତାରେ କେତେ ପତର
ଦିଶେ ସବୁଜ ରଙ୍ଗ ।।
ଦୀପାବଳି ଓ ରାସ ପୂର୍ଣ୍ଣିମା
ମାଣବସା ଗୁରୁବାର
ପ୍ରଥମାଷ୍ଟମୀ ଆଦି ପରବ
ଖୁସି ଦିଏ ଅପାର ।।
ହିମ ଆସୁଛି ହସି ହସିକି
ହୋଇ ସେ ଭାରି ଖୁସି
ଆସରେ ପିଲେ ହୋଇବା ଖୁସି
ତା' ସାଥେ ଆମେ ମିଶି ।।

+ବୀରମହାରାଜପୁର,
ସୁବର୍ଣ୍ଣପୁର

କବିତାମାଳା

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
୨୭ ଅକ୍ଟୋବର ୨୦୨୬, ମଙ୍ଗଳବାର

ସମୟ ନଈ ଯାଇଚି ବହି

ପ୍ରଶାନ୍ତ କୁମାର ଦାଶ



ସମୟ ନଈ ଯାଇଚି ବହି
ଆଉ ଫେରଇ ନାହିଁ
ସେଇ ନଈକୁ କିଏସେ ପୁଣି
ଦେଖିଚ କୁହ କାହିଁ ।

ଲାଗୁଚି ଦୁଃଖ ନାହିଁ ସେ ସୁଖ
ମନେପଡ଼ିଲେ ଥରେ
କୁହନ୍ତି ଆଜି ବହି ଧରିକି
ପଢତ ବସି ଘରେ ।

ଫେରିବ ନାହିଁ ଜହ୍ନ ରାତିରେ
ଆଉ ଖେଳିବା ବେଳ
ପାଠ ପାଇଁକି ଭାଙ୍ଗିଗଲାଣି
ସାଙ୍ଗସାଥୀର ମେଳ ।

ଫୁଲବଗିଚା ଅଛିତ ଏବେ
ଆସୁଚି ପ୍ରଜାପତି
ତାକୁ ଧରିବାପାଇଁ ଧାଇଁଲେ
ଥରିଉଠୁଛି ଛାତି ।

ବରଷାବେଳେ ପଦାକୁ ଗଲେ
ବସେ ଆକଟ ଛାଟ
ସରିଗଲାଣି କୋଳି ତୋଳିବା
ବଣବୁଦାର ନାଟ ।

ନଈପଠାର ସେ ବରଗଛ
ଏବେତ ଅଛି ଚାହିଁ
ତା ଡ଼ାଳେ ଝୁଲି ଦୋଳି ଖେଳିବ
ସମୟ ଆଉ ନାହିଁ ।

ଫେରିଆ ଥରେ ସମୟ ନଈ
ଡାକୁଛୁ ହାତଠାରି
ଖେଳିବୁ ଖେଳ ବାନ୍ଧିବୁ ମେଳ
ସମୟ ଦେବୁ ସାରି ।

+ କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦

ଅବୁଝା ପ୍ରିୟତମା

ନୀଳମଣି ତାନ୍ଦ



ଯେତେ ବୁଝେଇଲେ ବୁଝେନାହିଁ ଯିଏ
ସେ ଅବୁଝା ପ୍ରିୟତମା
ଅଭିମାନ ତାର କେମିତି ଭାଙ୍ଗିବି
ଉପାୟ ପାଉନି ଜମା ।
ଏକାନ୍ତରେ ଦିନେ କହିଲି ଜହ୍ନଟା
ନୁହେଁ ପ୍ରିୟା ତୁମ ପରି
ସକାଳ ସୂର୍ଯ୍ୟର ଖରା ଠାରୁ ଲାଗ
ତୁମେ ତ କଅଁଳ ଭାରି ।
ତୁମେ କହୁଥିଲେ ଲାଗେ ତୁମ କଥା
ଆହା ସତେ ମଧୁ ଝରା
ତୁମ ଚାଲି ଦେଖି ହଂସିନୀ ଯେତେକ
ଯାଆନ୍ତି ଲାଜେଇ ପରା ।
ତୁମରି ରୂପର ହୁଅଇ ଚରଚା
ନିଶି ହେଲେ ତାରା ମେଳେ
ତୁମେ ହସିଦେଲେ ଚପଳାଟିଏ କି
ମୋ ମନ ଆକାଶେ ଖେଳେ ।
ତଥାପି ମଉନ ରହିଥିଲା ସିଏ
ଆଉ ଯେ ଅବୁଝା ହୋଇ
ଲାଗୁଥିଲା ଏଡ଼େ ମନୋଇ ଝିଅଟେ
ନୁହେଁ ଖୁସି ମୋତେ ପାଇ ।

+ ମନ୍ତ୍ର ମାନୋର, ଗୋଠପାଟଣା
ଭୁନେଶ୍ୱର
ମୋ:୯୫୮୩୨୦୨୩୫୭

ପାଞ୍ଚୋଟି ଏକପଦୀ

ଡ. ଭରତ ଚନ୍ଦ୍ର ଦାଶ



॥ ଏକ ॥
ମୋ କାବ୍ୟନାୟିକା ପ୍ରୀତି ମାଳବିକା
ହୃଦୟ କରିଛି ଚୋରି
ମୋ ହୃଦୟେ ତୁମେ ପ୍ରେମର କୋଣାର୍କ
ପ୍ରଣୟର ସ୍ୱର୍ଗ ପରୀ ।

॥ ଦୁଇ ॥
ମୁକ୍ତ କେଶ ତୁମ ଛାତିରେ ଲୟିଛି
ଅଧରରେ କ୍ଷୀଣ ହସ
ଗୋରା ଦେହେ ତୁମ ପ୍ରୀତିର ତରଙ୍ଗ
କାମନାର ମୃଦୁ ରାସ ।

॥ ତିନି ॥
ଗୋଲାପି ଅଧର ଶ୍ୱେତ ବାସ ତନୁ
ଆଖିର ନିରବ ଭାଷା
ମୃଦୁମନ୍ଦ ହସ ତନୁ ରାସେ ରସ
ପ୍ରଣୟୀ ହୃଦୟ ଆଶା ।

॥ ଚାରି ॥
ନିରବତା ତୁମ ହୃଦୟ ଜଳାଏ
ବିରହରେ ଜଳେ ଦେହ
କେମିତି କହିବି ଅଙ୍ଗେ ଅଙ୍ଗେ ମୋର
ଅନଙ୍ଗ ଅନଳ ମୋହ ।

॥ ପାଞ୍ଚ ॥
ସ୍ନିଗଧ ତୁମର ଚାହାଣି ଗୋ ସଖି
ଅଧରରେ ସ୍ମିତ ହସ
କୃଷ୍ଣ ପୋଷାକରେ ଗୋରା ଦେହ ତୁମ
ପ୍ରୀତିର ଅନନ୍ୟ ରାସ ।

+ମାର୍କୋଣା, ବାଲେଶ୍ୱର - ୭୫୬୧୨୬
ମୋ: ୮୮୮୪୪୩୯୧୬୬

ସତ୍ୟ

ଅଳକା ରାୟ



କିଏ ଜାଣିନାହିଁ କୁହ
ସତ୍ୟର ସହନଶୀଳତାକୁ
କିଏ ଜାଣିନାହିଁ କୁହ
ମିଛର ଭାରି ପଣକୁ...

ନୀରିହତା, ବିଶ୍ୱାସ, ସମର୍ପଣ ଯେ
ଛଳନାର ପ୍ରଥମ ପାହାଚ
ଯିଏ ଜାଣି ପାରିନାହିଁ
ସେ ଜିଁ ପାରିନାହିଁ
ବଞ୍ଚିବାର ମୋହରେ ଜୀବନ
ଦେଖି ପାରେନାହିଁ ବୁଣା ଯାଉଥିବା
ପ୍ରତାରଣା ପୂର୍ଣ୍ଣ ବୁଢିଆଣି ଜାଲ
ବିଶ୍ୱାସରେ ସମର୍ପି ଥିବା ପ୍ରେମ
ଆଜୁଆଳରେ ଚାଲିଯାଏ ଜୀବନ...

ଆହା !! କେଡେ ନିଷ୍ଠୁର ପାଲଟିଗଲା
ତା ପାଇଁ ପ୍ରେମ, ଯାହାକୁ ପାଥେୟ କରି
କଳ୍ପିଥିଲା ଏକ ସ୍ୱପ୍ନିଳ ଜୀବନ
ନିମିଷେ ଭାଙ୍ଗିଗଲା,କଳ୍ପନାର କାଚଘର
ସ୍ୱପ୍ନର ତାଜମହଲ
ଛଳନାପୂର୍ଣ୍ଣ ଧକ୍କାରେ
ନିଶେଷ ହୋଇଗଲା ଜୀବନ
ଉଡିଗଲା ପ୍ରାଣ, ରହିଗଲା ମୁଠେ ପାଉଁଶ
ସତ୍ୟକୁ ଆଲିଙ୍ଗନ କରି ।

+ ଭୁବନେଶ୍ୱର

ଫୁଲଟେ ଫୁଟିଲା ପରେ....

ସୁଜିତ କୁମାର ମିଶ୍ର

ଫୁଲଟେ ଫୁଟିଲା ପରେ
ସୁକୋମଳ ହୁଏ ପୃଥିବୀ ଆଉ ତାର
ପ୍ରେମ ଛବି
କିଏ ଯେମିତି ଆଙ୍କି ଦିଏ
ନୂତନ ଅରୁଣିମାର ପ୍ରୀତି ପୂରବୀ ।

ଜହ୍ନ ତା ହୃଦୟ ନଇଁ ଆସେ
କଇଁ ପାଇଁ
ବହୁଥାଏ ବେଶ୍ ଭାବାବେଗର ଗୀତି ନଈ ।

ମନ ମନ୍ଦିରରେ ଘଣ୍ଟି ବାଜେ
ମନ୍ତ୍ର ଆଳତିରେ
ନିରାଜନା ହୁଏ ଆତ୍ମା ଦୀପ
ଆରମ୍ଭ ହୁଏ ଭାବନାର ଧ୍ୟାନ ତପ ।

ଆଖି ମଳି ମଳି ଉଠନ୍ତି ଜେଜେ
କାଉ ପରି ରାଉ ରାଉ ହୋଇ
ଉଠାନ୍ତି ସଭିଙ୍କୁ
ତାଙ୍କ ମାଲିକାନାରେ
ଭାଙ୍ଗେ ଅଳସପଣ
ଫୁଲର ପ୍ରାର୍ଥନା ପରି ଜେଜେଙ୍କ
ତମାମ୍ ଜୀବନ ସମର୍ପଣ ।

ଅନ୍ଧକାର କାବୁ କରି ରଖିଥିବା
ଘରର କବାଟ ଝରକା ସବୁ ଖୋଲେ
ଆକାଶରୁ ଦରଦୀ ବର୍ଷା
ଅନବରତ ଝରେ,
ଫୁଟିଲା ଫୁଲ ଦେଖିଲେ
କୁନିଝିଅର କାନ୍ଦିଲା ଓଠକୁ
ଫଗୁଣର ହସ ସବୁ ଫେରେ ।

ମୁହଁ ତାତିଲା କ୍ଷେତ ସବୁ
ପୂଜା ପାଆନ୍ତି ଏଇ ଫୁଲର ମହକରେ,
ଚଷା ଭାଇ ତ ତା ଫୁଲର ହୃଦୟକୁ
ବିଚ୍ଛେଉ ଥାଏ
ତା ଆହାର ଅଗଣାରେ,
ଫୁଲଟେ ଫୁଟିଲା ପରେ
ଜୀବନ ହୁଏ ପବନ ପରି ଚଳ ଚଂଚଳ
ପକ୍ଷୀ ପରି ଉଡାଣରେ ।

ରୂପସୀ ସଜେଇ ଦିଏ ତା
କୃଷ୍ଣ କବରୀକୁ



ପ୍ରଣୟର ଗୀତ ଗାଇ,
ପିନ୍ଧେ ସେ ଫୁଲ ପକା ଶାଢୀ,
ଚିତ୍ରିତ ହୁଏ ତା
ରୂପା ଶଗଡୀ...
କିଏ କରେ ତା ବାତୁଳୀ ମନକୁ ଚୋରୀ ।

କବିତା ଗଜାଏ
କେଉଁ ପରିଚିତ ବାସ୍ନାର ପ୍ରଲେପରେ,
ମହମହ ବାସୁଥାଏ, ସର୍ଜନାର ସରହଦ
ଯେଉଁଠି ଥାଏ ପକ୍ଷୀର କାକଳି
ପ୍ରାଣର ପୁଲକିତ ଛନ୍ଦ
କେଉଁ ଅନନ୍ତ ଭାବର ପ୍ରବାହରେ
କଙ୍କାଳର ଦେହକୁ ଛୁଉଁଥାଏ
କରୁଣାର ମକରନ୍ଦୀୟ ମାନବବାଦ ।

କ୍ଷତର ଫାଟ ସବୁ ହୁଏ
ଅନୁକମ୍ପାର ଚନ୍ଦନ,
ପୀଡିତ ଦେହ ପିନ୍ଧେ
ଶାନ୍ତ୍ୱନାର ମେଘ ମାଳା
ଜହ୍ନରାତି ହୁଏ ଯୌବନର ଜ୍ୱାଳା ।

ଫୁଲ ଫୁଟିଲା ପରେ
ସକାଳ ସଜାଡେ ରାତିକୁ
ମାଆର ଅମୃତ ପଣତ ପରି
ନାଚୁଥାଏ ବନ୍ଧନର ଗୁଡି ନଟି
ସ୍ୱପ୍ନ ଫୁଲ ସବୁ
ଆଶାର ଡାଳରେ ଏକାନ୍ତରେ ଫୁଟି ।

ଫୁଲ ଫୁଟିଲା ପରେ
ମୌନ ଆକାଶ ବି ମୌସୁମୀ ପରି
ହସୁଥାଏ ମେଘ କଜଳର ଛୁଆଁରେ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

ଉତ୍ତରଦାୟୀ

ପ୍ରଭାତ କୁମାର ବଳ



ଜଳୁଥିଲା ବିପ୍ଳବର ବହ୍ନି
ଥାକ ଥାକ ହୋଇ କୁହୁଳୁଥିଲା
ରାଜିନାମାର ନଥିପତ୍ର
ନାଲିଫିତା ତଳୁ ଘୁଙ୍ଗୁଡ଼ି ମାରୁଥିଲା
ଅଧିକାରୀଙ୍କ ଅଧିକାର
ସମବେତରେ ଶୁଭିଲା ଉତ୍ତର ଦିଅ ସରକାର ।
ଜଳିଗଲା ବସ୍ତିର ବାସ୍ତବିକତା
ପ୍ରଗତିକୁ ପଥଭ୍ରଷ୍ଟ କରି
ହସି ଉଠିଲେ ପୁଞ୍ଜିପତି ,
ଡିନାମାଇଟର ଗନ୍ଧରେ
ଫାଟି ପଡ଼ିଲା ପାହାଡ଼ର ଛାତି
ଶୂନ୍ୟବାଣୀ ହେଲା- 'ଉନ୍ନତି ଉନ୍ନତି ଉନ୍ନତି' !
ଗରିବକୁ ଛାଡ଼, ମଧ୍ୟବିତ୍ତକୁ ମହଙ୍ଗା ମାଡ଼,
ଧନୀର ଧନରେ କିଣାହେଲା
ମୁଦ୍ରାସ୍ଫୀତିର କୃତ୍ରିମ ଝଡ଼
ଉପଭୋକ୍ତାର ବଳକା ଲୁହରେ
ଅପୋଷା ରହିଲା ପରିବାର
ବିରୋଧୀଏ ପୁଣି ତେଜିଲେ
'ସରକାର ସରକାର ସରକାର' !
ଦେଶ ନିରେଖି ଦେଖୁଥିଲା
ଦଳେ ସଶକ୍ତଙ୍କୁ ଅଭିଶପ୍ତ କରି
ଯୋଜନା ବାଣ୍ଟିବାର ବିକଳ ଚିତ୍ର ,
ଶିକ୍ଷା ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରଶ୍ନବାଚୀ କରି
ଭିତ୍ତପ୍ରସ୍ତରରେ ନାମ ଫଳକ ମାରି
ଗାଦିଧାରୀ ଗୋଟାଉଥିଲେ
ପ୍ରଶଂସାର ମାନପତ୍ର ।
ଲଜ୍ଜା ଲଜ୍ଜା ବୋଲି ଶୁଭିଲା ଚିତ୍କାର
ସ୍ୱର ଶାଣିତ ହେଲା- 'ସରକାର ସରକାର' !

ଗାଦିଚ୍ୟୁତ ହେଲେ ଗାଦିଭୁକ୍ତ
ସ୍ୱାର୍ଥର ପାହାଡ଼ ଉପରେ
ସବୁହେଲେ ଏକାକାର,
ଆଉ କିନ୍ତୁ ଶୁଭିଲାନି କ୍ରାନ୍ତିକାରୀଙ୍କ ଚିତ୍କାର ,
ଏବେ ବିପର୍ଯ୍ୟୟର ଉତ୍ତରଦାୟୀ
ଆଉ ନୁହେଁ ସରକାର
ପ୍ରଚ୍ଛଦରୁ ଗୁଞ୍ଜରିତ ହେଲା - 'ଈଶ୍ୱର ଈଶ୍ୱର' !

+ କରଣପୋଖରୀ, ଭଦ୍ରକ
ମୋ: ୯୭୭୬୬୬୮୦୭୩

ସାପ ସିଡି ଖେଳ

ଦୀପିକା ହୋତା



ଜୀବନ ଏକ ଲୁଡୁଗୋଟି ପରି
ଗଡ଼ି ଗଡ଼ି ଚାଲୁଅଛି
ସୁଖ ଦୁଃଖକୁ ସାଥିରେ ବୋହି
ଦୁନିଆଁ ପାରି ହେଉଛି
ଭୟ କରେ ଡରେ
ଡରିଡରି, କଷ୍ଟ ପାଏ, ଲୁହ ଝରାଏ
ଅଚାନକ୍ ଖଣ୍ଡିଆ ଭୂତକୁ ଦେଖି ।

ବେଳେବେଳେ ଖୁସି ଲାଗେ
ପାହାଚ ପାହାଚ ଚଢ଼ିବାକୁ
ଚଢ଼ିବା ବଢିବା ଲୋଭରେ ପଡ଼ି
ଭୁଲିଯାଏ ନିଜକୁ
ଖୁସି ଏମିତି ଘାଇଲା କରିଦିଏ
ଟିକିଏ ଦୁଃଖକୁ ସହିନପାରି
ଆଖି ଲୁହକୁ ନିଗାଡି ଦିଏ
ପଛକୁ ଫେରିବାର କଷ୍ଟ
ଖୁବ୍ ଯନ୍ତ୍ରଣା ଭରି ଦିଏ ।

ଜୀବନ ପଟିରେ
ହାରିବା ଜିତିବା ଭାଗ୍ୟର ଖେଳ
କାହାର ଭାଗ୍ୟେ ଲଟେରୀକ୍ ଫୁଟୁଛି ତ
କେଉଁ ଭାଗ୍ୟବାନ ଏଠି
ଦୁଃଖର ହରଡ଼ ଘଣାରେ
ପେଶି ହୋଇ ତଲିତଲାନ୍ତ ହେଲାଣି
ଜିତିବାର ଇଚ୍ଛା ଅଛି
କିନ୍ତୁ ହାରିବାର ଭୟ ମନକୁ ନିରୁତ୍ସାହିତ କରୁଛି
ଆଶାକୁ କୁରାଢିରେ ହାଣି
ଖଣ୍ଡି ଖଣ୍ଡି କରି ଦେଉଛି ।

ଭାଗ୍ୟର ଫଳ ଏଠି
ଏକରୁ ଛ' ଯାଏଁ ସଂଖ୍ୟାରେ ଲୁଚି ରହିଛି,
ସତ ଓ ସ୍ୱପ୍ନର ଦ୍ୱନ୍ଦରେ
ବାରମ୍ବାର ଫସିବାକୁ ପଡେ
କେତେ ସତ କେତେ ମିଛ
ମୁଣ୍ଡ ଟୁଙ୍ଗାରି ଦୁନିଆଁକୁ ଦେଖିବାକୁ ହୁଏ
ଭାଙ୍ଗି ଯାଏ ବିଶ୍ୱାସ
ସେଇ ଗୋଡ଼ ଟଣା ନିତିରେ
ଆତ୍ମୀୟତାର ଆଘାତରେ ।

ଠିକ୍ ଏମିତି ପ୍ରେମର ଦୁନିଆଁ ବି,
ପାଦରେ ପଡ଼ିଲେ ଖୁସିର ସିଡିରେ
ଆକାଶର ରଙ୍ଗକୁ ରଙ୍ଗୀନ ଲାଗେ
ହୃଦୟରେ ଜୁଆର ଖେଳେ
ଫଗୁଣ ଆଶ୍ୱନୀର ଆସେ
ଆବାସ୍ତବ ବାସ୍ତବ ପରି ଲାଗେ
ହେଲେ ମହମ ବତୀର ସୂତା ଭଲି
ସେଇ ଗୋଟି ଦିନେ
ଖୁସିର ବୀଜ ସାଉଁଟି ଥିଲା
ଆଜି ହୃଦୟରେ ବିଷ ଭରି
ଆତ୍ମାକୁ ଜଳେଇ ପୋଡି ଛିନ୍ ଭିନ୍ କଲା ।

ତଥାପି ବିଶ୍ୱାସ ମରିନି
କର୍ମ କରୁଛି, ଧର୍ମକୁ ଆଖିରେ ରଖି
ସିଡି ଚଢି ସଫଳ ହେବି
ଦୁନିଆଁ ଜିତି ବିଜୟ କେତନ ଉଡାଇବି ।

+ ନୂଆପଡ଼ା
ମୋ: ୯୯୩୭୪୧୬୯୧୭

ସିନ୍ଦୁରାରୁ ସଞ୍ଜ ଯାଏ

ରାଖାଲ ଚନ୍ଦ୍ର ସ୍ୱାଇଁ



ଜନ୍ମର ଉଦୟରୁ
ମୃତ୍ୟୁର ଅସ୍ତଗାମୀ ସଞ୍ଜ ଯାଏ,
ଏକ ସଂକ୍ଷିପ୍ତ ଯାତ୍ରା ।
ହେଲେ, ପୃଥିବୀକୁ ନିଜ
ହାତ ପାପୁଲିରେ ସଜାଇବାକୁ,
ଏକ ସୁଦୀର୍ଘ, ଲୟା ସ୍ୱପ୍ନ,
ଯେଉଁଠି ରାତି ସରେ ହେଲେ ସ୍ୱପ୍ନ ସରେନା ।
ଆଲୋକକୁ ମୁଠେଇ ଧରିବାକୁ,
କର୍ମର କୁରୁକ୍ଷେତ୍ରର ଧାଁ ଦୌଡରେ,
ରକ୍ତବିନ୍ଦୁରେ ରଚେ ବଞ୍ଚିବାର ସଂଗ୍ରାମ ।
ସେଇଠି ଚାଲେ ଅହଂକାରର ପ୍ରତିଯୋଗିତା ।
ଜଣା ପଡେନାହିଁ, କେତେବେଳେ
ନଇଁଆସେ ସଞ୍ଜ ।
ଆଖିରୁ ଜ୍ୟୋତି ନିଭେଇ ଜଳନ୍ତା ଚୁଇରେ
ଶୋଇ ଦିଏ ସମୟ ।
ଭୁଲ ପ୍ରମାଣିତ ହୁଏ ଅମର ହେବାର
ପରିକଳ୍ପନା ।
ସଞ୍ଜର ସେଇ ଶାନ୍ତ ଗୋଧୂଳି ଆଲୋକରେ
ମଣିଷ ଫେରିଚାହେଁ ପଛକୁ ।
ପ୍ରଶ୍ନ ପଚାରେ ନିଜକୁ—
ଏଇ ସିନ୍ଦୁରାରୁ ସଞ୍ଜ ଯାଏ,
କ'ଣ ପାଇଲି ଆଉ କ'ଣ ହରାଇଲି ?
ଯାହା ପାଇଁ ଦଉଡୁଥିଲି ସାରାଦିନ,
ତାହା କ'ଣ ସଞ୍ଜର ଏଇ ନିରବତାଠାରୁ
ଅଧିକ ମୂଲ୍ୟବାନ ?

+ ବୀରପଡା, ଭଦ୍ରକ
ମୋ: ୯୩୩୭୬୨୩୬୮୫

ସମ୍ମୋହନ

ରତ୍ନକାନ୍ତି ମିଶ୍ର



ଅସୀମ ଆହ୍ୱାନ ନେଇ
ଡେଣାପରେ ଖଞ୍ଜି ସମ୍ମୋହନ
ଉଡେ ଦୂରେ ବହୁଦୂରେ
ଏଇ ମୋର ମନ ବିହଙ୍ଗମ,
ଅଶାନ୍ତିରୁ ଉର୍ଦ୍ଧ୍ୱେ ଉଠି
ଖୋଜି ବୁଲେ ପ୍ରଶାନ୍ତି ନିଳୟ
କାହିଁ ମୋର ପଥ ରୋଧେ
କୁଜ୍ଝଟିକା ସଂଶୟ ବଳୟ ।

କେଉଁଠି ଗଢିବି ଭାବେ
ମୋର ସେହି ସ୍ୱପ୍ନର ମହଲ
ନଥିବ ଯେଉଁଠି ହିଂସା ଥିବ
ସ୍ନେହ ପ୍ରୀତିର କୈବଲ୍ୟ,
ଭଗ୍ନ ହୃଦୟ ମୋ ତୋଳେ
ବ୍ୟଥାତୁର କାରୁଣ୍ୟର ସୂକ୍ତି
ସତେ ଅବା ଧରା ପରେ
ବହମାନ ବିଦ୍ୱେଷ ଗଙ୍ଗୋତ୍ରୀ ।

ଆରମ୍ଭିଛି ଯାତ୍ରା ପୁନଃ ସାଥେ
ନେଇ ଦୁର୍ନିର୍ବାର ଲକ୍ଷ୍ୟ
ଅଦୃଶ୍ୟ ଇଙ୍ଗିତେ କା'ର
ବାଛିଛି ମୁଁ ଜୀବନର ପଥ,
ଛାଡି ମୁଁ ଆସିଛି
ପଛେ ଯାହା ସଦା କରୁଥିଲା ଭ୍ରମ
ହିରଣ୍ମୟ ଆଭା
ମୋତେ ଦର୍ଶାଇଛି ଜୀବନର ମର୍ମ ।

ଶାରଦୀୟ ଭାବନାରେ
ସସାଗରା ଏବେ ପୁଲକିତ
ଦେବୀ ପାଦ ଶରଣରେ
ଜିଜୀବିଷା ପୁନଃ ଉଜ୍ଜୀବିତ ।

+ ଆଳି, କେନ୍ଦ୍ରାପଡା

କଣ ତୁମେ ଏମିତି ହୋଇପାରିବ ?

ସ୍ୱାଗତିକା ତରାଇ



ଯଦି ମୁଁ ରାଗିବି,
ମୋତେ ମନେଇ ପାରିବ ?
ମୋ ଓଠର ହସ ହଜିଗଲେ,
ତୁମ ହସରେ ଫେରେଇ ଆଣିପାରିବ ?

ଯଦି ମୁଁ ଚୁପ୍ ହୋଇଯିବି,
ମୋ ନୀରବତାକୁ ପଢ଼ି ପାରିବ ?
ମୁଁ କିଛି ନ କହିଲେ ବି,
ମୋ ମନର କଥା ବୁଝିପାରିବ ?

ଯଦି ମୁଁ ରୁଷି ଦୂରେଇ ଯିବି,
ମୋ ହାତ ଧରି ଅଟକେଇ ପାରିବ ?
ସାରା ଦୁନିଆ ମୋତେ ଭୁଲ୍ ବୁଝିଲେ,
ତୁମେ ମୋ ପକ୍ଷରେ ରହିପାରିବ ?

ମୋ ଆଖିରେ ଲୁହ ଦେଖି,
କ'ଣ ତୁମେ ଛାତିରେ ମୋତେ ଚାପି
ରଖିପାରିବ ?
ମୋ ଓଠରେ ମିଛ ହସ ଦେଖି,
ମନର ଦୁଃଖକୁ ବୁଝିପାରିବ ?

ମୁଁ ଯେବେ ଭାଙ୍ଗି ପଡ଼ିବି, ତୁମ କାନ୍ଧରେ
ମୋତେ ଆଶ୍ରୟ ଦେଇପାରିବ ?

କେବେ ଯଦି ମୁଁ ଚୁପ୍ ହୋଇଯିବି,
ମୋ ନୀରବତାର ଭାଷା ପଢ଼ିପାରିବ ?
ମୋ ଭଲପାଇବାରେ ଅଭିମାନ ଥିଲେ,
ତାକୁ ଅବହେଳା ଭାବିବନି ତ ?
ମୁଁ ଯଦି ଟିକେ ଅଧିକ ଭଲପାଏ,
ମୋତେ କେବେ ବୋଝ ଭାବିବନି ତ ?

କୁହ ତ... ଏମିତି ହୋଇପାରିବ ?
ମୋ ରାଗ, ଅଭିମାନ, ଲୁହ ସବୁକୁ
ନିଜର ଭାବି ଆପଣେଇ ପାରିବ ?
ମୁଁ ଯେମିତି ଅଛି, ସେମିତି ମୋତେ
ଜୀବନସାରା ଭଲପାଇ ପାରିବ ?

+ ଜେଲ୍ ରୋଡ, ବାଲେଶ୍ୱର-୧

ଅଧିକାର

କବିତା ପଣ୍ଡା



ଏଠି କିଏ ଯଦି ଉଠାଏ ସ୍ୱର
ତା ହକ୍ ବା ଅଧିକାରର
ଅସତ୍ୟ, ଅନ୍ୟାୟ ବିରୋଧରେ
ପ୍ରଥମେ ତା ଇଜତ୍କୁ କରାଯାଏ ନିଲାମ୍
ଅର୍ଦ୍ଧ ଉଲଗ୍ନ କରି ସହର ସଡ଼କ ଦାଣ୍ଡରେ
କରାଯାଏ ପ୍ରଦର୍ଶନ ।

ଖାଲି ସ୍ୱାଧୀନତା ନାଁରେ ନାରାବାଜି
ବଳତ୍କାରଙ୍କ ମୁଣ୍ଡରେ ଫୁଲ ମାଳ,
ଆଉ ନ୍ୟାୟ ମାଗୁଥିବା ପିଡ଼ିତାକୁ
ସଜାଯାଏ ପାଗଳୀ କୁକୁର ।
ଆଜିର ନାରୀ ତା ମୂଲ୍ୟକୁ
ପରଖୁ ଥିଲାବେଳେ
କିଛି ଲେଖା ରହିଯାଏ ରଫ୍ ଖାତାରେ,
ବାକି କିଛି ପୁଲିସ୍
ଫାଇଲ୍ ବା ଅନ୍ଧାରି ଡ୍ରୟାର ଭିତରେ ।

ନାରୀ ନାରୀର ଶତ୍ରୁ ସାଜି
କରୁଥାଏ କଠୋର ପ୍ରହାର
କେହି ମୁଠା ଟଙ୍କା, ଆଉ କାହାର ହୁକୁମ୍‌ରେ
ବିକ୍ରି କରି ଦିଏ ତା ପୋଷାକର ମର୍ଯ୍ୟଦାକୁ ।
କେବେ ପୂଜନୀୟା,
ସେ ପୁଣି ମାନନୀୟା
ଲକ୍ଷ୍ମୀ, ସରସ୍ୱତୀ ଦୁର୍ଗା କହି
କରାଯାଏ ମଂଚରେ ଅବ୍ୟର୍ଥନା,
ତୁମେ ସଂସାରୀ ନାଁ ବ୍ରହ୍ମଚାରୀ
ଶୁଭୁନାହିଁ ଏହି ନବରାତ୍ରିର
ନିରିହ ସୁଜନ୍ୟାଙ୍କ ରଡ଼ି ।

ଏ ମାଟି ବିପ୍ଳବର ମାଟି
ଏ ମାଟି ରାଣୀ ଝାନସିବାଇର ମାଟି
ଏ ମାଟି ଭଗବତ ସିଂର ମାଟି
ଏମାଟି ଗାନ୍ଧୀ ସୁବାଷ ବୋଷଙ୍କ ମାଟି ,
ଏ ମାଟିକୁ ଚିପୁଡିଲେ ମିଳେ ବୀରତ୍ୱର ମୂଲକ
ଅଖଣ୍ଡ ଭାରତର ରତେ ବିଜୟର ପ୍ରତୀକ ।

+ମଙ୍ଗଳପୁର, ସୋର, ବାଲେଶ୍ୱର

କ୍ୟାନସର ପୀଡ଼ିତ ଯୁବକଙ୍କୁ ସହାୟତାର ହାତ ବଢ଼ାଇଲା ବାସନ୍ତୀ ଚାରିଟେବଲ୍ ଟ୍ରଷ୍ଟ

ଧର୍ମଶାଳା,୨୬/୧୦ (ନି.ପ୍ର): କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଜଣେ ଯୁବକଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ । ଫଳରେ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ବଂଚିବାକୁ ସଂଘର୍ଷ କରୁଥିବା ପୀଡିତ ଯୁବକ ଜଣକ ଏବେ ପରିବାରର ବୋଝ ହୋଇ ପଡିଛନ୍ତି । ପରିବାରର ରୋଜଗାର କଥା ନ କହିବା ଭଲ । ବଡ ରୋଗକୁ ଭଲ କରିବା ଏବେ ସେମାନଙ୍କ ପାଇଁ ସାତ ସପନ ପାଲଟିଛି । ଏଭଳି ଦୟନୀୟ ଅବସ୍ଥାରେ ଜୀବନ ସହ ସଂର୍ଘଷ କରୁଥିବା ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତ ୧୪ ନଂ ୱାର୍ଡରେ । ଏହି ୱାର୍ଡର ମଝିସାହି ଗ୍ରାମର ଦୁର୍ଯ୍ୟୋଧନ ବେହେରାଙ୍କ ପୁଅ ସତ୍ୟଜିତ ବେହେରା ୧୮ । ଦୀର୍ଘ ଦୁଇ ବର୍ଷ ହେଲା କ୍ୟାନସର ରୋଗରେ ପୀଡିତ ହୋଇ ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ସ୍ୱର୍ଶ ହସ୍ପିଟାଲରେ ଚିକିତ୍ସାଧିନ ଅଛନ୍ତି । ବାପା ଗାଁ ଗାଁ ବୁଲି ଆଇସକ୍ରିମ ବ୍ୟବସାୟ କରି ଯାହା ଆଣନ୍ତି ସେଥିରେ ପରିବାରର ଗୁଜୁରାଣ ମେଂଟାଇବା ସହ ପୁଅର ଚିକିତ୍ସା ଖର୍ଚ୍ଚ ଉଠାଇବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅଳ୍ପ ରୋଜଗାରରେ ପରିବାରର ଦୈନନ୍ଦିନ ଖର୍ଚ୍ଚ ଓ ଦୀର୍ଘ ଦିନ ଧରି ଚିକିତ୍ସା ଖର୍ଚ୍ଚ ବହନ କରିବା ତାଙ୍କ ପକ୍ଷେ କଷ୍ଟକର ହୋଇ ପଡୁଛି । ଗତ ଦୁଇ ବର୍ଷ ମଧ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ମାତ୍ର ୫ ହଜାର ଟଙ୍କା ସହାୟତା ମିଳିଥିବା ବେଳେ ଏପରି ସ୍ଥିତିରେ ପୁଅର ଚିକିତ୍ସା ଜାରି ରଖିବା ପାଇଁ ପରିବାର ଆର୍ଥିକ ସହଯୋଗ ଅପେକ୍ଷାରେ ରହିଛି । ଏଭଳି ଦୁଃଖଦ ସମୟରେ ଏହି ପରିବାରକୁ ସହଯୋଗର ହାତ ବଢାଇଛି ବାସନ୍ତୀ ଚାରିଟେବଲ୍ ଟ୍ରଷ୍ଟ । ଆର୍ଥିକ ଅନଟନ ମଧ୍ୟରେ ପୁଅର ଚିକିତ୍ସା କରାଇବାକୁ ସଂଘର୍ଷ କରୁଥିବା ପରିବାରକୁ ଟ୍ରଷ୍ଟର ଅଧ୍ୟକ୍ଷ ଜନ୍ମେଜୟ ସାହୁଙ୍କ ପକ୍ଷରୁ ଏହି ସହଯୋଗ ପୀଡ଼ିତ ପରିବାର ପାଇଁ ଆଶ୍ୱାସନା ଆଣିଛି । ଯାଜପୁର ବ୍ଲକ୍ ଝାଲପଡ଼ା ପଂଚାୟତ ବାସନ୍ତୀ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସହଯୋଗ କରାଯାଇଥିବାରୁ ପରିବାରକୁ କିଛିଟା ଆଶ୍ୱାସନା ମିଳିଛି । ତେବେ ସତ୍ୟଜିତଙ୍କ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଥିବାରୁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବା ସହ ସାମାଜିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଓ ସହୃଦୟ ବ୍ୟକ୍ତିମାନେ ସହଯୋଗର ହାତ ବଢାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି ।

ଝାରସୁଗୁଡ଼ାରେ ବିଜେଡିର ବିଶାଳ ଜନସମ୍ପର୍କ ପଦଯାତ୍ରା: ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଲେ ଦୀପାଳୀ ଓ ବର୍ଷା

ଝାରସୁଗୁଡ଼ା,୨୬/୧୦ (ନି.ପ୍ର): ଝାରସୁଗୁଡ଼ାରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳୀ ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ପଦଯାତ୍ରା ଝଣ୍ଡା ଛକରୁ ଆରମ୍ଭ ହୋଇ ଭୁବନିଆ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ ସାଧାରଣ ଜନତା ସାମିଲ ହୋଇ ସହର ପରିକ୍ରମା କରିଥିଲେ।ପଦଯାତ୍ରା ପରେ ଭୁବନିଆ ପଡ଼ିଆଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସ୍ୱର୍ଗତ ବିଜୁ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ ଦାସ ଏବଂ ପୂର୍ବତନ ବାଚସ୍ପତି ସ୍ୱର୍ଗତ କିଶୋର ମହାନ୍ତିଙ୍କ ଫଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କୁ ସନ୍ଦୀପ ଅବସ୍ଥି ପରିଚାଳନା କରିଥିଲେ।ଏହି ସଭାରେ ଯୋଗଦେଇ ଦଳୀୟ ନେତ୍ରୀ ମାନେ ରାଜ୍ୟ ସରକାରଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ । ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ତାଙ୍କ ବକ୍ତବ୍ୟ ରେ କହିଥିଲେ ଯେ ବର୍ତ୍ତମାନ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଜେପି ସରକାର ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବାରେ ଏବଂ ପ୍ରକୃତ ବିକାଶ କାର୍ଯ୍ୟ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସରକାର କେବଳ ମିଥ୍ୟା ପ୍ରଚାର ଓ ପ୍ରସାର କରିବାରେ ବ୍ୟସ୍ତ ଅଛନ୍ତି। ବିଜେଡି ସଦାସର୍ବଦା ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜାରି ରଖିବ ଏବଂ ଏହି ସରକାରଙ୍କ ବିଫଳତାକୁ ଲୋକଙ୍କ ସାମ୍ନାକୁ ଆଣିବ ।

ସେହିପରି ପୂର୍ବତନ ବିଧାୟିକା ଦୀପାଳୀ ଦାସ ନିଜ ବକ୍ତବ୍ୟ ରେ କହିଥିଲେ ଯେ ସାଧାରଣ ଜନସାଧାରଣ ଆଜି ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକଳାପ ଓ ଅବହେଳାରେ ସମ୍ପୂର୍ଣ୍ଣ ଅସନ୍ତୁଷ୍ଟ ଅଛନ୍ତି। ବିଜୁ ଜନତା ଦଳ ସବୁବେଳେ ଲୋକଙ୍କ ସହିତ ଛିଡ଼ା ହୋଇଛି ଏବଂ ଆଗାମୀ ଦିନରେ ମଧ୍ୟ ଜନସାଧାରଣଙ୍କ ହକ୍ ଓ ସ୍ୱାର୍ଥ ରକ୍ଷା ପାଇଁ ଏହିପରି ସଂଗ୍ରାମ ଜାରି ରଖିବ। ଘରକୁ ଘର ବୁଲି ସରକାରଙ୍କ ଅସଲ ଚେହେରା ଓ ବିଫଳତାକୁ ପହଂଚାଇବା ଆମର ମୁଖ୍ୟ ଲକ୍ଷ୍ୟ।ବର୍ତ୍ତମାନ ରାଜ୍ୟ ରେ ସବୁ ଆବଶ୍ୟକିୟ ସାମଗ୍ରୀ ର ଦରଦାମ ବଢ଼ି ଯାଇଥିବା ବେଳେ କୃଷକ, ମହିଳା,ଶ୍ରମିକ ସମସ୍ତେ ଆଜି ବହୁ ଅବହେଳା ଏବଂ ଶୋଷଣ ର ଶୀକାର ହେଉଛନ୍ତି ବୋଲି କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତାପସ ରାୟ ଚୌଧୁରୀ,ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା,ଜିଲ୍ଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ଝାରସୁଗୁଡ଼ା ବ୍ଲକ ଚେୟାରମ୍ୟାନ ଚିତ୍ରାଣୀ ପଟେଲ ଏବଂ ପୌର ପରିଷଦ ଚେୟାରମ୍ୟାନ ରାନି ହାତୀ, ପ୍ରତାପ ନନ୍ଦ, ଦାମୋଦର ନାଥ ଯୁବ ବିଜେଡି ସଭାପତି ରୁବିନ ପାଣ୍ଡେ,ରବି ସିଂ,ପଠ୍ୱନ ଶର୍ମା, ଆଲୋକ ତ୍ରିପାଠୀ, ପ୍ୱନ ସିଂ ଯାଦବ, ଅଶୋକ ଦାସ, ତୁଳସୀ ଦାସ ବିଜେଡି ଛାତ୍ର ସଭାପତି ଶିବାଶିଷ ପଟ୍ଟନାୟକ, ନାଗେଶ୍ୱରି ବୋନେଲା, ନବନୀତ କୌର, ରୁବିନା ଖାଁ ଙ୍କ ସମେତ ବହୁ ବରିଷ୍ଠ ନେତା, ଯୁବ ଓ ମହିଳା କର୍ମୀ ଉପସ୍ଥିତ ଥିଲେ।

ତିହିଡିରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ,୨୬/୧୦ (ନି.ପ୍ର): ଏହି ଜିଲାର ତିହିଡି ବ୍ଲକର ରାଜନଗର ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜ୍ିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଇଯାଇଛି। ଏହି ଶୁଣାଣିରେ ମୋଟ ୨୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ତ ୮ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୭ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜ୍ିଲ୍ଲା ରେଡ଼କ୍ରସ ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ୬୦୦୦୦ ଟଙ୍କା ମଂଜୁର କରାଯାଇଛି ।

ବଲାଙ୍ଗୀରରେ ତ୍ରିଦିବସୀୟ ସଂସ୍କୃତ ଭାଷାବୋଧନ ବର୍ଗର ଉଦ୍ୟାପନୀ ସମାରୋହ

ବଲାଙ୍ଗିର,୨୬/୧୦ (ନି.ପ୍ର): ସଂସ୍କୃତ ଭାଷାର ପ୍ରଚାର-ପ୍ରସାର ଏବଂ ଦୈନନ୍ଦିନ ଜୀବନରେ ସଂସ୍କୃତ କଥୋପକଥନକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ସଂସ୍କୃତଭାରତୀ, ବଲାଙ୍ଗୀର ଜନପଦ, ଉତ୍କଳ (ପଶ୍ଚିମ ପ୍ରାନ୍ତ) ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ଭାଷାବୋଧନ ବର୍ଗର ଉଦଯାପନୀ ସମାରୋହ ଆଜି ବଲାଙ୍ଗୀର କଲେଜଛକସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା।

ସଂସ୍କୃତଭାରତୀର ପ୍ରାନ୍ତ ପ୍ରଚାର ପ୍ରମୁଖ ତଥା ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶେଷଦେବ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବର୍ଗର ବିବରଣୀ ଉପସ୍ଥାପନ ଡ. ରାଧାନାଥ ଦିଶ୍ରୀ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତଭାରତୀର ପ୍ରାନ୍ତ ସହମନ୍ତ୍ରୀ ଡ. ମାନସରଞ୍ଜନ ସାହୁ, ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଗ୍ରାହକ ପଂଚାୟତ, ଉତ୍କଳ (ପଶ୍ଚିମ ପ୍ରାନ୍ତ)ର ସଭାପତି ଇଞ୍ଜିନିୟର କିଶୋର ମୋହନ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବଲାଙ୍ଗୀର ଜିଲ୍ଲା କାର୍ଯ୍ୟବାହ ସୁଶାନ୍ତ କୁମାର ନାୟକ ଏବଂ ବରେଣ୍ୟ ଅତିଥି ଭାବେ ମୃଣ୍ମୟୀ ମିଶ୍ର ଓ ବଲାଙ୍ଗୀର ନଗର କାର୍ଯ୍ୟବାହ ବୀରକିଶୋର ସୁନା ଉପସ୍ଥିତ ଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ର କୁମାର ମିଶ୍ର ସମାରୋହରେ ସଭାପତିତ୍ୱ କରିଥିଲେ।

କାର୍ଯ୍ୟକ୍ରମର ପ୍ରାରମ୍ଭରେ ଲୋକନାଥ ପ୍ରଧାନ ମଙ୍ଗଳାଚରଣ କରିଥିବା ବେଳେ ହୀରାକାନ୍ତି ମାଝୀ ଧେୟମନ୍ତ୍ର ପାଠ କରିଥିଲେ। ମିଥୁନ ବାଗ୍ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଙ୍ଗୀତା ବାବୁ ଶାନ୍ତିପାଠ କରିଥିଲେ। ଈଶ୍ୱର ଗଡ଼ତିଆ ସଭା ପରିଚାଳନା କରିଥିଲେ ଏବଂ ଉମେଶ ବାରିକ, ମାଲିକ ଲାଲ ବର୍ମାଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତାମାନେ ସହଯୋଗ କରିଥିଲେ। ଏଥିରେ ୫୫ ଜଣ ପ୍ରଶିକ୍ଷାର୍ଥୀ ସମ୍ପୂର୍ଣ୍ଣ ସଂସ୍କୃତମୟ ପରିବେଶରେ କୌଣସି ଜଟିଳ ବ୍ୟାକରଣ ନ ପଢ଼ି କ୍ରୀଡା, ଗୀତ, ମନୋରଞ୍ଜନ ମାଧ୍ୟମରେ ସହଜ ଉପାୟରେ ସଂସ୍କୃତ କହିବା ଶିଖିଥିଲେ।

କଳାହାଣ୍ଡି ସାମ୍ବାଦିକ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ ସଭାପତି ହେଲେ କମ୍ବୁପାଣି ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂଦେଓ

ମୁଖୀଗୁଡା,୨୬/୧୦ (ନି.ପ୍ର): ଓଡିଶା ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ନିର୍ବାଚନ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ଓଡ଼ିଶା ସାମ୍ବାଦିକ ୟୁନିଅନର ସହ ବନ୍ଧିତ ୟୁନିଅନ କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିଅନ ତାର ଦ୍ୱି ବାର୍ଷିକ ନିର୍ବାଚନ କରି କର୍ମକର୍ତା ନିର୍ବାଚିତ କରିଛି। ଏନେଇ ଆଜି ଏମ୍ ରାମପୁର ଯୁଗଯାତ୍ରୀ ସାହିତ୍ୟ ସଂସଦ ପରିସରରେ ଚୟନ କମିଟିର ଅଧ୍ୟକ୍ଷ ତଥା ଜାତୀୟ କାଉନସିଲ ସଦସ୍ୟ କିଶୋର ନାଏକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପାଧ୍ୟକ୍ଷ ରଜନୀ ମିଶ୍ର, ଜିଲ୍ଲା ସାମ୍ବାଦିକ ୟୁନିଅନ ର ସଭାପତି କମ୍ବୁପାଣି ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ ସିଂ ଦେଓ, କାର୍ଯ୍ୟକାରୀ ସଭାପତି ବିରଂଚି ଜାଲ, ପ୍ରମୁଖ ମଂଚାସୀନ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏହି ନିର୍ବାଚନୀ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ ରୁ ଜଣେ ଲେଖାଏଁ ଚୟନ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଚୟନ କମିଟିର ବରିଷ୍ଠ ସଦସ୍ୟ ଅଭିରାମ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଥମେ ଦେବ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଚୟନ କମିଟିର ଅଧ୍ୟକ୍ଷ ଶ୍ରୀ ନାଏକ ସ୍ୱାଗତ ଭାଷଣ ସହିତ ଚୟନ କମିଟିର କାର୍ଯ୍ୟ ଓ ଓଡିଶା ସାମ୍ବାଦିକ ୟୁନିଅନ ର ବାଏ- ଲ ବିଷୟରେ ବୁଝାଇ ଥିଲେ। ଏହାପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସହମତି ଭିତିରେ କର୍ମକର୍ତା ଚୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ଭାବରେ କମ୍ବୁପାଣି ମିଶ୍ର, ଉପସଭାପତି ଭାବରେ ଲିଙ୍ଗରାଜ ମିଶ୍ର, ସୁଧିର ସାହୁ, ମନମୋହନ ପଧାନ, ସୁଭେନ ପଟ୍ଟନାୟକ, ଗଜିନ୍ଦ୍ର ସାହୁ, ଭୋଳାନାଥ ପଟେଲ, କ୍ଷମାନିଧି ମହାଖୁଡ ପ୍ରମୁଖ ୭ ଜଣଙ୍କୁ ଚୟନ କରାଯାଇଥିଲା। ସେହିଭଳି ସାଧାରଣ ସମ୍ପାଦକ ଭାବରେ ସନ୍ତୋଷ କୁମାର ସିଂଦେଓ, ସମ୍ପାଦକ ଭାବରେ ବୈଦ୍ୟନାଥ ବେହେରା, ଶରତ ଚନ୍ଦ୍ର ରାଉତ, ହେମନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଭଜଶ୍ୟାମ ସାହୁ, ସୁଶିଲ ବାଗ, ନିହାର ରଞ୍ଜନ ବେହେରା, ସୁଶାନ୍ତ ଦଳେଇ, ଏଲ ଲୋକେଶ୍ୱର ନାଇଡୁ, ପୂର୍ଣ୍ଣଚନ୍ଦ୍ର ମହାନ୍ତି(ଦୀପକ) ପ୍ରମୁଖ ୧୦ ଜଣ ନିର୍ବାଚିତ ହୋଇଥିଲେ। ଅର୍ଗାନାଇଜିଙ୍ଗ ସମ୍ପାଦକ ଭାବରେ ଅଂଶୁମାନ ପାତ୍ର(ଲୁଲୁ), କୋଷାଧ୍ୟକ୍ଷ ଭାବରେ ଡମ୍ବରୁଧର ଭୋଇ, ଟ୍ରିବ୍ୟୁନାଲ ଚେୟାରମେନ ଭାବରେ ପ୍ରଶାନ୍ତ ସାମନ୍ତରାୟ, ଉପାଧ୍ୟକ୍ଷ ଶଙ୍କରର୍ଷଣ ବେହେରା, ୱେଲଫେର୍ କମିଟିର ଅଧ୍ୟକ୍ଷ ଭାବରେ ବିନ୍ଦୁ ମହାନନ୍ଦ, ଉପାଧ୍ୟକ୍ଷ ଏମ୍ ଚନ୍ଦ୍ରଶେଖର, ଶୃଙ୍ଖଳା କମିଟିର ଅଧ୍ୟକ୍ଷ ଭାବରେ କିଶୋର କୁମାର ନାଏକ ପ୍ରମୁଖଙ୍କୁ ସର୍ବ ସମ୍ମତିକ୍ରମେ ଚୟନ କରାଯାଇଥିଲା। ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ଭାବରେ କମ୍ବୁପାଣି ସାହୁ, ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଇଙ୍ଗିତ ପଣ୍ଡା, ଅଜିତ ସିଂ, ପରେଶ ନାୟକ ଓ ଉଦ୍ଧବ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ବରିଷ୍ଠ ସାମ୍ବାଦିକ ହେମନ୍ତ ସାହୁ ମଂଚ ପରିଚାଳନା କରିଥିଲେ। ୟୁନିଅନ ର ନବ ନିର୍ବାଚିତ ସଭାପତି ଶ୍ରୀ ମିଶ୍ର ସଂଗଠନରେ ମୁଖ୍ୟ ବିଷୟ ଶୃଙ୍ଖଳା ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ସଂଗଠନ ର ବିକାଶ ପାଇଁ ନିଷ୍ଠାର ସହିତ କାମ କରିବି ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। ଶେଷରେ ଟ୍ରିବ୍ୟୁନାଲ ଚେୟାରମେନ ଶ୍ରୀ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ, ସୂର୍ଯ୍ୟପୁରରୁ ପାୟାସାହି ପାର୍ଶ୍ୱ ସ୍ଥିତି ସଙ୍ଗୀନ, ବନ୍ୟା ଦେଇଛି ବିପଦ

ଭଦ୍ରକ,୨୬/୧୦ (ନି.ପ୍ର): ବନ୍ୟା ପରେ ଭଦ୍ରକ-ଆଖଣ୍ଡଳମଣି ରାଜ୍ୟ ରାଜପଥର କେତେକ ସ୍ଥାନରେ ସଙ୍କଟାପନ୍ନ ସ୍ଥିତି ଦେଖିବାକୁ ମିଳିଛି।ଏହି ମୁଖ୍ୟ ସଡକର ସୂର୍ଯ୍ୟପୁର ଠାରୁ ପାୟାସାହି ପର୍ଯ୍ୟନ୍ତ ପ୍ରାୟ ଗୋଟିଏ କିଲୋମିଟର ସଡ଼କ ପାର୍ଶ୍ୱ ବନ୍ୟାରେ ଧୋଇଯାଇ ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି।ଖାଇ ଯାଇଥିବା ଅଂଶକୁ ପଥର ଦେଇ ପଥଚାରୀଙ୍କୁ ସଡ଼କର ସୀମା ଚିହ୍ନାଇବାକୁ ଛାଡି ଦିଆଯାଇଛି। ବନ୍ୟା ଛାଡିବାର ଗୋଟିଏ ମାସ ପରେ ମଧ୍ୟ ରାସ୍ତା ମରାମତି ଦିଗରେ ଆଖିଦୃଶିଆ ପଦକ୍ଷେପ ନନିଆଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଭଦ୍ରକ-ଆରଡ଼ି ୩୫ ନମ୍ବର ରାଜ୍ୟ ରାଜପଥର ପାୟାସାହିଠାରୁ ସୂର୍ଯ୍ୟପୁର ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପାର୍ଶ୍ୱ ବନ୍ୟାଜଳର ପ୍ରବଳ ସ୍ରୋତରେ ଧୋଇ ଯାଇଛି। ରାସ୍ତାର ପ୍ରାୟ ୩/୪ ଫୁଟ ଅଂଶ ଧୋଇ ଯିବା ପରେ ଖାଲ ହୋଇ ଯାତାୟାତ ବିପଜ୍ଜନକ ହୋଇପଡ଼ିଛି। ରାସ୍ତାର ଏହି ଦୁର୍ବଳ ଖଣ୍ଡିଆ ପାର୍ଶ୍ୱ ଦେଇ ଗାଡ଼ି ଚଳାଚଳ କରିବା ସମୟରେ ଭାରସାମ୍ୟ ହରାଇବାର ଆଶଙ୍କା ରହିଛି। ବିଶେଷକରି ରାତିରେ ଅନ୍ଧାର ମଧ୍ୟରେ ଏହି ସ୍ଥାନ ଦେଇ ଯିବାଆସିବା କରିବା ଅଧିକ ବିପଦପୂର୍ଣ୍ଣ ହୋଇପଡୁଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ଏଭଳି ଗୁରୁତର ଅବସ୍ଥା ସତ୍ତ୍ୱେ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ବିପଦପୂର୍ଣ୍ଣ ସ୍ଥାନରେ କେତେକ ପଥର ଖଣ୍ଡ ରଖାଯାଇଥିଲେ ମଧ୍ୟ ସେଥିରେ ଧଳାରଙ୍ଗ ଦିଆଯାଇନାହିଁ। ଆବଶ୍ୟକ ସ୍ଥାନରେ ପଥର ମଧ୍ୟ ନାହିଁ। ଫଳରେ ଦୂରରୁ ରାସ୍ତାର ବିପଦପୂର୍ଣ୍ଣ ସ୍ଥିତି ଜାଣିବା କଷ୍ଟକର ହେଉଛି। ଦୁର୍ଘଟଣା ରୋକିବା ପାଇଁ ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା ଓ ସତର୍କ ସୂଚନା ଫଳକ ଲଗାଇବାରେ ବିଭାଗୀୟ ଅବହେଳାକୁ ନେଇ ଅସନ୍ତୋଷ ବଢୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଆରଡ଼ିସ୍ଥିତ ପ୍ରସିଦ୍ଧ ଆଖଣ୍ଡଳମଣି ପୀଠକୁ ଶହଶହ ଯାନବାହନ ଯାତାୟାତ କରୁଛି। ଦୁଇଚକିଆ ଯାନ ସହ ଟ୍ରାକ୍ଟର ଓ ମାଲବାହୀ ଗାଡ଼ି ଚଳାଚଳ କରୁଥିବାରୁ ଯେକୌଣସି ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଜିଲା ପ୍ରଶାସନର ଅଧିକାରୀମାନେ ମଧ୍ୟ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ମଧ୍ୟ ସମସ୍ୟାର ସ୍ଥାୟୀ ସମାଧାନ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ପାୟାସାହି ଗ୍ରାମବାସୀ ମାନେ ତୁରନ୍ତ ରାସ୍ତା ମରାମତି କରିବା ସହ ଉଭୟ ପାର୍ଶ୍ୱରେ ସତର୍କ ସୂଚନା ଫଳକ ଲଗାଇବାକୁ ଦାବି କରିଛନ୍ତି।

କୋଟିଆରେ ଆନ୍ଧ୍ରର ଅନୁପ୍ରବେଶ: ଭୋଟ ଚୋରି ପ୍ରସଙ୍ଗରେ କଂଗ୍ରେସ ଉଦ୍‌ବେଗ

ଜୟପୁର,୨୬/୧୦ (ନି.ପ୍ର): କୋରାପୁଟ ଜିଲ୍ଲା କୋଟିଆରେ ଆନ୍ଧ୍ରପ୍ରଦେଶର ହସ୍ତକ୍ଷେପ ଓ କେନ୍ଦ୍ର ସରକାରଙ୍କ 'ଭୋଟ ଚୋରି' ପ୍ରସଙ୍ଗକୁ ନେଇ କଂଗ୍ରେସ ଆନ୍ଦୋଳନକୁ ଜୋରଦାର କରିବ ବୋଲି ଆଜି ସ୍ପଷ୍ଟ କରିଛି । ଏ ନେଇ ଆଜି ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ କଂଗ୍ରେସ ତରଫରୁ ସୂଚନା ଦିଆଯାଇଛି ଏହି ପ୍ରସଙ୍ଗରେ ଜନମତ ସୃଷ୍ଟି କରିବା ସହ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ପାଇଁ ଜୟପୁର ଠାରେ ଜିଲ୍ଲା କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି । ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ଓ ଦଳୀୟ ବୈଠକରେ କେନ୍ଦ୍ରର ବିଜେପି ସରକାର ଏବଂ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟକଳାପକୁ ନେଇ ନେତାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ।

ଏଆଇସିସି ପର୍ଯ୍ୟବେକ୍ଷକ ହରପାଲ ଠାକୁର, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କଡ଼ାମ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକ, ଜୟପୁର ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ ନେତା ବିନୋଦ ମହାପାତ୍ର, ପୂର୍ବତନ ବିଧାୟକ ନିମାଇଁ ସରକାର ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ ଯେ, ନିର୍ବାଚନ ଆୟୋଗକୁ ମାଧ୍ୟମ କରି କେନ୍ଦ୍ର ସରକାର ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରୁଛନ୍ତି। 'ସ୍ପେଶାଲ ଇଂଟେନସିଭ୍ ରିଭିଜନ୍' (ଏସ୍ଆଇଆର) ନାମରେ ୧୩.୩୯ କୋଟିରୁ ଉର୍ଦ୍ଧ୍ୱ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦିଆଯାଇଥିବା ସେମାନେ ଦାବି କରିଥିଲେ। ଏହି ପ୍ରକ୍ରିୟାରେ ଗରିବ, ଶ୍ରମିକ, ଦଳିତ ଓ ବିରୋଧୀ ଦଳର ସମର୍ଥକମାନେ ପ୍ରଭାବିତ ହେଉଥିବା ନେଇ ଦଳ ଉଦବେଗ ପ୍ରକାଶ କରିଥିଲା।

ଏହାର ପ୍ରତିବାଦରେ ଅକ୍ଟୋବର ୧ରୁ ନଭେମ୍ବର ୨୬, ସମ୍ବିଧାନ ଦିବସ ପର୍ଯ୍ୟନ୍ତ 'ଭୋଟ ବଂଚାଅ, ଦେଶ ବଂଚାଅ' ଅଭିଯାନ ଚାଲିଥିବା ନେତାମାନେ କହିଥିଲେ। ଏହି ଅଭିଯାନ ଅନ୍ତର୍ଗତ ପଦଯାତ୍ରା, ବାଇକ୍ ରାଲି ଓ ଗ୍ରାମସଭା ବୈଠକ ମାଧ୍ୟମରେ ଦେଶବ୍ୟାପୀ ଏବଂ ଓଡ଼ିଶାର ବିଭିନ୍ନ ବ୍ଲକ୍ ଓ ପଂଚାୟତରେ ଲୋକଙ୍କୁ ସଚେତନ କରାଯାଉଛି। ଏସ୍ଆଇଆର୍ ପ୍ରକ୍ରିୟାକୁ ବାତିଲ କରିବା ସହ ମୁଖ୍ୟ ନିର୍ବାଚନ କମିଶନରଙ୍କ ବହିଷ୍କାର ପାଇଁ ଦଳ ଦାବି କରିଛି। ଅନ୍ୟପକ୍ଷରେ, କୋରାପୁଟ ଜିଲ୍ଲାର କୋଟିଆ ଅଂଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଚଳାଇବା ଓ ଅନୁପ୍ରବେଶ ଅଭିଯୋଗକୁ ନେଇ କଂଗ୍ରେସ ତୀବ୍ର ବିରୋଧ କରିଛି। କୋଟିଆ ଗସ୍ତ ସମୟର ଅନୁଭୂତି ବଖାଣି ନେତାମାନେ କହିଥିଲେ ଯେ, ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଆନ୍ଧ୍ରପ୍ରଦେଶ ସେଠାରେ ନିଜର ପ୍ରଭାବ ବିସ୍ତାର କରିବାକୁ ସୁଯୋଗ ପାଉଛି। ଓଡ଼ିଶାର ସୀମାନ୍ତ ଅଂଚଳରେ ରାଜ୍ୟର ସ୍ୱାର୍ଥ ଓ ଅଧିବାସୀଙ୍କ ଅଧିକାରର ସୁରକ୍ଷା ପାଇଁ ସରକାର ତତ୍ପର ହେବା ଆବଶ୍ୟକ ବୋଲି ସୂଚନା ଦେଇଥିଲେ । କୋଟିଆ ପ୍ରସଙ୍ଗ ଓ ଭୋଟର ତାଲିକାର ସ୍ୱଚ୍ଛତାକୁ ନେଇ କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବାକୁ ଚେତାବନୀ ଦେଇଛି। ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ସହ କୋଟିଆରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ଏହି ଆନ୍ଦୋଳନର ପ୍ରମୁଖ ପ୍ରସଙ୍ଗ ହେବ ବୋଲି ଦଳୀୟ ନେତାମାନେ ସୂଚନା ଦେଇଛନ୍ତି।

ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି, ଜିଲ୍ଲା ପ୍ରଶାସନର ତତ୍ପରତା

ଜୟପୁର,୨୬/୧୦ (ନି.ପ୍ର): ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ଏବଂ ଆଗୁଆ ସତର୍କତାମୂଳକ ପ୍ରସ୍ତୁତି ନେଇ ଆଜି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ୍ ମହାଜନଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ଧନଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ବୈଠକରେ ଜିଲ୍ଲାର ସମସ୍ତ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ବିପଦସଙ୍କୁଳ ଏବଂ ତଳିଆ ଅଂଚଳଗୁଡ଼ିକ ଉପରେ କଡ଼ା ନଜର ରଖିବା ସହ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ ଉଦ୍ଧାର ଓ ଥଇଥାନ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜରୁରୀକାଳୀନ ସେବା ଓ ରିଲିଫ୍ ସମ୍ଭାବ୍ୟ ପ୍ରଭାବିତ ଅଂଚଳ ଗୁଡ଼ିକରେ ପର୍ଯ୍ୟାପ୍ତ ରିଲିଫ୍ ସାମଗ୍ରୀ, ପାନୀୟ ଜଳ ଏବଂ ସ୍ୱାସ୍ଥ୍ୟସେବା ଭଳି ଅତ୍ୟାବଶ୍ୟକ ସେବା ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଆର୍ ଆଣ୍ଡ୍ ବି ବିଭାଗକୁ ରାସ୍ତାଘାଟର ସ୍ଥିତି ଉପରେ ନଜର ରଖିବାକୁ କୁହାଯାଇଛି। ଯାତାୟାତ ପାଇଁ ଅନୁପଯୁକ୍ତ ବା ବିପଦପୂର୍ଣ୍ଣ ରାସ୍ତାଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକୁ ବନ୍ଦ କରାଯିବ ଏବଂ ବିକଳ୍ପ ରାସ୍ତାରେ ଯାତାୟାତ ସୁଗମ କରାଯିବ। ସାଧାରଣ ଜନତାଙ୍କ ପାଇଁ ସୂଚନା ଯାତାୟାତ ଓ ପାଣିପାଗ ସମ୍ବନ୍ଧୀୟ ଆଗୁଆ ସତର୍କ ସୂଚନା ଜନସାଧାରଣଙ୍କୁ ନିୟମିତ ଭାବେ ଅବଗତ କରାଯିବ। ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ତ୍ୱରିତ ମୁକାବିଲା ପାଇଁ ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି।

୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ -୨୦୨୬ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୨୬/୧୦ (ନି.ପ୍ର): ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୬ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷ୍ୟା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଡ ,ଉପ ନିର୍ଦ୍ଦେଶକ ଯୋଜନା ଏବଂ ସ୍ୱ ମନ୍ନୟ ଶ୍ରୀକାନ୍ତ ଦଳେଇ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା,ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସମେତ ଜିଲ୍ଲା ସଂସ୍କୃତି ପରିଷଦ ର ସମସ୍ତ ସଭ୍ୟ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତା, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏଜେଣ୍ଡା ଅନୁଯାୟୀ ଦିବସ ପାଳନ ର କାର୍ଯ୍ୟସୂଚୀ ପାଠ କଲେ। ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୂଲ୍ୟରେ ଆସନ୍ତା ୧.୧୧.୨୦୨୬ ରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ଗଠନ ଦିବସ ରେ ମା'ଆ ମାଣିକେଶ୍ୱରୀ ମନ୍ଦିର ନିକଟରୁ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାରି ଟାଉନ ହଲ ଠାରେ ପହଂଚିବ ଏବଂ ସେଠାରେ ସଭା କାର୍ଯ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ।ଏହି ମଶାଲ ଶୋଭାଯାତ୍ରା ରେ ସାଂସ୍କୃତିକ ନୃତ୍ୟଦଳ, ଜନ ପ୍ରତିନିଧି, ଏନ ସି ସି କ୍ୟାଡେଟ୍ ଏବଂ ଏନ୍ ଏସ ଏ ଛାତ୍ର,ସହରର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା , ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହେବେ।ସ୍ଥାନୀୟ ଜେଲ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାହାଗିରି ପଥ ଉତ୍ସ୍ୱ ଅନୁଷ୍ଠିତ ହେବ।ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ମ୍ୟୁନିସିପାଲଟି,ଏନ୍ ଏ ସି ଠାରେ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ହେବ। ବ୍ଲକ୍ ସ୍ତର ଠାରେ ବିଦ୍ୟାଳୟ ସ୍ତର ଏବଂ ଜିଲ୍ଲା ସ୍ତର ରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତର କଳାହାଣ୍ଡି ଜିଲ୍ଲା ସମ୍ବନ୍ଧିୟ ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ପାଇଁ ଡି ଇ ଓ ଏବଂ ରେଜିଷ୍ଟ୍ରାର, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଙ୍କୁ ଦାୟିତ୍ୱ ଦିଆଗଲା। ସେଭଳି ଏହି ଦିବସ ପାଳନ ବିଷୟରେ ବହୁଳ ପ୍ରଚାର ପ୍ରସାର କରିବା ପାଇଁ ଗଣ ମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ପ୍ରଭାବ କାରୀ ମାନଙ୍କୁ ଅନୁରୋଧ କରାଗଲା। ସାମାଜିକ ଗଣମାଧ୍ୟମ ଜରିଆରେ ବହୁଳ ପ୍ରଚାର ପ୍ରସାର କରିଥିବା ଡିଜିଟାଲ କଂଟେଂଟ କ୍ରିଏଟର ଙ୍କୁ ସାମ୍ବାଦିକ ସଂଘ ଦ୍ୱାରା ପୁରସ୍କୃତ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଜିଲ୍ଲା ଗଠନ ଦିବସ ପାଳନ ଅବସରରେ ଏକ ସେମିନାର ଆୟୋଜନ କରାଯିବ। ଅତିରିକ୍ତ ଜିଲ୍ଲାପାଳ ଏହି ଦିବସ କୁ ମହା ଉଲ୍ଲାସ ରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ପଣ୍ଡକିମାଲରେ ଫୁଟବଲ: ପୂର୍ଣାପାଣି ଚାମ୍ପିୟନ

ଝାରସୁଗୁଡା ,୨୬/୧୦ (ନି.ପ୍ର): କୋଲାବିରା ବ୍ଲକ କୁଲିହାମାଲ ପଂଚାୟତ ପଣ୍ଡକିମାଲ ଗ୍ରାମରେ ଭୀମପୂଜା ଉପଲକ୍ଷେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଂଟ ଆଜି ଅନୁଷ୍ଠିତ ହୋଇଯାଇଛି । ଏହାର ଫାଇନାଲ ଖେଳରେ ବୀଣାପାଣି ଏଫସି ପୂର୍ଣାପାଣି ୧-୦ ଗୋଲରେ ଝାରସୁଗୁଡ଼ା ଲୋକାଲ ୧୧ କୁ ପରାସ୍ତ କରି ଚାମ୍ପିୟନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ସାଂସଦ ପ୍ରତିନିଧି ସମରେନ୍ଦ୍ର ରାଏ, ବିଜେପି ମଣ୍ଡଳ ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର, ବିଜେପି କୁଲିହାମାଲ ପ୍ରଭାରୀ ଭାଗିରଥୀ ଛତ୍ରିଆ, ଝସକେତନ ସାହୁ, ଆନନ୍ଦ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏଥିରେ ଆୟୋଜକ କ୍ଲବର ଗୁରୁଦେବ ବାଗ, ବଳଦେବ କିସାନ, ଜୟପ୍ରକାଶ କିସାନ, ରୂପେଶ କିସାନ, ଅଜିତ କିସାନ, ରୁପାନନ୍ଦ କିସାନ, ବସୁଦେବ କିସାନ, ଚେତନ ବାଗ, ସୁମିତ ବାଗ, ଗୌରବ ବାଗ ପ୍ରମୁଖ ଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

କାଠମାଫିଆଙ୍କୁ ଚେକ୍ ଦବାରେ କୁଳଡିହା ବନବିଭାଗ ବିଫଳ: ଦିନ ଦ୍ୱିପ୍ରହରରେ ମେସିନ୍ ଲଗାଇ କାଟିନେଉଛନ୍ତି ଗଛ



ନୀଳଗିରି, ୨୬/୧୦ (ନି.ପ୍ର): କୁଳଡିହା ଅଭୟାରଣ୍ୟରେ କାଠ ମାଫିଆଙ୍କ ଦୌରାତ୍ମ୍ୟକୁନେଇ ଉଠିଛି ସଙ୍ଗିନ ଅଭିଯୋଗ। ଅଭୟାରଣ୍ୟ ଭିତରେ ମେସିନ୍ ବ୍ୟବହାର କରି ପ୍ରତିଦିନ ବହୁ ମୂଲ୍ୟବାନ ଶାଗୁଆନ ଗଛକଟାଯାଉଛି ଏବଂ ବାହାରକୁ ଚାଲାଣ କରାଯାଉଥିବା ବେଳେ ବନବିଭାଗ ହାତଖାଲି ପଡିଛି। କୁଳଡିହା ଅଭୟାରଣ୍ୟ ଝରଣାଘାଟି ବିଟ୍ ଅଧୀନ ତାଳଗଡ଼ି ଅଞ୍ଚଳରେ ଦିନଦ୍ୱିପ୍ରହରରେ ଗଛ କଟାଯାଉଥିବା ନେଇ ଅଭିଯୋଗ ଉଠିଥିବାବେଳେ ଏହାକୁ ନେଇ ବନବିଭାଗର ନିରବତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭୟାରଣ୍ୟର ସୁରକ୍ଷା ଦାୟିତ୍ୱରେ ଥିବା ବନବିଭାଗ କ'ଣ ଏହି ବେଆଇନ ଗଛକଟା ସମ୍ପର୍କରେ ଅବଗତ ନାହିଁ? ଯଦି ଅବଗତ ଅଛି, ତେବେ ଏଯାଏଁ କାହିଁକି ଦୃଢ଼ ପଦକ୍ଷେପ ନିଆଯାଇନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ? ଦିନଦ୍ୱିପ୍ରହରରେ ଯଦି ଜଙ୍ଗଲରୁ ମୂଲ୍ୟବାନ ଗଛ କଟାଯାଉଛି, ତେବେ ବନ ବିଭାଗର ପାଟ୍ରୋଲିଂ ଓ ନିରୀକ୍ଷଣ ବ୍ୟବସ୍ଥା କେତେ ସକ୍ରିୟ, ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। କାଠମାଫିଆଙ୍କ ଏଭଳି କାର୍ଯ୍ୟ ଜଙ୍ଗଲର ପରିବେଶ ଓ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟିକରୁଥିବା ବେଳେ ଏହାକୁ ରୋକିବାପାଇଁ ବନ ବିଭାଗ କେବେ ତତ୍ପରହେବ ତାକୁ ଅପେକ୍ଷା ରହିଛି।

ଆସନ୍ନ ସାମୁଦ୍ରିକ ଝଡ଼ ଅର୍ଣ୍ଣବର ମୁକାବିଲା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ



ଜଳେଶ୍ୱର, ୨୬/୧୦ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ଅର୍ଣ୍ଣବ ଆସନ୍ତା ୨୭ ଓ ୨୮ ତାରିଖରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରଭାବ ପକାଇବାର ସମ୍ଭାବନା ରହିଛି।ଏହି ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା,ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିର ପରିଚାଳନା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଦିନ ୧୧ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଏମର୍ଜେନ୍ସି ଅଫିସର ସଜତ ଅନୁପମ ଙ୍କ ଅଧକ୍ଷତାର ବ୍ୟାପକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ବ୍ଲକ ଉପାଧକ୍ଷା ସଞ୍ଚିତା ସେନାପତି,ମାର୍କେଟିଙ୍ଗ ଇନ୍ସପେକ୍ଟର ଅବନ୍ତିକା ସାହୁ, ଜିପିଡିଓ ସବ୍ୟସାଚୀ ଦାସ, ସେକସନ ଅଫିସର ସନ୍ତୋଷ ଭଞ୍ଜ ଉପସ୍ଥିତ ରହି ?ବାତ୍ୟା ସମୟରେ ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର,ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକର ପ୍ରସ୍ତୁତି, ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା,ତଥା ଜରୁରୀକାଳୀନ ସେବା ନେଇ ବୈଠକରେ ବ୍ୟାପକ ଆଲୋଚନା କରାଯାଇଥିଲା। ବାତ୍ୟା ସମୟରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା କରି କିପରି ସୁଚାରୁ ରୂପେ କାର୍ଯ୍ୟ କରାଯାଇପାରିବ, ସେ ନେଇ ରଣନୀତି ପ୍ରସ୍ତୁତ କରାଯାଇ ଥିଲା। ଏହି ପ୍ରସ୍ତୁତି ବୈଠକରେ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ ଜନପ୍ରତିନିଧିଙ୍କର ସକ୍ରିୟ ସହଯୋଗ କାମନା କରାଯାଇଛି।

ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ



ବସ୍ତା, ୨୬/୧୦ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବସ୍ତା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୦୭ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୯୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୂହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୦୬ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା. ଅମୂଲ୍ୟ କୁମାର ଦାସ, ବିଡିଓ, ବସ୍ତା ବ୍ଲକ ଶ୍ରୀଯୁକ୍ତ ମିହିର ରଞ୍ଜନ ବେହେରା, ତହସିଲଦାର, ବସ୍ତା ଶ୍ରୀଯୁକ୍ତ ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ତିହିଡି ବ୍ଲକର ରାଜନଗର ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୨୬/୧୦ (ନି.ପ୍ର): ତିହିଡି ବ୍ଲକର ରାଜନଗର ଗ୍ରାମ ପଂଚାୟତ ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜ୍ଲିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେଇଯାଇଛି । ଏହି ଶୁଣାଣିରେ ମୋଟ ୨୧୭ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୧୮୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୨୮ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ତ ୮ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୧୭ଟି ଅଭିଯୋଗର ସ୍ଥାନୀୟ ସମାଧାନ କରାଯାଇଥିବାବେଳେ ଜ୍ଲିଲ୍ଲା ରେଡ଼କ୍ରସ ମାଧ୍ୟମରେ ୮ ଜଣ ଅଭିଯୋଗକାରୀଙ୍କୁ ୬୦୦୦୦ ଟଙ୍କା ମଂଜୁର କରାଯାଇଛି ।ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀ ସୋମେଶ କୁମାର ଉପାଧ୍ୟାୟ , ଆରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ, ଅତିରିକ୍ତ ଜ୍ଲିଲ୍ଲାପାଳ ଶ୍ରୀ ସରୋଜ ଦତ୍ତ, ମୁଖ୍ୟ ଉନ୍ନୟନ ଅଧିକାରୀ, ଉଜଉଇ, ଶ୍ରୀ ଶୁଭେନ୍ଦ୍ର ସାମଲ, ଜ୍ଲିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଉପ ଜ୍ଲିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତିହିଡି ବ୍ଲକ ଅଧକ୍ଷା ଏବଂ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ନିଯୁକ୍ତି ରଦ୍ଦ ସହିତ ନିଯୁକ୍ତିରେ ବ୍ୟାପକ ଅର୍ଥ କାରବାର: ଅଭିଯୋଗ ଆଣିଲେ ବେଳାଭୂମି ଉନ୍ନୟନ କମିଟି

ବାଲିଆପାଳ , ୨୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଡଗରା ବେଳାଭୂମିରେ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ନିକଟରେ ପଚାଶ ଜଣ ଯୁବକ ଯୁବତୀଙ୍କୁ ଠିକା ସଂସ୍ଥା(ଏନ୍ ଏସ ଏସ ପିଏଲ) ଦ୍ୱାରା ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପାଇଁ ସରକାରଙ୍କ ପକ୍ଷରୁ ଅନଲାଇନ କି ଅଫଲାଇନରେ କୈଣସି ସୁଚନା ଦିଆଯାଇନଥିବା ବେଳେ ନିଯୁକ୍ତି ପ୍ରକ୍ରିୟା କେମିତି ହେଲା, ଏହା ବ୍ୟତିତ ୧୦ ବର୍ଷ ଧରି ଡଗରା ବେଳାଭୂମି ଉନ୍ନୟନ କମିଟି ବେଳାଭୂମିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରିଆସୁଛି। ୨୦୨୩ ମସିହାରେ ଏହି କମିଟି ସରକାରୀ ପକ୍ଷରୁ ପଞ୍ଜିକୃତ ମଧ ହୋଇଛି। ନିଯୁକ୍ତି ଦେଇଥିବା ଠିକା ସଂସ୍ଥା ନିଯୁକ୍ତିରେ ବ୍ୟାପକ ଚଞ୍ଚକତା କରିବା ସହିତ ଅର୍ଥ କାରବାର ହୋଇଥିବା ନେଇ ଡଗରା ବେଳାଭୂମି ଉନ୍ନୟନ କମିଟି ସୋମବାର ଡାକବଙ୍ଗଳା ପରିସରରେ ଖବରଦାତା ସମ୍ମିଳନୀ ଆୟୋଜନ କରି ଅଭିଯୋଗ କରିଛନ୍ତି। ପର୍ଯ୍ୟଟନ ବିଭାଗ ବେଳାଭୂମି କମିଟି ସହିତ କାହିଁକି ଆଲୋଚନା ନ କରି ଏଭଳି ନିଷ୍ପତ୍ତି ନେଇଛି। ଏହି ନିଯୁକ୍ତିକୁ ରଦ୍ଦ କରିବା ସହିତ ନିଯୁକ୍ତିରେ ଅର୍ଥ କାରବାରର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଖବରଦାତା ସମ୍ମିଳନୀ ଉପସ୍ଥିତ ଥିବା ଡଗରା ବେଳାଭୂମି ଉନ୍ନୟନ କମିଟିର ଉପସଭାପତି ମୋନୋଜ କୁମାର ଦାସ, ସମ୍ପାଦକ ନିତ୍ୟାନନ୍ଦ ଜେନା,ସଦସ୍ୟ ତୀର୍ଥ କୁମାର ନାଗ,ହରିହର ଜେନା, ରତ୍ନାକର ନାୟକ, ପ୍ରଫୁଲ୍ଲ ସାହୁ, କ୍ଷେତ୍ର ମୋହନ ପାତ୍ର, ଅର୍ଜୁନ ବାରିକ, ଶ୍ରୀପତି ଜେନା, ସଦାଶିବ ଦାଶ, ରବିନ୍ଦ୍ର ବିଶ୍ୱାଳ, ରବିନ୍ଦ୍ର ଜେନା, ସୁଧାଂଶୁ ମାଝୀ, ମନୋଜ ଦତ୍ତ, ଜୟନ୍ତ ଦଳାଇ,ପ୍ରଭାତ ଦଳାଇ, ଅଶୋକ କୁଅଁର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ବାଲେଶ୍ୱର ଜିଲ୍ଲାପାଳ, ବାଲିଆପାଳ ବିଡିଓ ଏବଂ ତହସିଲଦାର ଙ୍କୁ ଲିଖିତ ଅଭିଯୋଗ କରାଯିବ ବୋଲି ମଧ ସୁଚନା ଦେଇଛନ୍ତି କମିଟିର କର୍ମକର୍ତ୍ତା।



'ପ୍ରତୀକ୍ଷା' ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନୂଆ ଭେଟି 'ଦଶାହ'



ଭୁବନେଶ୍ୱର, ୨୬/୧୦ (ନି.ପ୍ର): ଓଲିଉଡର ଚର୍ଚ୍ଚିତ ତଥା ଲୋକପ୍ରିୟ ଚଳଚ୍ଚିତ୍ର 'ପ୍ରତୀକ୍ଷା'ର ଅପାର ସଫଳତା ପରେ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ ନିଜର ଆଗାମୀ ସିନେମା 'ଦଶାହ' ଘୋଷଣା କରିଛନ୍ତି। ରବିବାର 'ପ୍ରତୀକ୍ଷା'ର ଏକ ସ୍ୱତନ୍ତ୍ର ସ୍କ୍ରିନିଂ ଅବସରରେ ଏହି ରହସ୍ୟମୟ ଏବଂ ଭାବପୂର୍ଣ୍ଣ ଚଳଚ୍ଚିତ୍ରର ଘୋଷଣା କରାଯାଇଛି। 'ଦଶାହ' କେବଳ ଏକ ସିନେମା ନୁହେଁ, ବରଂ ଏହା ଓଡ଼ିଶାର ମାଟି, ପରମ୍ପରା, ଆବେଗ ଏବଂ ଜୀବନ-ମୃତ୍ୟୁର ରହସ୍ୟ ଉପରେ ଆଧାରିତ ଏକ ନିଆରା କାହାଣୀ। 'କିଛି ବିଦାୟ କେବେ ବି ଅନ୍ତିମ ନୁହେଁ' - ଏହି ସ୍ୱର୍ଣ୍ଣକାତର ଟ୍ୟାଗଲାଇନ୍ ସହ ନିର୍ଦ୍ଦେଶକ ଦର୍ଶକଙ୍କୁ ଏକ ଅଦେଖା ଦୁନିଆକୁ ନେଇଯିବାର ସଙ୍କେତ ଦେଇଛନ୍ତି। ଯେଉଁମାନେ 'ପ୍ରତୀକ୍ଷା'କୁ ନିଜର କରିଥିଲେ, ସେହି ସିନେପ୍ରେମୀଙ୍କ ଉଦ୍ଦେଶ୍ୟରେ ଅନୁପମ ଏହି ନୂଆ ପ୍ରୋଜେକ୍ଟକୁ ଉତ୍ସର୍ଗ କରିଛନ୍ତି। ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ସ ଏବଂ ଶୁଭମ୍ ସିନେ ପ୍ରଡକ୍ସନ୍ସର ମିଳିତ ବ୍ୟାନରରେ ନିର୍ମାଣ ହେବାକୁ ଥିବା ଏହି ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ତୁଲାଉଛନ୍ତି ବର୍ଷା ପଟ୍ଟନାୟକ ଏବଂ ସଂଘମିତ୍ରା ବେହେରା। ଯଦିଓ ଫିଲ୍ମର ଷ୍ଟାରକାଷ୍ଟ ଏବଂ କାହାଣୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ସୁଦ୍ଧା ଗୋପନ ରଖାଯାଇଛି, ତଥାପି ନିର୍ମାତାଙ୍କ ପକ୍ଷରୁ 'ପ୍ରତୀକ୍ଷାର ଦୁନିଆରୁ...' ବୋଲି ଦିଆଯାଇଥିବା ସୂଚନା ଦୁଇଟି ଚଳଚ୍ଚିତ୍ର ମଧ୍ୟରେ ଏକ ସୃଜନଶୀଳ ସଂଯୋଗ ଥିବାର ଇଙ୍ଗିତ ଦେଉଛି। ନିଜର ନିଖୁଣ କାହାଣୀ କହିବାର ଶୈଳୀ ପାଇଁ ପ୍ରଶଂସା ସାଉଁଟିଥିବା ଅନୁପମ ପଟ୍ଟନାୟକ, ଏବେ 'ଦଶାହ' ଜରିଆରେ ମୃତ୍ୟୁ ପରର ରହସ୍ୟ ଓ ପାରମ୍ପରିକ ଆବେଗକୁ ପରଦାରେ ଜୀବନ୍ତ କରିବାକୁ ଯାଉଛନ୍ତି। ଏହି ଘୋଷଣା ସିନେମା ଜଗତରେ ଏକ ନୂଆ ଉତ୍ସାହ ଖେଳାଇ ଦେଇଥିବା ବେଳେ, ଦର୍ଶକ ଏବେ ଏହି ନୂତନ ଯାତ୍ରାକୁ ଦେଖିବା ପାଇଁ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।ଚଳଚ୍ଚିତ୍ର ର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।

ପୂଜା ମଣ୍ଡପ ବୁଲିଲେ ବିଧାୟକ ସଂଜୀବ ମଲ୍ଲିକ

ଭଦ୍ରକ, ୨୬/୧୦ (ନି.ପ୍ର): ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀର ବନ୍ଧାଳ ମଢିଆଳ ଗ୍ରାମ ପଂଚାୟତର ମଇଁଷିପୁର ଗ୍ରାମ ର ଗାଭାସ୍କର ସ୍ୱାଇଁଙ୍କ ବାସଭବନ ଓ ଦକ୍ଷିଣ ବାଡ଼ ଗ୍ରାମ ପଂଚାୟତର କହରାପୋଖରୀ ଗ୍ରାମର ଡମ୍ବରୁଧର ବେହେରାଙ୍କ ବାସଭବନରେ ମା' ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ୍ କୁମାର ମଲ୍ଲିକ ସେମାନଙ୍କ ବାସଭବନରେ ଯୋଗଦେଇ ମାଆଙ୍କ ଦର୍ଶନ କରିବା ସହ ଜନସାଧାରଣ ଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

୨.୧୨ ଲକ୍ଷ କୋଟିର...

ସ୍ଥଳସେନା ଓ ବାୟୁସେନା ଉଭୟ ବ୍ୟବହାର କରିବେ। ଶତ୍ରୁପକ୍ଷର ଗତିବିଧି ଉପରେ ନଜର ରଖିବା, ଯୁଦ୍ଧ କାର୍ଯ୍ୟ, ସୈନିକଙ୍କୁ ଖୋଜିବା ଓ ଉଦ୍ଧାର କରିବା ସହ ମାନବୀୟ ସହାୟତା ଏବଂ ବିପର୍ଯ୍ୟୟ ପରିଚାଳନାରେ ଏହାର ବ୍ୟବହାର କରାଯାଇପାରିବ। ଅନ୍ୟପଟେ, ଭେରି ସର୍ଟ ରେଞ୍ଜ ଏୟାର ଡିଫେନ୍ସ ସିଷ୍ଟମ୍ ସ୍ୱଳ୍ପ ଦୂରତାରୁ ଆସୁଥିବା ବିଭିନ୍ନ ଆକାଶମାର୍ଗୀୟ ବିପଦର ମୁକାବିଲା କରିବାରେ ସହାୟକ ହେବ। ଡ୍ରୋନ୍ ବିରୋଧୀ ପ୍ରଣାଳୀ ଆଧୁନିକ ଯୁଦ୍ଧକ୍ଷେତ୍ରରେ ଟ୍ୟାଙ୍କ୍ ଓ ଅନ୍ୟ ସାମରିକ ଯାନବାହନର ସୁରକ୍ଷା ବୃଦ୍ଧି କରିବାରେ ସହାୟତା କରିବ। ଭାରତୀୟ ନୌସେନା ପାଇଁ ଆକ୍ଟିଭ୍ ଅଫ୍‌ବୋର୍ଡ ଡିକଏ ସିଷ୍ଟମ୍ ସମେତ ଅନ୍ୟ ପ୍ରମୁଖ ନୌସେନା ଉପକରଣ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ବ୍ୟବସ୍ଥା ଶତ୍ରୁପକ୍ଷର ଆଧୁନିକ ଆଣ୍ଟି-ସିପ୍ ମିସାଇଲ୍ ଆକ୍ରମଣରୁ ଯୁଦ୍ଧଜାହାଜଗୁଡ଼ିକୁ ସୁରକ୍ଷା ଦେବାରେ ସହାୟକ ହେବ। ଏହା ସହ ସ୍ୱଦେଶୀ ଜ୍ଞାନକୌଶଳରେ ଡିଜାଇନ୍ ଓ ନିର୍ମାଣ ହେବାକୁ ଥିବା ନୌସେନା ଉପକରଣଗୁଡ଼ିକ ନୌସେନାର ଯୁଦ୍ଧକ୍ଷମତା ଏବଂ କାର୍ଯ୍ୟକ୍ଷମତାକୁ ଆହୁରି ମଜଭୁତ କରିବ। ଭାରତୀୟ ବାୟୁସେନାର ହାଓ୍ୱାଇ ସୁରକ୍ଷା ଓ ଯୁଦ୍ଧ କ୍ଷମତା ବୃଦ୍ଧି ପାଇଁ ହେଲିକପ୍ଟର, ଏୟାର ଡିଫେନ୍ସ ସିଷ୍ଟମ୍, ଅସ୍ତ୍ରଶସ୍ତ୍ର ଏବଂ ମୋବାଇଲ୍ ଏକ୍ସ-ବ୍ୟାଣ୍ଡ ଡପ୍ଲର ପାଣିପାଗ ରାଡାର କ୍ରୟକୁ ଅନୁମତି ମିଳିଛି। ସ୍ପେଶାଲ୍ ୟୁଟିଲିଟି ହେଲିକପ୍ଟର ବାୟୁସେନାର ଗୁରୁତ୍ୱପୂର୍ଣ୍ଣ ବିମାନ ପରିବହନ ଆବଶ୍ୟକତା ପୂରଣ କରିବ। ସେହିପରି ଏକ୍ସ-ବ୍ୟାଣ୍ଡ ଡପ୍ଲର ପାଣିପାଗ ରାଡାର ସୀମାନ୍ତ ଅଞ୍ଚଳରେ ପାଣିପାଗ ସମ୍ପର୍କିତ ସୂକ୍ଷ୍ମ ଓ ସ୍ଥାନୀୟ ତଥ୍ୟ ଯୋଗାଇବ। ଏହା ଫଳରେ ସାମରିକ ଅଭିଯାନ ସମୟରେ ପାଣିପାଗ ସ୍ଥିତି ସମ୍ପର୍କରେ ଆଗୁଆ ସୂଚନା ମିଳିପାରିବ। ପ୍ରାୟ ୨.୧୨ ଲକ୍ଷ କୋଟି ଟଙ୍କାର ଏହି ପ୍ରସ୍ତାବରେ ସ୍ଥଳସେନା, ନୌସେନା ଓ ବାୟୁସେନାର ବିଭିନ୍ନ ଆବଶ୍ୟକତାକୁ ଧ୍ୟାନ ଦିଆଯାଇଛି। ମୋଟ ମଞ୍ଜୁରୀପ୍ରାପ୍ତ ଆବଶ୍ୟକତା ମଧ୍ୟରୁ ପ୍ରାୟ ୮୨ ପ୍ରତିଶତ କ୍ରୟ ଭାରତୀୟ ଶିଳ୍ପସଂସ୍ଥାଗୁଡ଼ିକଠାରୁ କରାଯିବ। ଏହା ଦେଶର ଘରୋଇ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରକୁ ଉତ୍ସାହିତ କରିବା ସହ ସ୍ୱଦେଶୀ ଜ୍ଞାନକୌଶଳର ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ତେବେ ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଇକ୍ୟୁଘ ଅର୍ଥାତ୍ ଆବଶ୍ୟକତାର ମଞ୍ଜୁରୀ ହେଉଛି ପ୍ରତିରକ୍ଷା କ୍ରୟ ପ୍ରକ୍ରିୟାର ପ୍ରାରମ୍ଭିକ ପର୍ଯ୍ୟାୟ। ଏହାର ଅର୍ଥ ନୁହେଁ ଯେ ସମସ୍ତ ଉପକରଣ କିଣା ସରିଛି କିମ୍ବା ସେଗୁଡ଼ିକର ଯୋଗାଣ ଆରମ୍ଭ ହୋଇଯାଇଛି। ଆଗାମୀ ପ୍ରକ୍ରିୟା ପରେ ଏହି ଉପକରଣଗୁଡ଼ିକର କ୍ରୟ ଓ ଯୋଗାଣ ଆଗକୁ ବଢ଼ିବ।

୪୮ ଘଣ୍ଟାରେ ଆନ୍ଧ୍ର ...

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ବୈଠକରେ ପ୍ରସ୍ତୁତିର ସମୀକ୍ଷା ହୋଇଛି । ସବୁ ଜିଲ୍ଲାପାଳଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ। ବିପଦ ଆସିଲେ ତୁରନ୍ତ ଉଦ୍ଧାର ପାଇଁ ମଇଦାନରେ ଉଦ୍ଧାରକାରୀ ଟିମ୍ ପ୍ରସ୍ତୁତ। ବର୍ତ୍ତମାନ ସୁଦ୍ଧା ୮ଟି ଘଉଜର ଟିମ୍ ସହ ୪୦ଟି ଙଉଜଇର ଟିମ୍ ମୁତୟନ ହୋଇଛନ୍ତି। ବିପଦ ସମୟରେ ଲୋକଙ୍କୁ ସୁରକ୍ଷିତ ରଖିବାକୁ ୧୩୫ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧୬୦୦ଟି ଅସ୍ଥାୟୀ ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, କନ୍ଧମାଳ ସହ ଗଞ୍ଜାମ ଓ ଗଜପତି ଜିଲ୍ଲା ଉପରେ ରହିଛି ନଜର। ଆବଶ୍ୟକ ପଡ଼ିଲେ ବିପଦସଂକୁଳ ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ବାତ୍ୟା ଅର୍ଣ୍ଣବକୁ ନେଇ ସମୁଦ୍ରରେ ବଢ଼ିଲା ସତର୍କତା। ଓଡ଼ିଶାର ପ୍ରମୁଖ ଓ ଛୋଟ ବନ୍ଦରଗୁଡ଼ିକରେ ଜାରି ହୋଇଛି ବିପଦ ସଙ୍କେତ। ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନଯିବାକୁ ଜାରିହୋଇଛି ପରାମର୍ଶ।

ମୋଦୀଙ୍କୁ ଅପମାନ...

ପୋଲିସ ବ୍ୟାରିକେଡ୍ ଲଗାଇ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା। ଏହାସତ୍ତ୍ୱେ କିଛି ବିଜେପି କର୍ମୀ ବ୍ୟାରିକେଡ୍ ଉପରେ ଚଢ଼ି ପ୍ରତିବାଦ କରିଥିଲେ। ଏପରିକି ଖଡ଼ଗେଙ୍କ କୁଶପୁତ୍ତଳିକାକୁ ଜୋତା ମାଡ଼ କରିବା ସହ ଏଥିରେ ନିଆଁ ଲଗାଇଥିଲେ। ପରବର୍ତ୍ତୀ ସମୟରେ ବ୍ୟାରିକେଡ୍ ଡେଇଁ କଂଗ୍ରେସ ଭବନ ଆଡ଼କୁ ଅଗ୍ରସର ହେବାକୁ ଉଦ୍ୟମ କରିଥିବା କର୍ମୀଙ୍କୁ ପୋଲିସ ଅଟକାଇଥିଲା। ଏହି ଘଟଣାକୁ ନେଇ ଉଭୟ ଦଳ ମଧ୍ୟରେ ରାଜନୈତିକ ତିକ୍ତତା ଆହୁରି ବଢ଼ିବାର ଆଶଙ୍କା ରହିଛି। ଏବେ ଖଡ଼ଗେଙ୍କ ମନ୍ତବ୍ୟକୁ ନେଇ ବିବାଦ କେଉଁ ମୋଡ଼ ନେଉଛି ଏବଂ ଏହାକୁ ନେଇ କଂଗ୍ରେସ ପକ୍ଷରୁ କି ପ୍ରତିକ୍ରିୟା ଆସୁଛି, ତାହା ଉପରେ ନଜର ରହିଛି।

ରାହୁଲଙ୍କୁ କୋର୍ଟରୁ ...

ଅଧିକାର ଉପରେ ମଧ ପ୍ରଶ୍ନ ଉଠାଯାଇଛି। ୨୦୧୮ ମେ' ୮ ତାରିଖରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ସମୟରେ ବେଙ୍ଗାଲୁରୁରେ ଅମିତ ଶାହଙ୍କୁ ନେଇ ରାହୁଲଙ୍କ କଥିତ ଆପତ୍ତିଜନକ ମନ୍ତବ୍ୟକୁ ନେଇ ବିବାଦ ହୋଇଥିଲା। ଏହାପରେ ବିଜେପି ନେତା ବିଜୟ ମିଶ୍ର ଅଗଷ୍ଟ ୪, ୨୦୧୮ରେ ସୁଲତାନପୁର ଅଦାଲତରେ ମାନହାନି ଅଭିଯୋଗ ଦାଖଲ କରିଥିଲେ। ଦୀର୍ଘ ଆଠ ବର୍ଷ ଧରି ଚାଲିଥିବା ଏହି ମାମଲାରେ ୨୦୨୪ ଫେବୃଆରୀ ୨୦ରେ ରାହୁଲ ଗାନ୍ଧୀ କୋର୍ଟରେ ହାଜର ହୋଇ ଜାମିନ ପାଇଥିଲେ। ପରେ ତାଙ୍କ ବୟାନ ରେକର୍ଡ କରାଯିବା ସହ ଉଭୟ ପକ୍ଷର ସାକ୍ଷ୍ୟ ଓ ଯୁକ୍ତି ଉପସ୍ଥାପନ ହୋଇଥିଲା। ୨୦୨୬ ଅକ୍ଟୋବର ୧୨ରେ ଶୁଣାଣି ଶେଷ ହୋଇଥିଲା। ଅକ୍ଟୋବର ୨୬ରେ ରାୟ ପ୍ରକାଶ ପାଇବା ପରେ ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି ମିଳିଛି। ଏବେ ଅଭିଯୋଗକାରୀ ପକ୍ଷ ଅପିଲ୍ ଦାଖଲ କଲେ ମାମଲାର ପରବର୍ତ୍ତୀ ଦିଗ ସ୍ପଷ୍ଟ ହେବ।

ଏସଆଇଆର ନିଷ୍ପତ୍ତିକୁ ନେଇ...

ଏକ ସତ୍ୟପାଠ ଦାଖଲ କରି ନିଜର ସ୍ପଷ୍ଟୀକରଣ ରଖିଛି ସଂସ୍ଥା। ଏସ୍‌ଆଇଆର ସହ ଜଡ଼ିତ ସମସ୍ତ ତିନୋଟି ନିର୍ଦ୍ଦେଶ ସମସ୍ତ ସଦସ୍ୟଙ୍କ ସହମତିରେ ଜାରି ହୋଇଥିବା ଆୟୋଗ କହିଛି। ନିର୍ବାଚନ ଆୟୋଗଙ୍କ କହିବା ଅନୁଯାୟୀ, ୨୦୨୫ ଜୁନ୍, ୨୦୨୫ ଅକ୍ଟୋବର ଏବଂ ୨୦୨୬ ମେ' ମାସରେ ଏସ୍‌ଆଇଆର ସମ୍ପର୍କରେ ଜାରି ହୋଇଥିବା ତିନୋଟି ନିର୍ଦ୍ଦେଶ ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିଲା। ଏହି ସତ୍ୟପାଠକୁ ଜ୍ଞାନେଶ କୁମାରଙ୍କ ସମେତ ଅନ୍ୟ ଦୁଇ ନିର୍ବାଚନ କମିଶନର ମଧ ଅନୁମୋଦନ କରିଛନ୍ତି। ଫାଇଲ୍‌ରେ କୌଣସି ନିର୍ବାଚନ କମିଶନରଙ୍କ ମତାମତ, ପ୍ରଶ୍ନ କିମ୍ବା ପ୍ରସ୍ତାବକୁ ଆୟୋଗର ଚୂଡ଼ାନ୍ତ ନିଷ୍ପତ୍ତି ବୋଲି ଧରାଯାଇପାରିବ ନାହିଁ ବୋଲି ସତ୍ୟପାଠରେ କୁହାଯାଇଛି। ଆୟୋଗରେ ଏକ ନିର୍ଦ୍ଦିଷ୍ଟ ପ୍ରକ୍ରିୟାରେ ଫାଇଲ୍ ଅନୁମୋଦନ ହୋଇଥାଏ। ପ୍ରଥମେ ଜଣେ ନିର୍ବାଚନ କମିଶନର, ପରେ ଅନ୍ୟ ଜଣେ କମିଶନର ଏବଂ ଶେଷରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିକଟକୁ ଫାଇଲ୍ ପଠାଯାଏ। ଆବଶ୍ୟକ ସ୍ଥଳେ ଇଲେକ୍ଟ୍ରୋନିକ୍ ମାଧ୍ୟମରେ ମଧ ଅନୁମୋଦନ ନିଆଯାଇଥାଏ। ପରବର୍ତ୍ତୀ ସମୟରେ ଏହାକୁ ଫାଇଲ୍‌ରେ ଲିପିବଦ୍ଧ କରାଯାଏ। ଅନ୍ୟପକ୍ଷରେ, ଜୁଲାଇ ୨୮ ତାରିଖରେ କାର୍ଯ୍ୟ ବଣ୍ଟନ ସମ୍ପର୍କିତ ଏକ ନିର୍ଦ୍ଦେଶକୁ ନେଇ ମଧ ଆୟୋଗ ସ୍ପଷ୍ଟୀକରଣ ଦେଇଛି। ଏହି ନିର୍ଦ୍ଦେଶକୁ ପ୍ରତିନିଯୁକ୍ତିରେ ଆସିଥିବା ଜଣେ ଅତିରିକ୍ତ ସଚିବ ଜାରି କରିଥିଲେ। ଏହା ପରଦିନ ଉଭୟ ନିର୍ବାଚନ କମିଶନର କ୍ୟାବିନେଟ୍ ସଚିବଙ୍କୁ ଚିଠି ଲେଖିଥିଲେ। ଜୁଲାଇ ୩୦ ତାରିଖରେ ଜାରି ହୋଇଥିବା ମିଳିତ ନିର୍ଦ୍ଦେଶ ପରେ ଉକ୍ତ ଆଦେଶ କାର୍ଯ୍ୟକାରୀ କରାଯାଇନଥିଲା ବୋଲି ଆୟୋଗ ସ୍ପଷ୍ଟ କରିଛି। **SIR** ପ୍ରକ୍ରିୟା ଏବଂ ନିର୍ବାଚନ ଆୟୋଗର ନିଷ୍ପତ୍ତି ଗ୍ରହଣ ପଦ୍ଧତିକୁ ନେଇ ବିବାଦ ମଧ୍ୟରେ ଏହି ସତ୍ୟପାଠ ଗୁରୁତ୍ୱ ବହନ କରୁଛି।

ଟେରର ଫଣ୍ଡିଂ ମାମଲାରେ ଝାଡ଼ଖଣ୍ଡ ...

ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୧୮ ତାରିଖରେ ରାଂଚିର ଏନ୍. ଆଇ.ଏ. ସ୍ୱତନ୍ତ୍ର ଅଦାଲତ ଆତଙ୍କବାଦ ପାଣ୍ଠି ଯୋଗାଣ ମାମଲାରେ ୧୨ ଜଣ ଦୋଷୀଙ୍କୁ ଆଠରୁ ଦଶ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଏହା ସହିତ ଦୋଷୀମାନଙ୍କ ଉପରେ ୪୦ ହଜାରରୁ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ମଧ ଲାଗୁ କରାଯାଇଥିଲା। ଏହା ପୂର୍ବରୁ, ସମାନ ମାମଲାରେ ଦଣ୍ଡାଦେଶ ପାଇଥିବା ଅନ୍ୟ ସାତ ଜଣ ଦୋଷୀ ମଧ ଝାଡ଼ଖଣ୍ଡ ହାଇକୋର୍ଟରୁ ଜାମିନ ପାଇଛନ୍ତି। ମଗଧ ଏବଂ ଆମ୍ରପାଲି କୋଇଲା ପ୍ରକଳ୍ପ ସହ ଜଡ଼ିତ ଆତଙ୍କବାଦୀ ପାଣ୍ଠି ଯୋଗାଣ ମାମଲା ନଂ. ୨/୨୦୧୬ ଟଣ୍ଡଓ୍ୱା ପୋଲିସ ଷ୍ଟେସନରେ ପଞ୍ଜୀକୃତ ହୋଇଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା ୧୩ ଫେବୃଆରୀ ୨୦୧୮ ରେ ଏହି ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିଲା। ତଦନ୍ତ ଶେଷ ହେବା ପରେ ଏନ୍. ଆଇ. ଏ. ୧୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲା। ଏହାପରେ ରାଂଚିର ଏନ୍. ଆଇ. ଏ. ସ୍ୱତନ୍ତ୍ର କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ମଗଧ ଏବଂ ଆମ୍ରପାଲି କୋଇଲା ପ୍ରକଳ୍ପରେ କୋଇଲା ପରିବହନ ନାମରେ ଆତଙ୍କବାଦୀ ସଂଗଠନ ଥାର୍ଡ ଫ୍ରଂଟ କମିଟି (ଟିପିସି) କୁ ପାଣ୍ଠି ଯୋଗାଇ ଦିଆଯାଉଥିଲା ବୋଲି ଏନ୍‌ଆଇଏ ତଦନ୍ତରୁ ଜଣାପଡ଼ିଛି। ତଦନ୍ତକାରୀ ସଂସ୍ଥା ଅନୁଯାୟୀ, ଏହି କାର୍ଯ୍ୟକଳାପରେ ସିସିଏଲ, ପୋଲିସ, ଆତଙ୍କବାଦୀ ସଂଗଠନ ଏବଂ ଶାନ୍ତି କମିଟି ସହିତ ଜଡିତ ଲୋକଙ୍କ ମଧ୍ୟରେ କଥିତ ସମନ୍ୱୟର କଥା ସାମ୍ନାକୁ ଆସିଥିଲା। ଏନ୍. ଆଇ. ଏ. ଅନୁସନ୍ଧାନରୁ ଏହା ମଧ ଜଣାପଡ଼ିଛି ଯେ ଟି. ପି. ସି. ଲାଗୁ କରିବା ଉଦ୍ଦେଶ୍ୟରେ ମଗଧ ଏବଂ ଆମ୍ରପାଲି ପ୍ରକଳ୍ପରେ ଅତ୍ୟଧିକ ଦରରେ କୋଇଲା ପରିବହନ ଚୁକ୍ତିନାମା ନିଆଯାଇଥିଲା। ଏହି ବ୍ୟବସ୍ଥା ମାଧ୍ୟମରେ ସଂଗ୍ରହ ହୋଇଥିବା ଅର୍ଥ ଆତଙ୍କବାଦୀ ସଂଗଠନକୁ ଅର୍ଥ ଯୋଗାଇବା ପାଇଁ ବ୍ୟବହୃତ ହୋଇଥିଲା।

ବାତ୍ୟା ମୁକାବିଲା ପାଇଁ ଜୟପୁର ବ୍ଲକ ପ୍ରଶାସନର ବୈଠକ

ଜୟପୁର, ୨୬/୧୦ (ନି.ପ୍ର): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜୟପୁର ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ଜୟପୁର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ବ୍ଲକ୍ ଓ ତହସିଲ ପ୍ରଶାସନର ଏକ ମିଳିତ ଜରୁରୀକାଳୀନ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟାର ସଫଳ ମୁକାବିଲା, ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନିମନ୍ତେ ଏହି ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଛି। ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା ଏବଂ ଜିପିଡିଓ ସୁବାସ ଖିଲଙ୍କ ଉପସ୍ଥିତିରେ ଆୟୋଜିତ ବୈଠକରେ କୃଷି, ବିଦ୍ୟୁତ, ଜଳଯୋଗାଣ, ଅଗ୍ନିଶମ, ଜଙ୍ଗଲ ଏବଂ ରାଜସ୍ୱ ବିଭାଗ ଭଳି ସମସ୍ତ ବିଦ୍ୟୁତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ମଙ୍ଗଳବାର, ଅକ୍ଟୋବର ୨୭, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ପ୍ରହସନରେ ପରିଣତ ବସ୍ତାର ଯୁଗ୍ମ ଜନ ଶୁଣାଣି ଶିବିର

ବସ୍ତା,୨୬।୧୦(ନିପ୍ର)ବସ୍ତା ବ୍ଲକରେ ଆଜି ଜିଲ୍ଲାପାଳ ଏସ. ମୟୂର ବିକାଶ ଏସପି ପି.ଦିବାକର ମିଳିତ ଯୁଗ୍ମ ଜନ ଶୁଣାଣୀ ଶିବିରରେ ଯୋଗ ଦେଇଥିଲେ।ଏଥିରେ ବିଡ଼ିଓ ମିହିର ରଞ୍ଜନ ବେହେରା,ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ,ଏସ ଡି ପି ଓ ସମର୍ଥ କୁମାର ବେହେରା,ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧିକାରୀ ସଞ୍ଜୟ ର। ଉତ ,ଜିଲ୍ଲା ସି ଡି ଏମ ଓ ଅମୁଲ୍ୟ ଦାସ ଏବଂ ବିଭିନ୍ନ ଜିଲ୍ଲା ତଥା ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ ।ଶିବିରରେ ୧୦୭ ଅଭିଯୋଗ ଦରଜ ହୋଇଥିଲା।ତନ୍ମଧ୍ରୁ ମାତ୍ର ୬ ଟି ଅଭିଯୋଗ ସମାଧାନ ହୋଇଥିଲା।ତେବେ ଶିବିର ହେବା ନେଇ ଭଲ ରକମର ପ୍ରଚାର ପ୍ରସାର ହୋଇ ନ ଥିବାରୁ ଲୋକେ କମ୍ ଆସିଥିଲେ ଓ ଅଭିଯୋଗକାରୀଙ୍କ ସଂଖ୍ୟା ହ୍ରାସ ପାଇଥିଲା। ଗତ ଥର ଏହି ଶିବିର ତା୧୬.୬.୨୦୨୬ ରେ ହୋଇଥିଲା।ସେତେବେଳେ ଯେଉଁ ସବୁ ଅଭିଯୋଗ ହୋଇଥିଲା ତା'ର ସମାଧାନ ହୋଇ ନ ଥିବା ବେଳେ ଏବେ ସେଇ ସମାନ ଅଭିଯୋଗ ପୁଣି ହୋଇଛି। ଜାମଶୁଳିର ରବୀନ୍ଦ୍ର ନାୟକଙ୍କ ଭିନ୍ନକ୍ଷମ ଝିଅ ନନ୍ଦନି ପୂର୍ବରୁ ଭତ୍ତା ପାଇଥିବା ବେଳେ ତିନି ମାସ ହେଲା ତାଙ୍କର ଭତ୍ତା ବନ୍ଦ ରହିଛି। ଉଜୁଡା ଗାଁର ପିତାମ୍ବର ଜେନାଙ୍କର ମଧ୍ୟ ସେହି ସମାନ ଅବସ୍ଥା। ବସ୍ତାର କମଳ ଲୋଚନ ବାରିକ ପତ୍ରଝଡା ପଞ୍ଚାୟତରେ ଜଳକା। ନଦୀ ରେ ପୋଲ,ବସ୍ତା ଷ୍ଟେସନରେ ବିଭିନ୍ନ ଏକ୍ସପ୍ରେସ ରହଣୀ, ବସ ଷ୍ଟପେଜ ପ୍ରଭୃତି କେତେକ ଦାବି ନେଇ ଅଭିଯୋଗ ଗତ ଥର ଭଳିଆ ଏଥର ମଧ୍ୟ ସମାନ।ମାତ୍ର ପ୍ରତିକାର ନାହିଁ।ଗଡପଦା ପଞ୍ଚାୟତର ହୀରା ପୁର ନୋଡାଲ ସ୍କୁଲର ଦରାବସ୍ଥା ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ଏହିଭଳି ଅଧିକାଂଶ ସମସ୍ୟା। ସଂପର୍କରେ ଆସୁଥିବା ବାରମ୍ବାର ଅଭିଯୋଗକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରିଙ୍କୁ ସୁପ୍ରିସ କରି ବସି ଯାଉଛନ୍ତି। ଗତ ଥର ମଧ୍ୟ ସେପରି କରିଥିଲେ। କିନ୍ତୁ ପ୍ରତିକାର ବା ସମାଧାନ ନାହିଁ।ଦିବା ସାଢ଼େ ଦଶରୁ ବାରଟା ଚାଳିଶ ପରଯନ୍ତ ଏହି ଶିବିର ଚାଲିବା ପରେ ଶେଷ ହେଲା ବୋଲି ଘୋଷଣା କରାଯାଇଥିଲା।

ବେତାଲିଗାଁ ବଜାରରେ 'ଭୋଟ ବଚାଓ- ଦେଶ ବଚାଓ' ଅଭିଯାନ

ଭଦ୍ରକ , ୨୬/୧୦ (ନି.ପ୍ର): ଭୋଟଚୋର ଜ୍ଞାନେଶ କୁମାରକୁ ଗିରଫ କର, ଭୋଟଚୋର ନରେନ୍ଦ୍ର ମୋଦି ଗାଦି ଛାଡ, ଜନବିରୋଧି ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ ଆଇ ଆର) ବାତିଲ କର, ନିର୍ବାଚନୀ ପ୍ରକ୍ରିୟାରେ ଅନିୟମିତତା ବଂଦ କର,ବ୍ୟାପକ ନିର୍ବାଚନୀ ସଂସ୍କାର ଆଣ, ଦେଶବ୍ୟାପୀ ଚାଲିଥିବା ଏସ୍ ଆଇ ଆର ବିରୋଧୀ ଐତିହାସିକ ଆନ୍ଦୋଳନ ଉପରେ ଦମନ ବଂଦ କର ଆଦି ଦାବିରେ ଆସନ୍ତା ନଭେମ୍ବର, ୧ ତାରିଖ ଦିଲ୍ଲୀସ୍ଥିତ ରାମଲୀଳା ମୈଦାନରେ ଇଣ୍ଡିଆ ବ୍ଲକର ମହାସମାବେଶ ଅନୁଷ୍ଠିତ ହେବ । ଏହି ସମାବେଶ ' ଭୋଟ ବଚାଓ, ଦେଶ ବଚାଓ ' ଅଭିଯାନ ର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ହେବ । ଏହି ସମାବେଶକୁ ସଫଳ କରିବା ପାଇଁ ବେତାଲିଗାଁ ବଜାରରେ ସିପିଆଇ(ଏମ) ପକ୍ଷରୁ ' ଭୋଟ ବଚାଓ, ଦେଶ ବଚାଓ' ଅଭିଯାନ ପରିପ୍ରେକ୍ଷୀରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରାରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ଆଇନଜୀବି ବିକାଶ ନାଥ, ରମେଶ ସାହୁ, ଆଇନଜୀବୀ ଜୟନ୍ଦୁଲ ଆବେଦିନ, ସିପିଆଇ(ଏମ) ନେତା ମାର୍କଣ୍ଡ ଜେନା, ସତ୍ୟମୂର୍ତ୍ତି ବେହେରା, ଯୁବନେତା ବିପ୍ଳବ ଯେନା ପ୍ରମୁଖ ସାମିଲ ହୋଇ ନଭେମ୍ବର, ୧ ଦିଲ୍ଲୀ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଜଣାଇଥିଲେ । ଭୋଟଚୋର ଜ୍ଞାନେଶ କୁମାର ଜେଲଖାନାରେ ଭର୍ତ୍ତି ହେବା ପର୍ଯ୍ୟନ୍ତ ବେତାଲିଗାଁ ଅଞ୍ଚଳରେ ଏହି ଅଭିଯାନ ଚଳାଇ ରଖିବାକୁ ଜନସାଧାରଣଙ୍କୁ ସିପିଆଇ(ଏମ) ନେତୃତ୍ୱ ନିବେଦନ କରିଥିଲେ ।

ପଂଚାୟତ ନିର୍ବାଚନ ମହକରେ ମହକି ଉଠୁଛି ଏଥର ପାର୍ବଣ ଋତୁ

ଉଦଳା , ୨୬/୧୦ (ନି.ପ୍ର): ଚଳିତ ବର୍ଷର ପାର୍ବଣ ଋତୁ ଉଦଳା ନିର୍ବାଚନ ମଣ୍ଡଳୀ ମଧ୍ୟରେ ବେଶ ଧୁମ୍‌ଧାମରେ ପାଳିତ ହେଉଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଆଗକୁ ପଂଚାୟତ ନିର୍ବାଚନ ଥିବାରୁ ଏହାର ମହକ ଏଥର ଭଲଭାବରେ ବାରି ହୋଇ ପଡୁଛି । ନିର୍ବାଚନରେ ପ୍ରାର୍ଥୀ ହେବାକୁ ପ୍ରସ୍ତୁତି ହେଉଥିବା ନେତା ମାନେ ଯେଉଁଭଳି ସବୁକାମରେ ଆଗୁଆ ହୋଇ ବାହାରି ପଡୁଛନ୍ତି ତାହା ଆଗରୁ କେବେ ଦେଖିବାକୁ ମିଳୁନଥିଲା । ଲୋକଙ୍କ ନିକଟତର ହେବା, ମୁଁ ଏଥର ପ୍ରାର୍ଥୀ ବୋଲି ଚିହ୍ନେଇ ହେବା ଓ ଭୋଟ ହାତେଇବା ପାଇଁ ନେତା ମାନେ ଯେଉଁଭଳି ଭାବରେ ନିଜକୁ ପ୍ରଦର୍ଶିତ କରୁଛନ୍ତି ତାହା ପାର୍ବଣର ମାହୋଲରେ ଏକ ଭିନ୍ନ ସ୍ୱାଦର ବାତାବରଣ ଖେଳାଇ ଦେଉଛି । ଭଷାଣି ସମୟରେ ଡ଼ିଜେ ଖର୍ଚ୍ଚ ନେତା ମାନେ ବହନ କରୁଛନ୍ତି, ପୁଣି କେତେକ ସ୍ଥାନରେ ଅପେରା, ଦାସକାଠିଆ ଓ ପାଲା ଖର୍ଚ୍ଚ ମଧ୍ୟ ନେତାମାନେ ଦେଉଛନ୍ତି । ଏହିପରି ଲୋକଙ୍କୁ ମନେଇ ତାଙ୍କ ଠାରୁ ଭୋଟ ହାତେଇବାର ଉଦେଶ୍ୟରେ ନେତାଙ୍କ ପାଇଁ ପାର୍ବଣ ଏକ ସୁଯୋଗ ସୃଷ୍ଟି କରିଛି ବୋଲି ଅନେକ ମତ ଦେଉଛନ୍ତି । ନେତାଙ୍କର ନେତୃତ୍ୱର ମାହୋଲର ମହକରେ ମହକି ଉଠୁଛି ଚଳିତ ବର୍ଷର ପାର୍ବଣ ଋତୁ ।

ପାରିବାରିକ ସମସ୍ୟା ପିଲାଙ୍କୁ ସଜାଇ ଦେଉଛି ଦିନ ମଜୁରିଆ





ଉଦଳା , ୨୬/୧୦ (ନି.ପ୍ର): ପାରିବାରିକ ସମସ୍ୟା ପାଇଁ ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବସବାସ କରୁଥିବା ବହୁସଂଖ୍ୟାରେ ପିଲା ପାଠପଢ଼ା ଛାଡ଼ି ଏବେ ଦିନମଜୁରିଆ ଭାବରେ କାମ କରୁଥିବାର ଦୃଶ୍ୟ ଦେଖିବାକୁ ମିଳୁଛି । ଏହିଭଳି ପିଲାଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଥିବାର କଥା ଚର୍ଚ୍ଚା ହେଉଛି । ଉଦଳା ବ୍ଲକର ବଡ଼ଖମଣ ପଂଚାୟତ ଅନ୍ତର୍ଗତ ବଇଦାଖୋଲି ଗ୍ରାମର ବାସିନ୍ଦା ଭୀମମୁର୍ମୁଙ୍କର ୧୪ବର୍ଷ ବୟସର ପୁତ୍ର ଦକ୍ଷିଣେଶ୍ୱର ମୁର୍ମୁ ଆଜକୁ ୨ବର୍ଷ ତଳୁ ପାଠପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହୋଇଥିବାର ଜଣାଇଛନ୍ତି । ଘରେ ବାପାଙ୍କର ଦେହ ଅସୁସ୍ଥ ହେବାରୁ ତାଙ୍କର ସେବା ପାଇଁ ସେ ପାଠପଢ଼ା ଛାଡ଼ିବାକୁ ବାଧ ହୋଇଥିବାର କହିଛନ୍ତି । ସେ ବଡ଼ଖମଣସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ନାମ ଲେଖାଇଥିଲେ । ଦିର୍ଘଦିନ ଧରି ଅନୁପସ୍ଥିତ ଦକ୍ଷିଣେଶ୍ୱରଙ୍କର ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଛି କି କଟିଯାଇଛି ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ଆଧାର ପାଇଁ ଫୋଟ ଉଠାଇଥିଲେ ମଧ ଦକ୍ଷିଣେଶ୍ୱରଙ୍କର କାର୍ଡ଼ ଆସିନଥିବାର ଜଣାଇଛନ୍ତି । ପରିବାରକୁ ମିଳିଥିବା ରାସନ କାର୍ଡ଼ରେ ତାଙ୍କର ନାମ ଯୋଡ଼ାଯାଇପାରିନଥିବାରୁ ଖାଦ୍ୟ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ର ଚାଉଳ ପାଇବାରୁ ବଂଚିତ ଥିବାର କହିଛନ୍ତି । ସେହିପରି କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ହିଲ ବ୍ଲକ -୪ର ବାସିନ୍ଦା ଭୁଗୁଡ଼ି ମାଙ୍କିଡ଼ିଆଙ୍କର ୧୬ ବର୍ଷ ବୟସର କନ୍ୟା କୁନି ମାଙ୍କିଡ଼ିଆ ପାଠପଢ଼ା ଛାଡ଼ି ଏବେ ଦିନମଜୁରିଆ ଭାବରେ କାମ କରୁଥିବାର ଜଣାଇଛନ୍ତି । ସେ ନିକଟରେ ଥିବା ସର୍ବଣାଘାଟି ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ମଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛନ୍ତି । ଘରେ ତାଙ୍କର ବଡ଼ଭଉଣୀଙ୍କର ଦେହ ଅସୁସ୍ଥ ହେବା ସାଙ୍ଗକୁ ପରିବାରର ଆର୍ଥିକ ସମସ୍ୟା ଯୋଗୁଁ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧିଦେବାକୁ ବାଧ ହୋଇଥିବାର କହିଛନ୍ତି । ଆଧାର ପାଇଁ ଫଟୋ ଉଠାଇଥିଲେ ମଧ କାର୍ଡ଼ ଏପର୍ଯ୍ୟନ୍ତ ଆସିନଥିବାର କହିଛନ୍ତି । ଏହିଭଳି ବିଭିନ୍ନ ପ୍ରକାର ପାରିବାରିକ ସମସ୍ୟା ଯୋଗୁଁ ବହୁସଂଖ୍ୟାରେ ପିଲା ପାଠପଢ଼ା ଛାଡ଼ି ଦେବାକୁ ବାଧ ହେଉଥିବାର କଥା ଶୁଣିବାକୁ ମିଳୁଛି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନଜାଗୃତି ମଂଚର ସ୍ୱେଚ୍ଛାସେବି ମାନେ ଅନୁରୋଧ ଜଣାଇଛନ୍ତି ।

ଟାଟା ହଟାଅ, ଓଡ଼ିଶା ବଞ୍ଚାଅ: ଠିକା କର୍ମଚାରୀଙ୍କ ଛଟେଇ ପ୍ରତିବାଦରେ ବିଶାଳ ଶୋଭାଯାତ୍ରା, ମୁଖ୍ୟମନ୍ତ୍ରୀଙ୍କୁ ଦୁଃଖ ଜଣାଇବାକୁ ଯାତ୍ରା



ଖୋରଧା, ୨୬/୧୦ (ନି.ପ୍ର): ଖୋର୍ଦ୍ଧା ବିଦ୍ୟୁତ ଡିଭିଜନ ଅଧୀନରେ ଥିବା ୧୮ ଟି ସେକ୍ସନରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ଛଟେଇକୁ ବିରୋଧ କରି 'ଟାଟା ହଟାଅ, ଓଡ଼ିଶା ବଞ୍ଚାଅ' ନାରାରେ ଆନ୍ଦୋଳନ ତେଜିଛି । ଚାରି ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଟାଟା ପାୱାର କୌଣସି ଠିକା କର୍ମଚାରୀଙ୍କୁ ଛଟେଇ କରିବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଅକ୍ଟୋବର ମାସରେ ଶହ ଶହ କର୍ମଚାରୀଙ୍କୁ ଛଟେଇ କରାଯାଇଥିବା ଆନ୍ଦୋଳନକାରୀ ମାନେ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଆଜି ବିଦ୍ୟୁତ୍ ଡିଭିଜନ କାର୍ଯ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଛି । ଦଣ୍ଡ ପ୍ରଣାମ ଓ ଘଣ୍ଟ ବଜାଇ ପ୍ରତିବାଦ ଜଣାଇବା ସହ ଆନ୍ଦୋଳନକାରୀ ମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନିଜର ଦୁଃଖ ଜଣାଇବାକୁ ଯାତ୍ରା କରିଛନ୍ତି । ଛଟେଇ ବନ୍ଦ ନହେଲେ ଓଡ଼ିଶାର ଯୁବକ ଓ କର୍ମଚାରୀଙ୍କୁ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯିବାକୁ ଅନୁମତି ଦିଆଯାଉ ବୋଲି ଆନ୍ଦୋଳନକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି । କେବଳ କର୍ମଚାରୀ ଛଟେଇ ନୁହେଁ, ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ମଧ ଅତିରିକ୍ତ ଆର୍ଥିକ ବୋଝ ଲଦାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି । ପୂର୍ବରୁ ନୂଆ ସର୍ଭିସ୍ ତାର ବଦଳାଇବା ସେବା ମାଗଣାରେ ମିଳୁଥିବା ବେଳେ ଏବେ ଏଥିପାଇଁ ୧,୧୨୮ ଟଙ୍କା ଦେବା ସହ ନିଜେ ତାର କିଣିବାକୁ ପଡୁଛି ବୋଲି ସେମାନେ କହିଛନ୍ତି । ଏଥିସହ ସ୍ମାର୍ଟ ମିଟର ଜବରଦସ୍ତି ଲଗାଇ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ମଧ ଉଠାଇଛନ୍ତି । ଓଡ଼ିଆ ଅସ୍ମିତାର କଥା କହୁଥିବା ରାଜ୍ୟ ସରକାର ଏହି ପ୍ରସଙ୍ଗରେ କାହିଁକି ନିରବ ରହିଛନ୍ତି ବୋଲି ଆନ୍ଦୋଳନକାରୀମାନେ ପ୍ରଶ୍ନ କରିଛନ୍ତି । ଛଟେଇ ବନ୍ଦ କରି ଠିକା କର୍ମଚାରୀଙ୍କ ଜୀବିକା ସୁରକ୍ଷା ଓ ବିଦ୍ୟୁତ୍ ଉପଭୋକ୍ତାଙ୍କ ସମସ୍ୟାର ସମାଧାନ ପାଇଁ ସରକାର ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ଦାବି ହୋଇଛି ।

ବାରିପଦା ଇନରହ୍ୱିଲ କ୍ଲବ ତରଫରୁ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ



ବାରିପଦା, ୨୬/୧୦ (ନି.ପ୍ର): ବାରିପଦା ଇନରହ୍ୱିଲ କ୍ଲବ ତରଫରୁ ଦେବେନ୍ଦ୍ରପୁର ଆର୍ଡିଏସି ବରିଷ୍ଠ ନାଗରିକ ନିବାସ ଠାରେ ସଭାପତି ସୁପ୍ରୀତି ଦଳ ବେହେରାଙ୍କ ତତ୍ୱାବଧାନରେ ଏକ ଚକ୍ଷୁ ପରୀକ୍ଷଣ ଶିବିର ଗଲା ରବିବାର ପୂର୍ବାହ୍ନରେ ଆୟୋଜିତ ହୋଇଯାଇଛି । ଜୀବନଦୀପ ହସପିଟାଲର ସହଭାଗିତାରେ ଆୟୋଜିତ ଉକ୍ତ ପରୀକ୍ଷଣ ଶିବିରକୁ ଚକ୍ଷୁ ବିଶେଷଜ୍ଞ ଡା. ରଞ୍ଜୁଲତା ମହାନ୍ତି ତଥା ତାଙ୍କ ସହଯୋଗୀମାନେ ପରିଚାଳନା କରିଥିଲେ। ଏହି ଶିବରରେ ୪୫ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ନିଶୁଳ୍କ ଔଷଧ ବଣ୍ଟନ କରାଯାଇଥିଲା। ଏତଦ୍ ବ୍ୟତୀତ ଏହି କାର୍ଯ୍ୟକ୍ରମ ଅବସରରେ କ୍ଲବର ସଦସ୍ୟା ସଂଯୁକ୍ତା ଚାନ୍ଦ, ପ୍ରଣତି ଦାସ, ସୁସ୍ମିତା ଘୋଷାଲ, ଦୀପିକା ମହାନ୍ତି, ସ୍ୱପ୍ନା ଦାଶ, ଲୁସି ରଣା, ପ୍ରିୟଦର୍ଶନୀ ପଟ୍ଟନାୟକ, ମମତା ମହାନ୍ତି, ନିର୍ବାଚିତା ସାହୁ ପ୍ରମୁଖଙ୍କ ପରିଚାଳନାରେ ଅନ୍ତେବାସୀମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।

ବାତ୍ୟା ଅର୍ଣ୍ଣବ ମୁକାବିଲା ପାଇଁ ପୁରୀ ପୋଲିସର ସଚେତନତା

ପୁରୀ, ୨୬/୧୦ (ନି.ପ୍ର): ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାର ନିମ୍ନାଂଚଳ ଓ ଉପକୂଳବର୍ତୀ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପୁରୀ ପୋଲିସ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରମରେ ଅରଖକୁଦା ମେରାଇନ୍ ଥାନା ପକ୍ଷରୁ ବିଭିନ୍ନ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ନିମ୍ନାଂଚଳରେ ବସବାସ କରୁଥିବା ଲୋକମାନଙ୍କୁ ବାତ୍ୟା ସମୟରେ ସତର୍କତା ଅବଲମ୍ବନ କରିବା, ପ୍ରଶାସନର ନିର୍ଦ୍ଦେଶାବଳୀ ପାଳନ କରିବା ଏବଂ ଜରୁରୀ ପରିସ୍ଥିତିରେ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସଚେତନ କରାଯାଇଛି ।

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ସିଂଲା ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

ଲଙ୍ଗଳେଶ୍ୱର, ୨୬/୧୦ (ନି.ପ୍ର): ସିଂଲା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ରେ ୨୦୨୭ ମସିହା ନୂଆ ବର୍ଷରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ, ସିଂଲା ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା କାର୍ଯ୍ୟକ୍ରମର ୧ମ ପ୍ରସ୍ତୁତି ବୈଠକ ମହୋତ୍ସବ କମିଟିର ସଭାପତି ଜୟନ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଯାଇଅଛି । ଅଧିବେଶନର ଅୟମାରମ୍ଭରେ କମିଟିର ମୁଖ୍ୟ ଉପଦେଷ୍ଟା ପଣ୍ଡିତ୍ ପ୍ରିୟବ୍ରତ ପଣ୍ଡାଙ୍କ ସମେତ ଉପସ୍ଥିତ ସମସ୍ତ ସଦସ୍ୟ ଜଗନ୍ନାଥଙ୍କ ଧ୍ୟାନ ଆବୃତ୍ତି କରି କାର୍ଯ୍ୟକ୍ରମର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏହି ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆସନ୍ତା ୦୧/୦୧/୨୦୨୭ ରୁ ଆରମ୍ଭ ହୋଇ ୦୯/୦୧/୨୦୨୭ ରେ ଉଦଯାପନ ହେବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଅଛି । ଜଗନ୍ନାଥ ମହାପ୍ରଭୁଙ୍କ ଦୁର୍ଲ୍ଲଭ ବତ୍ରିଶ ବେଶ ପ୍ରଦର୍ଶନ, ପାର୍ଶ୍ୱ ଦେବାଦେବୀ, ବାଇଶି ପାହଚ, ସିଂହ ଦ୍ୱାର, ଗରୁଡ଼ ସ୍ତମ୍ଭ, ଭୂମି ପୂଜନ, ଅଙ୍କୁରାରୋପଣ, ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ମାଳ ବିଜେ ସହିତ ୧୦୮ ଶୁଭ କଳସ ଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ, ପାର୍ଶ୍ୱ ଦେବଦେବୀଙ୍କ ଷୋଡଶ ଉପଚାର ପୂଜାର୍ଚ୍ଚନା ସହିତ ବିଷ୍ଣୁ ଯଜ୍ଞ, ନାମ ସଙ୍କୀର୍ତ୍ତନ, ଅନ୍ନ ମହୋତ୍ସବ, ଭାଗବତ ପାରାୟଣ, ଶ୍ରୀମଦ ଭଗବତ ଗୀତା ପାଠ, ରାମଚରିତ ମାନସ ପାଠ, ସପ୍ତଶତୀ ଚଣ୍ଡୀ ପାଠ, ଭଜନ ସନ୍ଧ୍ୟା, ଗ୍ରାମୀଣ ମେଳା, ସୁସଜ୍ଜିତ ଆଲୋକମାଳା, ମୁକ୍ତାକାଶ ସୁରମ୍ୟ ରଙ୍ଗମଞ୍ଚ, ଆକର୍ଷଣୀୟ ମନୋରମ ସାଜସଜ୍ଜା, ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟିକ, କବି, ଗାଳ୍ପିକ, ଗଣ୍ୟ ମାନ୍ୟ ବିଦ୍ୱାନ ବ୍ୟକ୍ତିଙ୍କ ଯୋଗଦାନ, ପ୍ରତିଭା ପୂଜନ ସମାରୋହ ଓ ନୃତ୍ୟ ଭିତ୍ତିକ କାର୍ଯ୍ୟକ୍ରମ - 'ସିଂଲା ନୃତ୍ୟ ମହୋତ୍ସବ' ଇତ୍ୟାଦି ଅନେକ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଅଛି । ଏହି ବୈଠକରେ କମିଟିର ସମ୍ପାଦକ ମୃତ୍ୟୁଞ୍ଜୟ ନନ୍ଦ, ପ୍ରଧାନ ସେବାୟତ ରବି ନାରାୟଣ ଗିରି, ମହା ସଚିବ ମନୋରଞ୍ଜନ ଗିରି, ସଂଗଠନ ସମ୍ପାଦକ ହେମନ୍ତ କୁମାର ମିଶ୍ର, ସାଧାରଣ ସମ୍ପାଦକ କମଳାକାନ୍ତ ଅଣ୍ଡିଆ, ସହ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସାହୁଙ୍କ ସମେତ ବରିଷ୍ଠ ସଦସ୍ୟ ରାଜେଶ କୁମାର ମହାନ୍ତି, ଗଙ୍ଗାଧର ଦାସ, ତପନ ନନ୍ଦ, ନରେନ୍ଦ୍ର ସାହୁ, ଅଭୟ ସାହୁ, ସୁଧୀର ପ୍ରଧାନ, ବରେନ୍ଦ୍ର ସିଂହ, ଗୋବିନ୍ଦ କର, ଦିଲ୍ଲୀପ କୁମାର ନାୟକ, ଅଜୟ ନାୟକ, ଶୁଭଙ୍କର ମିଶ୍ର, ତପନ କାମିଲା, ଯତୀନ୍ଦ୍ର ନାଥ ମହାନ୍ତି, ମନ୍ମଥ ଅଣ୍ଡିଆ, ଅଜୟ ମହାଲିକ, ଶରତ ସାହୁ, ଶ୍ରୀତମ ନାୟକ, ଗୌରାଙ୍ଗ ନାୟକ, ଖୁଦୀରାମ କାମିଲା, ଅବନୀ କୁମାର ସାମଲ, ବସନ୍ତ କୁମାର ସାହୁ, ଭାଗବତ ମହାନ୍ତି, ରାଜ୍ କିଶୋର ନାୟକ, ନିରଞ୍ଜନ ସାହୁ ଇତ୍ୟାଦି ଅନେକ ସଦସ୍ୟ ଉପସ୍ଥିତ ଥିଲେ । ସର୍ବଶେଷରେ ଉପସଭାପତି ନିତ୍ୟାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିବା ସହିତ ଜଗନ୍ନାଥ ଙ୍କ ନାମ କୀର୍ତ୍ତନ ଓ ଜୟ ଧ୍ୱନି ଦେଇ ଅଧିବେଶନକୁ ସାଙ୍ଗ କରାଗଲା ।

ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ତ୍ରୀବାସ ଏଫସି ଚମ୍ପିଆନ



ବୈଶିଙ୍ଗା , ୨୬/୧୦ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ମେର୍ଦା ପଞ୍ଚାୟତର ସରଡିହା ଗ୍ରାମର ମା ଗଡଚଣ୍ଡୀ ଫୁଟବଲ କ୍ଲବ ଆନୁକୂଲ୍ୟରେ ଦ୍ୱିଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସୋମବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୬ ଗୋଟି ଦଳ ଭାଗ ନେଇଥିଲେ । ଫାଇନାଲ ଖେଳରେ ମନତାପାଳ ଗ୍ରାମର ପାତ୍ର ଏକାଦଶ କୁ ପରାସ୍ତ କରି ତ୍ରୀବାସ ଏଫସି ଚମ୍ପିଆନ ହୋଇଥିବା ଜଣାଯାଇଛି । ଖେଳ ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲାପରିଷଦ ସଦସ୍ୟା ଧାନୀ କିସ୍କୁ , ସନ୍ତକ ଲେଙ୍କା , କାଳିଆ ମହାନ୍ତ,ରବୀନ୍ଦ୍ର କିସ୍କୁ , ପାଇତୁ ହେମ୍ବ୍ରମ ମିଣ୍ଡା ସିଂ , ଦୀନବନ୍ଧୁ ଟୁଡୁ , ପୀରୁ ହେମ୍ବ୍ରମ , କୁନାରାମ ଟୁଡୁ , ସିଙ୍ଗାରୀ ମାରାଣ୍ଡି , କାହ୍ନୁ ହେମ୍ବ୍ରମ , କୁଣ୍ଡା ମାରାଣ୍ଡି ,ଦୁଃଖିଆ ସରେନ ,ଭରତ ସରେନ, ପ୍ରମୁଖ ଉପସ୍ଥିତ ରହିଥିଲେ । ମା ଗଡଚଣ୍ଡୀ ଫୁଟବଲ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ । ମୁଖ୍ୟ ଅତିଥି ଚମ୍ପିଆନ ଏବଂ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ ।

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମନସାରଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୨୬/୧୦ (ନି.ପ୍ର): ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମରେ ମନ ସାର ଭାବେ ପରିଚିତ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ବେହେରାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି । ଏହି ଅବସରରେ ଭୁବନେଶ୍ୱର କେଶୁରା ବାଇପାସ ଛକସ୍ଥିତ ଗାଲାକ୍ସି ମଣ୍ଡପରେ ଆୟୋଜିତ ସ୍ମୃତିଚାରଣ ସଭାରେ ପିସିସି ସଭାପତି ଙ୍କ ବ୍ୟତିତ ପୁର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ସୁର ରାଉତରାୟ,ପୁର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ,ପ୍ରାକ୍ତନ ମୁଖ୍ୟଶାସନ ସଚୀବ ବିଜୟ ପଟ୍ଟନାୟକ,ପ୍ରଭାରୀ ସିପି ମିତ୍ତଲ,ହଳଧର ସେଠୀ,ମାନସ କର,ସୋର ର ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଧାନ ଶିକ୍ଷକଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ । ବିଶେଷ କରି କଂଗ୍ରେସ ବିଚାରଧାରା ପାଇଁ ତାଙ୍କୁ କିଭଳି ଜେଲ ଯିବାକୁ ପଡିଥିଲା ସେ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ । ସ୍ୱର୍ଗତ ବେହେରାଙ୍କ ବିଭିନ୍ନ ଗୁଣାବଳୀକୁ ନେଇ ପ୍ରସ୍ତୁତ ସ୍ମରଣିକା ମନେ ପଡନ୍ତି ମନସାରକୁ କଂଗ୍ରେସ ନେତୃବୃନ୍ଦ ଉନ୍ମୋଚନ କରିଥିଲେ । ମନୋରଞ୍ଜନ ବେହେରାଙ୍କ ପୁଅ ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ।

ସ୍ୱଚ୍ଛତା ଏବଂ ବୃକ୍ଷ ରୋପଣ ଦ୍ୱାରା ସଚେତନତା

ବାଲିଆପାଳ , ୨୬/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ସ୍ଥିତ ମଦର ଟେରେସା ସେବା ସଂଘ ପକ୍ଷରୁ ସ୍ୱଚ୍ଛତା ଏବଂ ବୃକ୍ଷ ରୋପଣ କାର ?ୟକ୍ରମ ଙ୍ଗବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସମ୍ପାଦକ ଅନିରୁଦ୍ଧ ପାତ୍ର, ସଂଯୋଜିକା ଶକୁନ୍ତଳା ପ୍ରଧାନ, ସୁଚନା ବିଭାଗର ସଭାପତି ଅନୁଜ ମହାପାତ୍ର ପ୍ରମୁଖ ଯୋଗଦେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସଫେଇ ଏବଂ ବୃକ୍ଷ ରୋପଣ କରିବା ସହିତ ରୋଗୀ ଏବଂ ସମ୍ପର୍କୀୟ ମାନଙ୍କୁ ଏଣେ ତେଣେ ଅଳିଆ ଆବର୍ଜନା ନପକାଇ ଆବର୍ଜନା କୁଣ୍ଡରେ ପକାଇବା ପାଇଁ ସଚେତନତା କରାଇଥିଲେ। ଏଥି ସହିତ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଉପସଭାପତି ପ୍ରତାପ ଚନ୍ଦ୍ର ଧଳ,ସହ ସମ୍ପାଦକ ଅଜିତ୍ କୁମାର ସେଠୀ, ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସେନାପତି, ଶିକ୍ଷକ ମନୋଜ କୁମାର ଜେନା, ବିଜୟ କୁମାର ଦାସ, ଚିରଞ୍ଜିତ ଭଞ୍ଜ, ରାଜୀବ କୁମାର ମହାନ୍ତ , ନିରଞ୍ଜନ ସାମନ୍ତରାୟ ଓ ଛାତ୍ର ମାନେ ଉପସ୍ଥିତ ଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida